ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୪/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 4/2023 Page 20 ₹ 7.00 | RAYAGADA

୪୯ଶ ଭାଗ ୩୩୯ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 339 ମୂଲ୍ୟ ₹୭/-

DSPL-334

ଓଡ଼ିଶା ସରକାର

ଆମ ଓଡ଼ିଶା
ନବୀନ ଓଡ଼ିଶା



ମୟୂରଭଞ୍ଜ ଜିଲ୍ଲା

ଯଶିପୁର • କରଞ୍ଜିଆ • ସାରସକଣା ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ
୯୦ କୋଟି ୫୦ ଲକ୍ଷ ଟଙ୍କା
ବ୍ୟୟରେ
୨ ହଜାର ୪୨୭ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ସମ୍ବଲପୁର ଜିଲ୍ଲା

୬୯ କୋଟି ଟଙ୍କା
ବ୍ୟୟରେ
୧ ହଜାର ୮୦୧ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ମାଲକାନଗିରି ଜିଲ୍ଲା

୫୫ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୧ ହଜାର ୪୩୦ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**

୪ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0057/2324

## ସଂକ୍ଷେପରେ

**କର୍ମଚାରୀ ସୁସ୍ଥ ଅବସ୍ଥା ସର୍ଭେ**

### ଭାରତକୁ ୭୬% ସ୍କୋର, ଜାପାନ ସବା ତଳେ

**ୱାଶିଂଟନ୍,୩।୧୧:** କର୍ମଚାରୀମାନଙ୍କ ସାମଗ୍ରିକ ସୁସ୍ଥତାକୁ ନେଇ କରାଯାଇଥିବା ଏକ ବିଶ୍ୱସ୍ତରୀୟ ସର୍ଭେରେ ଜାପାନ ସର୍ବନିମ୍ନ ସ୍ଥାନରେ ରହିଛି। କର୍ମଚାରୀମାନଙ୍କ ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟକୁ ନେଇ ମାକିନ୍ସେ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ମୋଟ ୩୦ଟି ଦେଶର ୩୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ କରାଯାଇଥିବା ଏହି ସର୍ଭେ ଅନୁଯାୟୀ ଦ୍ୱୀପଦେଶ ଜାପାନକୁ ୨୫ ପ୍ରତିଶତ ସ୍କୋର ମିଳିଛି। ଗୁରୁବାର ପ୍ରକାଶିତ ଏହି ଅଧ୍ୟୟନ ରିପୋର୍ଟ ଅନୁଯାୟୀ ତୁର୍କୀକୁ ସର୍ବାଧିକ ୭୮% ସ୍କୋର ମିଳିଥିବାବେଳେ ଭାରତକୁ ୭୬% ଓ ଚାଇନାକୁ ୭୫% ମିଳିଛି। ବିଶ୍ୱର ହାରାହାରି ସ୍କୋର ୫୭ ପ୍ରତିଶତ ରହିଛି। ଜୀବନବ୍ୟାପୀ ନିଯୁକ୍ତି ଦେବା ସହ ନିଯୁକ୍ତି ନିରାପତ୍ତା ନେଇ ଜାପାନୀ ବ୍ୟବସାୟର ଖ୍ୟାତି ରହିଛି। ତେବେ ସେଠାର କର୍ମଚାରୀ ନିଯୁକ୍ତିକୁ ନେଇ ଖୁସି ନ ଥିଲେ ମଧ୍ୟ ତାହାକୁ ବଦଳାଇପାରନ୍ତି ନାହିଁ। ଅନ୍ତର୍ଜାତୀୟ ସର୍ଭେରେ ଜାପାନ କ୍ରମାଗତ ଭାବେ ନିମ୍ନ ରେଟିଂରେ ରହିଆସିଛି।

### ମହିଳା ସଂରକ୍ଷଣ ବିଲ୍ ତତ୍କାଳ ଲାଗୁ ନିର୍ଦ୍ଦେଶ ଦେଇପାରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୧୧:** ଜନଗଣନା ପରେ କାର୍ଯ୍ୟକାରୀ ହେବାକୁ ଥିବା ମହିଳା ସ୍ଥାନ ସଂରକ୍ଷଣ ଆଇନର କିଛି ଅଂଶକୁ ରଦ୍ଦ କରିବା କଷ୍ଟକର ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ୧୨୮ତମ ସମ୍ବିଧାନ(ସଂଶୋଧନ) ବିଲ୍ ବା ନାରୀଶକ୍ତି ବନ୍ଦନ ଅଧିନିୟମକୁ ତୁରନ୍ତ ଲାଗୁ କରିବା ଆବେଦନକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଆସନ୍ତାବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକତୃତୀୟାଂଶ ସଂରକ୍ଷଣ ଲାଗୁ କରିବା ପାଇଁ କଂଗ୍ରେସ ନେତ୍ରୀ ଜୟା ଠାକୁର ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ। ଅଦାଲତରେ ପୂର୍ବରୁ ମଧ୍ୟ ଏଭଳି ଏକ ପିଟିଶନ ବିଚାରାଧୀନ ରହିଛି। ଉକ୍ତ ଆବେଦନ ସହ ଜୟାଙ୍କ ଆବେଦନର ଏକତ୍ର ଶୁଣାଣି ଆସନ୍ତା ୨୨ରେ ହେବ।

### ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ କ୍ଷମା ମାଗନ୍ତୁ ରାଘବ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୧୧(ପି.ଟି.):** ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ଭେଟି ନିଃସର୍ତ୍ତ କ୍ଷମା ମାଗିବା ପାଇଁ ନିଲମ୍ବିତ ଏଏପି ସଦସ୍ୟ ରାଘବ ଚଢ଼ାଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଧନ୍‌କର ତାଙ୍କ ନିଲମ୍ବନ ପ୍ରସଙ୍ଗକୁ ସମ୍ବେଦନଶୀଳତାପୂର୍ବକ ବିଚାରକୁ ନେଇପାରନ୍ତି ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଚଢ଼ାଙ୍କ ତରଫରୁ ଆଇନଜୀବୀ ଶଦନ ଫରାସତ୍ ଅଦାଲତରେ ହାଜର ହୋଇ ତାଙ୍କ ମହକିଲ ଉପରାଷ୍ଟ୍ରପତିଙ୍କୁ କ୍ଷମା ମାଗିବାକୁ ଚାହାନ୍ତି ବୋଲି କହିଥିଲେ। ଚଢ଼ା ରାଜ୍ୟ ସଭାର ସର୍ବକନିଷ୍ଠ ସଦସ୍ୟ ଏବଂ ଗୃହର ମର୍ଯ୍ୟାଦା କ୍ଷୁଣ୍ଣ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ସେ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଭେଟି ନିଃସର୍ତ୍ତ କ୍ଷମା ମାଗିବାକୁ ଚାହାନ୍ତି ବୋଲି ଫରାସତ୍ କହିଥିଲେ। ଚଢ଼ାଙ୍କୁ ରାଜ୍ୟ ସଭା ଅଧ୍ୟକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରିଥିବାବେଳେ ସେ ଏହାକୁ ଚ୍ୟାଲେଞ୍ଜ କରିଥିଲେ।

### ଦଳିତ ମହିଳାଙ୍କୁ ବଳାତ୍କାର ପରେ ୩ ଖଣ୍ଡ

**ଲକ୍ଷ୍ନୌ,୩।୧୧:** ଉତ୍ତର ପ୍ରଦେଶର ବଣ୍ଡାରେ ଜଣେ ଦଳିତ ମହିଳାଙ୍କୁ ବଳାତ୍କାର ପରେ ୩ ଖଣ୍ଡ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ୪୦ ବର୍ଷୀୟା ମହିଳା ଜଣକ ମଙ୍ଗଳବାର ଅଭିଯୁକ୍ତ ରାଜକୁମାର ଶୁକ୍ଳାଙ୍କ ଅଟାକଳ ସଫା କରିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ମହିଳାଙ୍କ ଝିଅ ସେଠାରେ ପହଞ୍ଚିବା ପରେ ଭିତରପଟୁ ବନ୍ଦ ଥିବା ଏକ ରୁମ୍‌ରୁ ମା'ଙ୍କ ଚିତ୍କାର ଶୁଣିବାକୁ ପାଇଥିଲେ। କିଛି ସମୟରେ ପରେ ଉକ୍ତ କୋଠରିର କବାଟ ଖୋଲିଥିଲା। ସେଠାରେ ମା'ଙ୍କ ମୃତଦେହ ୩ ଖଣ୍ଡ ହୋଇ ପଡ଼ିଥିବା ସେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଯୁବତୀଙ୍କ ଏତଲାକ୍ରମେ ରାଜକୁମାର ଓ ତାଙ୍କ ଭାଇ ରାମକ୍ରିଷ୍ଣାଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ତେବେ ଅଭିଯୁକ୍ତ ଦ୍ୱୟଙ୍କୁ ଧରିବାରେ ସକ୍ଷମ ହୋଇନାହିଁ।

# ଦୋଛକିରେ ଆଫଗାନ୍

## ଅନିଶ୍ଚିତତା ଭିତରେ ୧୭ ଲକ୍ଷ ପ୍ରବାସୀଙ୍କ ଭାଗ୍ୟ ଓ ଭବିଷ୍ୟତ

**ବିନା କୌଣସି ବୈଧ ଦସ୍ତାବିଜରେ ପାକିସ୍ତାନରେ ବସବାସ କରୁଥିବା ପ୍ରାୟ ୧୭ ଲକ୍ଷ ଆଫଗାନ୍‌ଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ଇସ୍‌ଲାମାବାଦର ନିର୍ଦ୍ଦେଶ ପରେ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲିହୋଇଯାଇଛି। ଗଣବିତାଡ଼ନ ଯୋଜନା ଉପରେ ପୁନର୍ବିଚାର ନେଇ ଶରଣାର୍ଥୀ ଗୋଷ୍ଠୀଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଆହ୍ୱାନକୁ ଅଣଦେଖା କରି ଆଫଗାନିସ୍ତାନ ନାଗରିକଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ପାକିସ୍ତାନ ଶୁକ୍ରବାର ଆଉ କେତୋଟି ବର୍ଡର ସେଣ୍ଟର ଖୋଲିଛି। ଆଫଗାନିସ୍ତାନ ସଂଲଗ୍ନ ପାକିସ୍ତାନୀ ସୀମା କ୍ରସିଂ ପଏଣ୍ଟ୍‌ସରେ ଟ୍ରକ୍‌ଗୁଡ଼ିକର ଲମ୍ବାଧାଡ଼ି ଦେଖିବାକୁ ମିଳିଛି। ଆଫଗାନିସ୍ତାନରେ ଆହୁରି ଖରାପ ପରିସ୍ଥିତି ଲାଗିରହିଥିବାରୁ ଆସନ୍ନ ବିପଦକୁ ଦେଖି ଏହି ହତଭାଗା ମଣିଷମାନେ ଦୋଛକିରେ ପଡ଼ିଯାଇଛନ୍ତି।**



ବର୍ଡର କ୍ରସିଂରେ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ ଆଫଗାନିସ୍ତାନରେ ନିଜ ପିଲାବେଳର ପରିଚୟପତ୍ର ଦେଖାଉଛନ୍ତି ପ୍ରବାସୀ ଅବ୍‌ଦୁଲ ରସୁଲ।

**ଇସ୍‌ଲାମାବାଦ/କାବୁଲ,୩।୧୧**

ବେଆଇନ ପ୍ରବାସୀ ଅକ୍ଟୋବର ୩୧ ସୁଦ୍ଧା ପାକିସ୍ତାନ ଛାଡ଼ି ଚାଲିଯାଆ। ଅନ୍ୟଥା ଗିରଫ ପରେ ଜବରଦସ୍ତି ବିତାଡ଼ିତ କରାଯିବ ବୋଲି ପାକିସ୍ତାନ ମାସିକିଆ ମହଲତ ସହ ଚେତାବନୀ ଦେଇଥିଲା। ଏହି ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶ ସମସ୍ତ ବିଦେଶୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ସର୍ବାଧିକ ଅସୁବିଧା ଆଫଗାନ୍‌ମାନେ ଭୋଗୁଛନ୍ତି। ଡେଡ୍‌ଲାଇନ୍‌ର କିଛି ଘଣ୍ଟା ପୂର୍ବରୁ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ନିଶ୍ଚିତ କରିବା ସକାଶେ ପାକିସ୍ତାନ କର୍ତ୍ତୃପକ୍ଷ କେତେଜଣଙ୍କ ଘରେ ବୁଲ୍‌ଡୋଜର ଲଗାଇ ସେଗୁଡ଼ିକୁ ମାଟିରେ ମିଶାଇଦେଇଛନ୍ତି। ଅଦ୍ୟାବଧି ଉତ୍ତର-ପଶ୍ଚିମରେ ଥିବା ତୋର୍ଖାମ୍ ବର୍ଡର କ୍ରସିଂ ଦେଇ ସର୍ବାଧିକ ୧,୨୮,୦୦୦ ଆଫଗାନ୍ ସ୍ୱଦେଶକୁ ଫେରିଛନ୍ତି। ପ୍ରତ୍ୟାବର୍ତ୍ତନକାରୀ ଶରଣାର୍ଥୀଙ୍କ ସଂଖ୍ୟାବୃଦ୍ଧିକୁ ଦୃଷ୍ଟିରେ ରଖି ସେଠାରେ ଆନୁଷଙ୍ଗିକ ସୁବିଧା ତିନିଗୁଣା ବଢ଼ାଯାଇଛି ବୋଲି ଖାଇବର ଜିଲା ଡେପୁଟି କମିଶନର ଅବ୍‌ଦୁଲ ନାସିର ଖାନ୍ ସୂଚନା ଦେଇଛନ୍ତି। ନଭେମ୍ବର ୧ ପରେ ଏହି କ୍ରସିଂ ପଏଣ୍ଟରେ ବେଆଇନ ପ୍ରବାସୀଙ୍କ ଭିଡ଼ ବଢ଼ିଯାଇଥିଲା। କିନ୍ତୁ ପ୍ରତ୍ୟାବର୍ତ୍ତନକାରୀଙ୍କୁ ଆଉ ଅନେକ ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁ ନ ଥିବାରୁ ସବୁକିଛି ସ୍ୱାଭାବିକ ଚାଲିଥିବା ନାସିର କହିଛନ୍ତି। ତେବେ ଆଫଗନିସ୍ତାନରେ ପହଞ୍ଚୁଥିବା ଲୋକେ ପାକିସ୍ତାନରୁ ବିଦାହୋଇ ଫେରିବାବେଳେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ଆଣିଛନ୍ତି। ନରୱେଜିଆନ୍ ରେଫ୍ୟୁଜି କାଉନ୍‌ସିଲ, ଡାନିଶ ରେଫ୍ୟୁଜି କାଉନ୍‌ସିଲ ଏବଂ ଇଣ୍ଟରନ୍ୟାଶନାଲ ରେସ୍କ୍ୟୁ କମିଟି ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି, ପାକିସ୍ତାନରୁ ଆଫଗାନିସ୍ତାନକୁ ଫେରୁଥିବା ଲୋକଙ୍କ ଦୁର୍ଦ୍ଦଶା ନ କହିବା ଭଲ। ସେମାନଙ୍କ ଭବିଷ୍ୟତ ଘୋର ଅନିଶ୍ଚିତତା ଦେଇ ଗତିକରୁଛି। ଅନ୍ୟପକ୍ଷେ ଫେବୃୟାରୀ ୮ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ପର୍ଯ୍ୟନ୍ତ ଚାଲିବାକୁ ଥିବା କାମଚଳା ସରକାରଙ୍କ ଏହି ପ୍ରତ୍ୟର୍ପଣ ନୀତିକୁ କେତେଜଣ ପାକିସ୍ତାନୀ ନେତା ଓ ଆକ୍ଟିଭିଷ୍ଟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

ସୀମାନ୍ତ ଚମନ ସହରରେ ଦୀର୍ଘ ୨୨ ବର୍ଷ ଧରି ଖୁଚୁରା ବ୍ୟବସାୟ କରିଆସିଥିବା ୫୫ ବର୍ଷୀୟ ମହମ୍ମଦ ଇସ୍‌ମାଇଲ ରଫି କହିଛନ୍ତି, ପାକିସ୍ତାନୀ ସୀମାରେ ଅତି ଖରାପ ସ୍ଥିତିରେ ଆମେ ୩ ଦିନ ବିତାଇଲୁ। ପରିବାରର ୧୬ ସଦସ୍ୟଙ୍କ ସହ ଆସବାବପତ୍ର ଧରି ଚମନରେ ଥିବା ଘର ଛାଡ଼ି ବର୍ଡରକୁ ଆସିବାରେ ଆମକୁ ୬ ଦିନ ଲାଗିଲା। ପ୍ରତ୍ୟର୍ପଣ ପ୍ରକ୍ରିୟା ପାଇଁ ପାକିସ୍ତାନୀ ଅଧିକାରୀମାନେ ଆମଠୁ ଲାଞ୍ଚ ନେଇଛନ୍ତି। ଇସ୍‌ମାଇଲ ହେଲ୍‌ମଣ୍ଡ ପ୍ରଦେଶରେ ଥିବା ନିଜ ପୈତୃକ ଘରକୁ ଫେରିବା ପୂର୍ବରୁ ଅସ୍ଥାୟୀ ଭାବେ ଅବସ୍ଥାନ କରିବା ପାଇଁ କାନ୍ଦାହାରରେ ଏକ ଭଡ଼ାଘର ନେଇଛନ୍ତି।

### କାହିଁକି ବିଦା କରୁଛି ପାକିସ୍ତାନ

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ଯୁକ୍ତି ବାଢ଼ିଛି ଯେ, ନିଜ ଆର୍ଥିକ ବ୍ୟାପାର ଓ ସୁରକ୍ଷା ସ୍ଥିତିର ଯତ୍ନ ନେବା ଅଧିକାର ଏହାର ରହିଛି। ବିନା ବୈଧ ଦସ୍ତାବିଜରେ ଦେଶରେ ବସବାସ କରୁଥିବା ଶରଣାର୍ଥୀମାନେ କୌଣସି ପ୍ରକାର ଟିକସ ଦେଉନାହାନ୍ତି। ଫଳରେ ରାଜକୋଷକୁ ବଡ଼ କ୍ଷତି ସହିବାକୁ ପଡୁଛି। ଏହାଠୁ ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଫଗାନ୍ ଶରଣାର୍ଥୀମାନେ ଆତଙ୍କବାଦୀ ଆକ୍ରମଣ, ଷ୍ଟ୍ରିଟ୍ କ୍ରାଇମ ଓ ଡ୍ରଗ୍ସ ଚାଲାଣ ଭଳି ଅନ୍ୟ ସଙ୍ଗଠିତ ଅପରାଧରେ ଜଡ଼ିତ। ଏପରି କି ସରକାର ଓ ସେନା ବିରୋଧୀ ଆକ୍ରମଣରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ରହିଛି। ଚଳିତବର୍ଷ ଘଟିଥିବା ୨୪ ଆତ୍ମଘାତୀ ବିସ୍ଫୋରଣ ମଧ୍ୟରୁ ୧୪ଟିରେ ଆଫଗାନ୍‌ଙ୍କ ହାତ ରହିଛି। ଗତବର୍ଷ ୩୬୫ ଆତଙ୍କବାଦୀ ଆକ୍ରମଣ ଘଟିଥିବାବେଳେ ଏବର୍ଷ ଏହି ସଂଖ୍ୟା ୪୧୮କୁ ବଢ଼ିଥିବା ସାଉଥ ଏସିଆନ୍ ଟେରରିଜମ୍ ପୋର୍ଟାଲରୁ ପ୍ରଘଟ ହୋଇଛି। ଅଧିକାଂଶ ଆକ୍ରମଣ ପାଇଁ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିପିପି)କୁ ଦାୟୀ କରାଯାଉଛି।

### ତାଲିବାନ୍ ଆଚମ୍ବିତ

୧୯୭୦ ଦଶକରେ ସୋଭିଏଟ୍ ଯୁଦ୍ଧ ବେଳେ ଅଧିକାଂଶ ଶରଣାର୍ଥୀ ଆଫଗାନିସ୍ତାନ ଛାଡ଼ି ପାକିସ୍ତାନ ପଳାୟନ କରିଥିଲେ। ୨୦୨୧ରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ଆଫଗାନିସ୍ତାନରୁ ଫେରିଯିବା ପୂର୍ବରୁ ଇସ୍‌ଲାମୀୟ ତାଲିବାନ୍ କାବୁଲ ଦଖଲ କରିଥିଲା। ସେହି ସମୟରେ ଆଉ ଏକ ଗଣପଳାୟନ ଦେଖିବାକୁ ମିଳିଥିଲା। ପାକିସ୍ତାନରେ ମୋଟ ୪ ନିୟୁତ ଆଫଗାନ୍ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧.୭ ନିୟୁତଙ୍କ ବୈଧ ଦସ୍ତାବିଜ ନ ଥିବା ଦର୍ଶାଇ ନଭେମ୍ବର ୧ ସୁଦ୍ଧା ଦେଶ ଛାଡ଼ି ଚାଲିଯିବାକୁ ପାକିସ୍ତାନ ନିର୍ଦ୍ଦେଶ ଦେଇଥିଲା। ଏହି ବେଆଇନ ପ୍ରବାସୀମାନେ ଇସ୍‌ଲାମୀୟ ଆତଙ୍କବାଦୀ ଆକ୍ରମଣ ଓ ପାକିସ୍ତାନର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ଅପରାଧ ଭିଆଉଥିବା ଦର୍ଶାଇ ଇସ୍‌ଲାମାବାଦ ସେମାନଙ୍କୁ କହିଥିବାବେଳେ ଏହାର ପୁନର୍ବିଚାର ପାଇଁ ଜାତିସଂଘ, ମାନବାଧିକାର ଗୋଷ୍ଠୀ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ପାକିସ୍ତାନ କାହା କଥା ଶୁଣିଲା ନାହିଁ। ତେବେ ପାକିସ୍ତାନୀ ସୁରକ୍ଷା ଏକ ଘରୋଇ ସମସ୍ୟା କହି ଅଭିଯୋଗକୁ କାବୁଲ ଖଣ୍ଡନ କରିଛି। ଏହି ହଠାତ୍ ପ୍ରତ୍ୟାବର୍ତ୍ତନରେ ଆଚମ୍ବିତ ଆଫଗାନିସ୍ତାନରେ ତାଲିବାନ୍ ପରିଚାଳିତ ପ୍ରଶାସନ କେତୋଟି ଅସ୍ଥାୟୀ ଟ୍ରାଞ୍ଜିଟ୍ ପଏଣ୍ଟ ସ୍ଥାପନ କରାଯାଇଛି।

### ଓଭରହେଡ୍ ତାରରେ ନିଆଁ: ଦୁର୍ଘଟଣାରୁ ବର୍ତ୍ତିଲା ପୁରୀ--ଜୟନଗର ଏକ୍ସପ୍ରେସ୍



**ପାଟନା,୩।୧୧**

ପୁରୀ-ଜୟନଗର ସାପ୍ତାହିକ ଏକ୍ସପ୍ରେସ୍‌ର ଯାତ୍ରୀମାନେ ଶୁକ୍ରବାର ସକାଳେ ଏକ ଅଗ୍ନି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପାଟନା-ହାଓଡ଼ା ମୁଖ୍ୟ ରେଳ ଲାଇନର ସିମୁଲତାଲା ଓ ଗୋର୍ପାରନ ରେଳଷ୍ଟେଶନ ମଧ୍ୟରେ ଟ୍ରେନ୍‌ଟି ଯାଉଥିବାବେଳେ ଓଭରହେଡ୍ ତାରରେ ନିଆଁ ଲାଗିଯାଇଥିଲା। ଟ୍ରେନ୍‌ର ବେଗ ଅଧିକ ଥିବାରୁ ଡ୍ରାଇଭର ଜରୁରୀ ବ୍ରେକ୍ ମାରିପାରିନ ଥିଲେ। ସ୍ୱାଭାବିକ ପଦ୍ଧତିରେ ଟ୍ରେନ୍ ରହିବା ବେଳକୁ ଏହା ନିଆଁ ଲାଗିଥିବା ସ୍ଥାନକୁ ଅତିକ୍ରମ କରିଯାଇଥିଲା ଓ କେତେକ ଲୁହା ରଡ୍ ଭାଙ୍ଗିଯାଇଥିଲା। ନିଆଁ ଲାଗିଥିବା ସମ୍ପର୍କରେ ଡ୍ରାଇଭର ଆର୍. ବେସେରା ସିମୁଲତାଲା ଷ୍ଟେଶନରେ ଡ୍ୟୁଟିରେ ଥିବା ଷ୍ଟେଶନମାଷ୍ଟରଙ୍କୁ ଜଣାଇବା ପରେ ସେ ଅନ୍ୟ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଫଳରେ ଉକ୍ତ ଲାଇନରେ ବିଭିନ୍ନ ଟ୍ରେନ୍ ଚଳାଚଳ ପ୍ରାୟ ୫ ଘଣ୍ଟା ବିଳମ୍ବ ହୋଇଥିଲା।

**ସିଏମ୍‌ଓଙ୍କ ଅଫିସ କ୍ୟାମ୍ପସ୍‌ରୁ କ୍ଲୋରିନ୍ ଗ୍ୟାସ୍ ଲିକ୍**

### ୧୦ ନର୍ସିଂ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି

**ମଥୁରା,୩।୧୧**

ଉତ୍ତରପ୍ରଦେଶର ମଥୁରାସ୍ଥିତ ମୁଖ୍ୟ ଚିକିତ୍ସା ଅଧିକାରୀ (ସିଏମ୍‌ଓ)ଙ୍କ ଅଫିସ କ୍ୟାମ୍ପସ୍‌ରୁ କ୍ଲୋରିନ୍ ଗ୍ୟାସ ଲିକ୍ ହୋଇ ଅନ୍ୟୂନ ୧୦ ଜଣ ନର୍ସିଂ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସିଏମ୍‌ଓ ଅଫିସ କ୍ୟାମ୍ପସ୍‌ରେ କ୍ଲୋରିନ୍ ଗ୍ୟାସ୍ ସିଲିଣ୍ଡର ରହିଥିଲା। ସେଥିରୁ ଲିକ୍ ହେବାରୁ ସେଠାରେ ଥିବା ନର୍ସିଂ ଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁବାର ମଧ୍ୟ ଗ୍ୟାସ୍ ଲିକ୍ ହୋଇଥିଲା ଓ ଏହାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା। କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେବାରୁ ଆମେ ଅସୁସ୍ଥ ହୋଇପଡ଼ିଲୁ ବୋଲି ଶୁକ୍ରବାର ଗ୍ୟାସ୍ ଲିକ୍ ଯୋଗୁ ପ୍ରଭାବିତ ହୋଇଥିବା ଛାତ୍ରୀମାନେ କହିଛନ୍ତି।

### ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି କଙ୍ଗନା

**ଦେବଭୂମି ଦ୍ୱାରକା,୩।୧୧**



ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିବା ନେଇ ଶୁକ୍ରବାର ସୂଚନା ଦେଇଛନ୍ତି। ଯଦି ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ମିଳେ ତେବେ ସେ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। କଙ୍ଗନା ଶୁକ୍ରବାର ସକାଳେ କୃଷ୍ଣଙ୍କ ଦ୍ୱାରକାଧୀଶ ମନ୍ଦିରକୁ ପୂଜା କରିବାକୁ ଆସିଥିବାବେଳେ ଖବରଦାତାମାନେ ତାଙ୍କୁ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବା ନେଇ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଥିଲେ, 'ଶ୍ରୀକ୍ରିଷ୍ଣ କୀ କୃପା ରହି ତୋ ଲଢ଼େଙ୍ଗେ'। ୬୦୦ ବର୍ଷର ଲଢ଼େଇ ପରେ ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ କରି ଭଗବାନ ରାମଙ୍କ ମୂର୍ତ୍ତି ସ୍ଥାପନ ସମ୍ଭବ କରାଇଥିବା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଙ୍ଗନା ପ୍ରଶଂସା କରିଥିଲେ। ସନାତନ ଧର୍ମର ଧ୍ୱଜା ସାରା ବିଶ୍ୱରେ ଉଡ଼ିବା ଉଚିତ ବୋଲି ଅଭିନେତ୍ରୀ କହିଛନ୍ତି। ନିକଟରେ ମୁକ୍ତିଲାଭ କରିଥିବା 'ତେଜସ୍' ଚଳଚ୍ଚିତ୍ରରେ କଙ୍ଗନା ଭାରତୀୟ ବାୟୁସେନା ପାଇଲଟ୍ ଭୂମିକାରେ ଅଭିନୟ କରୁଛନ୍ତି।




ଗାଜାର ଅଲ୍-ଶିଫା ହସ୍ପିଟାଲ ବାହାରେ ଇସ୍ରାଏଲୀ ସୈନ୍ୟଙ୍କ ଟାର୍ଗେଟର ଶିକାର ହୋଇଥିବା ପାଲେଷ୍ଟାଇନ୍ ରେଡ୍ କ୍ରେସେଣ୍ଟ ଆମ୍ବୁଲାନ୍ସ।

### ତେଲଙ୍ଗାନାରେ ଲଢ଼ିବେନି ଶର୍ମିଳା

**ହାଇଦ୍ରାବାଦ,୩।୧୧**



ୱାଇ.ଏସ୍. ଶର୍ମିଳା

ଅବିଭକ୍ତ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଝିଅ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିର ଅଧ୍ୟକ୍ଷା ୱାଇ.ଏସ୍. ଶର୍ମିଳା ନଭେମ୍ବର ୩୦ରେ ହେବାକୁ ଥିବା ତେଲଙ୍ଗାନା ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ଦୁର୍ନୀତିଗ୍ରସ୍ତ ଓ ଜନବିରୋଧୀ ଶାସନ ବିରୋଧରେ ଲଢ଼େଇରେ ଶର୍ମିଳାଙ୍କ ଦଳ କଂଗ୍ରେସକୁ ସମର୍ଥନ ଦେବ ବୋଲି ସେ ଘୋଷଣା କରିଛନ୍ତି। ସରକାର ବିରୋଧୀ ଭୋଟ ନ ଭାଙ୍ଗିବା ପାଇଁ ଶର୍ମିଳା ନିର୍ବାଚନ ଲଢ଼ିବାକୁ ମନା କରିଦେଇଛନ୍ତି। ରାଜ୍ୟ ନେତୃତ୍ୱରେ ପରିବର୍ତ୍ତନ ଆଣିବାକୁ ହେଲେ ସରକାର ବିରୋଧୀ ଭୋଟକୁ ଏକାଠି କରିବାକୁ ହେବ। ତାଙ୍କର କଂଗ୍ରେସ ନେତା ଓ କର୍ମୀମାନଙ୍କ ପ୍ରତି ସମ୍ମାନ ରହିଛି ଓ ସେ କଂଗ୍ରେସ ଭୋଟ ବିଭାଜନ କରିବାକୁ ଚାହନ୍ତି ନାହିଁ ବୋଲି ଶର୍ମିଳା କହିଛନ୍ତି। ୱାଇଆର୍‌ଏସ୍ ତେଲଙ୍ଗାନା ପାର୍ଟି କଂଗ୍ରେସ ଦଳରେ ମିଶ୍ରଣ ହେବ କିମ୍ବା ସେମାନଙ୍କ ମଧ୍ୟରେ ପ୍ରାକ୍ ନିର୍ବାଚନ ମେଣ୍ଟ ହେବା ନେଇ ଆଲୋଚନା ହେଉଥିଲା। ପୂର୍ବରୁ କଂଗ୍ରେସ ହାଇକମାଣ୍ଡଙ୍କ ସହ ବୈଠକରେ ତାହା ଫଳପ୍ରଦ ହୋଇ ନ ଥିଲା।

### ବଘେଲଙ୍କୁ ୫୦୮ କୋଟି ଦେଇଛି ମହାଦେବ ଆପ୍

**ନୂଆଦିଲ୍ଲୀ,୩।୧୧**

ମହାଦେବ ବେଟିଂ ଆପ୍‌ର ପ୍ରମୋଟର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଦେଇଥିବା ଜଣେ କୋରିୟର କହିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜଣାଇଛି। ଖୁବ୍‌ଶୀଘ୍ର ଇଡି ଏହାର ତଦନ୍ତ କରିବାକୁ ଯାଉଛି। ଖବର ଅନୁଯାୟୀ ନିକଟରେ ଜଣେ କୋରିୟରଙ୍କୁ ୫.୩୯ କୋଟି ଟଙ୍କା ସହ ଗିରଫ କରାଯାଇଥିଲା। ବଘେଲଙ୍କୁ ମହାଦେବ ଆପ୍‌ର ପ୍ରମୋଟର ୫୦୮ କୋଟି ଦେଇଥିବା ସେ ତଦନ୍ତକାରୀ ଅଧିକାରୀଙ୍କୁ କହିଛନ୍ତି। କୋରିୟର ଜଣକ ନେଉଥିବା ଟଙ୍କା ମଧ୍ୟ ବଘେଲଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଛତିଶଗଡ଼ରେ ନିର୍ବାଚନ ଖର୍ଚ୍ଚ ପାଇଁ ଏହି ଟଙ୍କା ବଘେଲ ନାମକ ରାଜନେତାଙ୍କୁ ଦେବାକୁ ନେଉଥିଲେ ବୋଲି ସ୍ୱୀକାର କରିଛନ୍ତି। ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ମତଦାନର ୪ ଦିନ ପୂର୍ବରୁ ଏଭଳି ଅଭିଯୋଗ ଆସିଛି।



ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ।

**ଅଭିଯୋଗ ଉପରେ ତଦନ୍ତ କରିବ ଇଡି**

ଛତିଶଗଡ଼ରେ ନିର୍ବାଚନ ପୂର୍ବରୁ ମହାଦେବ ଆପ୍‌ର ପ୍ରମୋଟରମାନେ ବିପୁଳ ଅର୍ଥ ପଠାଉଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିବା ପରେ ଇଡି ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ହୋଟେଲ ଟ୍ରିଟନ ଓ ଭିଲାଇରେ ଏଜେନ୍ସି ଚଢ଼ାଉ କରିବା ପରେ ଜଣେ କ୍ୟାସ୍ କୋରିୟରଙ୍କୁ ପିଛା କରି ତାଙ୍କୁ ଧରିଥିଲା। ଶାସକ କଂଗ୍ରେସକୁ ନିର୍ବାଚନୀ ଖର୍ଚ୍ଚ ବାବଦ ଟଙ୍କା ପଠାଇବା ପାଇଁ ଅସିମ୍ ଦାସ ନାମକ ବ୍ୟକ୍ତିଙ୍କୁ ୟୁଏଇରୁ ପଠାଯାଇଥିଲା ବୋଲି ଇଡି କହିଛି। ତାଙ୍କ କାର୍‌ରୁ ଏବଂ ଘରୁ ୫.୩୯ କୋଟି ଟଙ୍କା ଜବତ ହୋଇଥିଲା। ଉକ୍ତ ଅର୍ଥକୁ ମହାଦେବ ଆପ୍‌ର ପ୍ରମୋଟର ପଠାଇଥିବା ସେ ସ୍ୱୀକାର କରିଛନ୍ତି। ବେଟିଂ ଆପ୍ ସହ ସମ୍ପୃକ୍ତ କେତେକ ବେନାମୀ ବ୍ୟାଙ୍କ ଆକାଉଣ୍ଟକୁ ଇଡି ଠାବ କରିବା ସହ ୧୫.୫୯ କୋଟି ଟଙ୍କା ଥିବା ଉକ୍ତ ଆକାଉଣ୍ଟକୁ ଅକାମୀ କରିଦେଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୪/୨୦୨୩ | Bhubaneswar, Saturday, November 4/2023 | ପୃଷ୍ଠା-୧



**ମହମ୍ମଦ ନବି ପ୍ଲେୟର ଅଫ୍ ଦି ମ୍ୟାଚ**

ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଆଫଗାନିସ୍ତାନର ମହମ୍ମଦ ନବି।

୦୯

୦୮

**ଗର୍ଭବତୀ ନାହାନ୍ତି କ୍ୟାଟ୍ରିନା**

ଅଭିନେତ୍ରୀ କ୍ୟାଟ୍ରିନା କୈଫ ଗର୍ଭବତୀ ଥିବା ନେଇ କିଛିଦିନ ତଳେ ଗୁଜବ ସୃଷ୍ଟି ହୋଇଥିବାବେଳେ ଏବେ ସେ ଗର୍ଭବତୀ ନ ଥିବା ସ୍ପଷ୍ଟ ହୋଇଛି।



# ଦିଲ୍ଲୀରେ ଉତ୍କଟ ବାୟୁ ପ୍ରଦୂଷଣ

## ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି

**ନୂଆଦିଲ୍ଲୀ,୩ା୧୧**

ରାଜଧାନୀ ଦିଲ୍ଲୀ ଏବେ ବିଷ ବଳୟରେ। ସେଠାରେ ଶୁକ୍ରବାର ବାୟୁ ମାନ ଅତି ଉତ୍କଟ ସ୍ତରରେ ପହଞ୍ଚିଛି। ୨୪ ଘଣ୍ଟିଆ ହାରାହାରି ବାୟୁ ମାନ ସୂଚକାଙ୍କ ୪୬୮ ରହିଛି, ଯାହାକି 'ସିଭିୟର ପ୍ଲସ୍' ବର୍ଗରେ ଯାଉଥିବା କୁହାଯାଇଛି। ଏଭଳି ସ୍ଥିତିରେ ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରଦୂଷଣ ସୃଷ୍ଟିକାରୀ ଟ୍ରକ୍, ବ୍ୟବସାୟିକ ଯାନ, ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ବ୍ୟାନ୍ ହେବା ଜରୁରୀ। ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ବାୟୁ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପରିବେଶ ମନ୍ତ୍ରୀ ଗୋପାଳ ରାୟଙ୍କୁ ନେଇ ଶୁକ୍ରବାର ସନ୍ଧ୍ୟାରେ ବସିଥିବା ଜରୁରୀ ବୈଠକରେ ରାଜଧାନୀ ବାୟୁ ପ୍ରଦୂଷଣର ସମୀକ୍ଷା କରାଯିବା ସହ ତୁରନ୍ତ କେତେକ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ସମସ୍ତ ସରକାରୀ ବିଭାଗ ଓ ସଂସ୍ଥାଗୁଡ଼ିକ ସେମାନଙ୍କ କାର୍ଯ୍ୟରେ



ପ୍ରଦୂଷଣ ହ୍ରାସ ଉପରେ ସର୍ବାଧିକ ପ୍ରାଥମିକତା ଦେବେ। ପିଲା ଏବଂ ବରିଷ୍ଠ ନାଗରିକମାନେ ଅଧିକ ଯତ୍ନଶୀଳ ହେବା ସହ ଯେତେଦୂର ସମ୍ଭବ ଘରେ ରହିବାକୁ ପରିବେଶ ବିଭାଗ ପକ୍ଷରୁ ଆଡଭାଇଜରି ଜାରି କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଦିଲ୍ଲୀ ଜନସାଧାରଣ ଅନାବଶ୍ୟକ ଭ୍ରମଣକୁ ବନ୍ଦ କରିବେ ଏବଂ ଜରୁରୀ ଥିଲେ ସାଧାରଣ ପରିବହନ ବ୍ୟବସ୍ଥାର ଉପଯୋଗ କରିବେ, ଯଥାସମ୍ଭବ ଗାଡ଼ି ଚଳାଚଳ କମ୍ କରିବେ, ଯାହାଦ୍ୱାରା ଧୂଆଁ ଓ ଧୂଳି ପ୍ରଦୂଷଣ ହ୍ରାସ ପାଇପାରିବ। ସେହିପରି ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ ଅନୁଯାୟୀ ବାୟୁ ପ୍ରଦୂଷଣ ରୋକିବାକୁ ବିଭିନ୍ନ ପଦକ୍ଷେପ କଡ଼ାକଡ଼ି ଭାବେ ଲାଗୁ ହେବ। ସମସ୍ତ ଯାନ୍ତ୍ରିକ ରୋଡ୍ ସୁଇପର, ପାଣି ସିଞ୍ଚନକାରୀ ଯନ୍ତ୍ର, ଆଣ୍ଟି-ସ୍ମୋଗ୍ ଗନ୍‌ଗୁଡ଼ିକୁ ଅଧିକରୁ ଅଧିକ ବ୍ୟବହାର କରାଯିବା ସହ ଆବଶ୍ୟକ ହେଲେ ଦୁଇଟି ଶିଫ୍ଟରେ କାର୍ଯ୍ୟ ହେବ। ପ୍ରଦୂଷଣ ଯୋଗୁ ଅସୁସ୍ଥ ଲୋକମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବା ନିମନ୍ତେ ଦିଲ୍ଲୀର ସମସ୍ତ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ପଞ୍ଜାବ ସମେତ ପଡୋଶୀ ରାଜ୍ୟଗୁଡ଼ିକୁ ନଡ଼ାପୋଡ଼ି ବନ୍ଦ କରିବାକୁ କୁହାଯିବ। ବୁଧବାର ପଞ୍ଜାବରେ ୨,୬୮୪ଟି ନଡ଼ାପୋଡ଼ି ଘଟଣା ଘଟିଛି। ହରିୟାଣାରେ ହାରାହାରି ୯୧ଟି, ଉତ୍ତରପ୍ରଦେଶରେ ୯୫ଟି ଓ ରାଜସ୍ଥାନରେ ୬୦ଟି ଏଭଳି ଘଟଣା ଘଟୁଛି, ଯାହା ଦିଲ୍ଲୀ ବାୟୁ ପ୍ରଦୂଷଣ ଲାଗି ଅନେକାଂଶରେ ଦାୟୀ।

ବାୟୁମାନ କ୍ରମାଗତ ଭାବେ ଖରାପ ହୋଇ ଚାଲିଥିବାରୁ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ନେବା ଲାଗି ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟ ଆହ୍ୱାନ ଦେଇଥିଲେ। ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇପଡ଼ିଲେଣି ବୋଲି ସେ କହିଥିଲେ। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାବେଳେ ☞ପୃଷ୍ଠା-୨

# ଜାନୁୟାରୀ ୧୭ରେ 'ପରିକ୍ରମା' ଲୋକାର୍ପଣ

## କାର୍ଯ୍ୟର ସମୀକ୍ଷାକଲେ ଗଜପତି ମହାରାଜା



ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ ଅବସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ସହ ଆଲୋଚନା କରୁଛନ୍ତି। **(ଫଟୋ- ଯଜ୍ଞେଶ୍ୱର ମହାନ୍ତି)**

**ପୁରୀ, ୩ା୧୧ (ଅଜିତ୍ ମହାନ୍ତି)**

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅନେକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବାବେଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଶ୍ରୀସେତୁ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ଚାରିପାଖ ବୁଲି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିବା ସହ ସମୀକ୍ଷା କରିଛନ୍ତି। ସେହିପରି ଶ୍ରୀସେତୁ ଏବଂ ଶ୍ରୀଜଗନ୍ନାଥ ବଲ୍ଲଭ ଯାଇ ତୀର୍ଥଯାତ୍ରୀ କେନ୍ଦ୍ର ଓ ପାର୍କିଂ ବ୍ୟବସ୍ଥା କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ଆସନ୍ତା ଜାନୁୟାରୀ ୧୭ରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ହେବ ବୋଲି ଗଜପତି ମହାରାଜା ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଟାଟା ଏବଂ ଓବିସିସି ଅଧିକାରୀ ଉପସ୍ଥିତ ଥିଲେ।

ଗଜପତି ମହାରାଜା ପ୍ରଥମେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରକୁ ଯାଇ ସେଠାରେ ନିର୍ମାଣାଧୀନ ତୀର୍ଥଯାତ୍ରୀ କେନ୍ଦ୍ରର ନିର୍ମାଣ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ☞ପୃଷ୍ଠା-୨

# ୩ ଜଣଙ୍କ ଗଳାକାଟି ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୩ା୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ମାଓବାଦୀ ୩ ଜଣଙ୍କ ଗଳାକାଟି ହତ୍ୟା କରିଛନ୍ତି। ମୃତକମାନେ ହେଲେ କୁଲେ କତଲାମି (୩୫), ମନୋଜ କବାଚି (୨୨) ଓ ହୁଗେ କବାଚି(୨୭) । ଖବରରୁ ଜଣାପଡିଛି, ଏହି ମାଓବାଦୀମାନେ କାଙ୍କେର ଜିଲା ପଖାଞ୍ଜୁର ଅଞ୍ଚଳ ଛୋଟେ ବେଠିଆ ଥାନା ଅଞ୍ଚଳର ମେରଖଣ୍ଡି ଗ୍ରାମରେ ପହଞ୍ଚି ଗ୍ରାମରେ ଏକ ସ୍ୱତନ୍ତ୍ର ଦଳ ଗଢିବାକୁ ଗ୍ରାମବାସୀଙ୍କୁ କହିଥିଲେ। ହୁଏତ ଏଥିପାଇଁ ଗ୍ରାମବାସୀ ରାଜି ନ ହେବାରୁ ସେମାନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ସୂଚନାଦାତା ସନ୍ଦେହରେ ତିନିଦିନ ତଳେ ତିନିଜଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଡେପୁଟେଶନ ଚିନ୍ତା**

# ସ୍କୁଲ ହତାରେ ହଷ୍ଟେଲ ଛାତ୍ରଙ୍କ ଝୁଲନ୍ତା ମୃତଦେହ

**ଖୋର୍ଦ୍ଧା,୩ା୧୧ (ପ୍ରଭାତ ପାଣିଗ୍ରାହୀ)**

## ୱାର୍ଡେନ ମୋବାଇଲ ନେଇଯିବାରୁ ଆତ୍ମହତ୍ୟା ସନ୍ଦେହ

- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ
- ପୋଲିସ, ସାଇଣ୍ଟିଫିକ୍ ଟିମର ତଦନ୍ତ ଆରମ୍ଭ



ପାବଲିଆସ କାର୍ଜି

ଜଟଣୀରେ ଟ୍ୟୁଶନ ଫି' ପାଇଁ ଜଣେ ନାବାଳକ ଛାତ୍ରଙ୍କୁ ହତ୍ୟା ଘଟଣାର ୨ଦିନ ପରେ ଖୋର୍ଦ୍ଧାରେ ଘଟିଛି ଆଉ ଏକ ଅଭାବନୀୟ ଘଟଣା। ଶୁକ୍ରବାର ସକାଳେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ୫୭ନଂ. ଜାତୀୟ ରାଜପଥର ଚଣ୍ଡିତୁଆ ଛକ ନିକଟ ଏକ ଘରୋଇ ସ୍କୁଲ ପରିସର ଆମ୍ବଗଛରୁ ପୋଲିସ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଗଜପତି ଜିଲା ହୁମା ଅଞ୍ଚଳର ପାବଲିଆସ କାର୍ଜି। ଛାତ୍ର ଜଣଙ୍କ ହଷ୍ଟେଲରେ ରହୁଥିବାବେଳେ ମୋବାଇଲ ବ୍ୟବହାର କରିବା ଏବଂ ଏହାକୁ ୱାର୍ଡେନ ନେଇଯିବାରୁ ଭୟରେ ଏଭଳି ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ସଦର ଏସ୍‌ଡିପିଓ ଦିଲୀପ ଦାସ, ତହସିଲଦାର ବିଭାସ ପାଣିଗ୍ରାହୀ, ଥାନାଧିକାରୀ ତାରିକ ଅହମ୍ମଦ ପ୍ରମୁଖ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଅଧିକାରୀମାନେ ପାବଲିଆସ ରହୁଥିବା ହଷ୍ଟେଲ ଶଯ୍ୟା ଯାଞ୍ଚ କରିବା ସହ ୱାର୍ଡେନ, ସ୍କୁଲ ଅଧ୍ୟକ୍ଷ ଏବଂ ଅନ୍ତେବାସୀ (ସହପାଠୀ)ଙ୍କୁ ପଚରାଉଚରା କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ମେଡିକାଲ ପଠାଇଛି। ଅନ୍ୟପଟେ ପୁଅର ଆତ୍ମହତ୍ୟା ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେମାନେ ଏନେଇ ଥାନାରେ ଏତଲା ଦେବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସୂଚନା ମୁତାବକ, ପାବଲିଆସ ହଷ୍ଟେଲରେ ରହି ପାଠ ପଢୁଥିଲେ। ପୂଜା ଛୁଟି ପରେ ଗତ ୩୦ତାରିଖ(ସୋମବାର)ରେ ବାପାଙ୍କ ସହ ସ୍କୁଲକୁ ଫେରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ହଷ୍ଟେଲ ୱାର୍ଡେନ ରୁମ୍ ଚେକିଂ କରିବା ସମୟରେ ପାବଲିଆସଙ୍କ ଶଯ୍ୟା ନିକଟରେ ☞ପୃଷ୍ଠା-୨





# ସୁପ୍ରିମକୋର୍ଟ 'ତାରିଖ ପେ ତାରିଖ' କୋର୍ଟ ନୁହେଁ

## ମାମଲାଗୁଡ଼ିକର ବାରମ୍ବାର ଆଡଜର୍ନମେଣ୍ଟକୁ ନେଇ ସିଜେଆଇଙ୍କ ଅସନ୍ତୋଷ

**ନୂଆଦିଲ୍ଲୀ,୩ା୧୧**

ସୁପ୍ରିମକୋର୍ଟରେ ବିଚାରାଧୀନ ସଦ୍ୟ ପ୍ରସଙ୍ଗଗୁଡ଼ିକର ଶୁଣାଣି ପାଇଁ ଆଉ ଅଧିକ ସମୟ ନ ମାଗିବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶୁକ୍ରବାର ଓକିଲମାନଙ୍କୁ ପରାମର୍ଶ ଦେଇଛନ୍ତି। ହିନ୍ଦୀ ଫିଲ୍ମ 'ଦାମିନୀ'ରେ ଅଭିନେତା ସନି ଦେଓଲଙ୍କ ଡାଇଲଗ୍‌କୁ ମନେପକାଇ ସିଜେଆଇ କହିଛନ୍ତି, ସୁପ୍ରିମକୋର୍ଟକୁ 'ତାରିଖ ପେ ତାରିଖ' କୋର୍ଟ କରିବାକୁ ସେ ଚାହୁଁନାହାନ୍ତି।



ଡି.ୱାଇ. ଚନ୍ଦ୍ରଚୂଡ଼

ସର୍ବୋଚ୍ଚ ଅଦାଲତରେ ଶୁଣାଣି ଆରମ୍ଭ ହେବା ପରେ ସିଜେଆଇ ଚନ୍ଦ୍ରଚୂଡ଼ ଗତ ୨ ମାସ ମଧ୍ୟରେ ଆଇନଜୀବୀମାନେ ମାଗିଥିବା ତାରିଖକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେବଳ ସେପ୍ଟେମ୍ବର ଓ ଅକ୍ଟୋବରରେ ଆଇନଜୀବୀମାନେ ନୂଆ ମାମଲାଗୁଡ଼ିକରେ ୩,୬୮୮ ଥର ଆଡ୍‌ଜର୍ନମେଣ୍ଟ ସ୍ଲିପ୍ ଦାଖଲ କରି ଅଧିକ ସମୟ ମାଗିଥିଲେ। ଅତି ଜରୁରୀ ନ ପଡ଼ିଲେ ଦୟାକରି ଆଡ୍‌ଜର୍ନମେଣ୍ଟ ସ୍ଲିପ୍ ଦାଖଲ କରନ୍ତୁ ନାହିଁ। ଏହି କୋର୍ଟକୁ ମୁଁ 'ତାରିଖ ପେ ତାରିଖ' କୋର୍ଟରେ ପରିଣତ କରିବାକୁ ଚାହୁଁନାହିଁ ବୋଲି ଜଷ୍ଟିସ୍ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠର ଅଧ୍ୟକ୍ଷତା କରୁଥିବା ସିଜେଆଇ ପ୍ରକାଶ କରିଥିଲେ। ସିଜେଆଇ ଆହୁରି କହିଥିଲେ, ବର୍ତ୍ତମାନ ଓକିଲ ସଂଘଗୁଡ଼ିକର ସହଯୋଗକ୍ରମେ ନୂଆ ମାମଲାଗୁଡ଼ିକୁ ତାଲିକାଭୁକ୍ତ କରିବା ନେଇ ସମୟ ବ୍ୟବଧାନ ହ୍ରାସ ପାଇଛି। କିନ୍ତୁ ସେଗୁଡ଼ିକ ଖଣ୍ଡପୀଠଙ୍କ ନିକଟରେ ଶୁଣାଣି ପାଇଁ ଲିଷ୍ଟିଂ ହେବା ପରେ ଓକିଲମାନେ ଆଡଜର୍ନମେଣ୍ଟ କଲ୍ଚର ଆପଣାଉଛନ୍ତି। ଏହା ବାହ୍ୟ ଦୁନିଆକୁ ଅତି ଖରାପ ସନ୍ଦେଶ ଦେଉଛି। ନଭେମ୍ବର ୩ ପାଇଁ ଆମେ ୧୭୮ ଆଡଜର୍ନମେଣ୍ଟ ସ୍ଲିପ୍ ପାଇଛୁ। ଅକ୍ଟୋବାର ଆରମ୍ଭରୁ ପ୍ରତିଦିନ ଏଭଳି ୧୫୦ ସ୍ଲିପ୍ ମିଳିଛି। ମାମଲାର ଶୁଣାଣିକୁ ତ୍ୱରାନ୍ୱିତ କରିବାରେ ଏହା ବଡ଼ ବାଧକ ବୋଲି ସିଜେଆଇ କହିଛନ୍ତି। ପ୍ରକାଶ ଯେ, ୧୯୯୩ରେ ମୁକ୍ତିଲାଭ କରିଥିବା 'ଦାମିନୀ' ☞ପୃଷ୍ଠା-୨

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକଙ୍କର ଗୁରୁ, ହିଆଟି ଚିକ୍କଣ ମୁହଁଟି ସରୁ।**

ସାଧାରଣତଃ ଛାତିରେ ବାଳ ନ ଥିବା ବ୍ୟକ୍ତି ଓ ଅତି ସରୁ ବା ପତଳା ମୁହଁ ଥିବା ବ୍ୟକ୍ତି ଆଦୌ ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଅନ୍ୟକୁ ମିଛ ସତ କହି ଠକିବାରେ ବେଶ୍ ସିଦ୍ଧହସ୍ତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଠାକୁର ଖାଇ ଖଟୁଲି ଖାଇବା।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରି ଦେଉଥିବାର ଦେଖିବାକୁ ମିଳିଥାଏ। ଲାଭ ସହ ମୂଳଧନ ଖାଉଥିବା ଲୋଭୀ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

**ଭୁବନେଶ୍ୱର/ଡେରାବିଶ,୩।୧୧ (ସତ୍ୟଜିତ୍ ରାଉତ/ବେବର୍ତ୍ତା ଅଜୟ ଦାସ)**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର କଟକ ଜିଲା ସାଲେପୁର ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଅର୍ଜୁନଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ା ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ବହୁ କୋଟିର ସମ୍ପତ୍ତି ଠାବ ହୋଇଛି। ଚଢ଼ାଉ ହୋଇଥିବା ସ୍ଥାନ ମଧ୍ୟରେ ଅର୍ଜୁନଙ୍କ ସାଲେପୁରସ୍ଥିତ ସରକାରୀ ବାସଭବନ, କେନ୍ଦ୍ରାପଡ଼ା ଜିଲା ରାଇପୁରସ୍ଥିତ ସମ୍ପର୍କୀୟଙ୍କ ଘର, ବଡ଼ହାଟସ୍ଥିତ ଘନିଷ୍ଠ ସହଯୋଗୀଙ୍କ ଘର, ଡିଷ୍ଟ୍ରିକ୍ଟ ଏଗ୍ରିକଲ୍‌ଚର ଅଫିସ ନିକଟରେ ରହିଥିବା ଅନ୍ୟ ଜଣେ ଘନିଷ୍ଠ ସହଯୋଗୀଙ୍କ ଭଡ଼ଘର ପୈତୃକ ଗାଁ ଡେରାବିଶ ବ୍ଲକ ଅଧୀନସ୍ଥ ସଦାନନ୍ଦପୁର ଘରେ ଏବଂ ସାଲେପୁର ଅଫିସସ୍ଥିତ ତାଙ୍କ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ୮ଜଣ ଡିଏସ୍‌ପି, ୮ ଇନ୍ସପେକ୍ଟର, ୭ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି।



ଭୁବନେଶ୍ୱର ଖଣ୍ଡଗିରି ବିହାରସ୍ଥିତ ଅର୍ଜୁନଙ୍କ ୩ ମହଲା ଘର।

ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟାରେ ମିଳିଥିବା ରିପୋର୍ଟ ଅନୁଯାୟୀ, ଅର୍ଜୁନଙ୍କ ଭୁବନେଶ୍ୱର ଖଣ୍ଡଗିରି ବିହାରସ୍ଥିତ ପ୍ଲଟ ନଂ. ୪୫ରେ ଥିବା ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୩ ମହଲା କୋଠା, କେନ୍ଦ୍ରାପଡ଼ା ଡେରାବିସ୍ ସୁଦାନନ୍ଦପୁରସ୍ଥିତ ପ୍ଲଟ୍ ନଂ. ୧୭୨୯ରେ ଥିବା ଏକ ମହଲା କୋଠା ଠାବ ହୋଇଛି। ଏଥିସହ ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ଗୋଟିଏ ପ୍ଲଟ୍ ଓ କେନ୍ଦ୍ରାପଡ଼ା ଜିଲାରେ ୨୦ଟି ପ୍ଲଟ୍ ଠାବ ହୋଇଥିବା ଜଣାପଡ଼ିଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍‌ନିକାଲ୍ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଅର୍ଜୁନଙ୍କ ବ୍ୟାଙ୍କ, ଜୀବନବୀମା ଓ ଅନ୍ୟାନ୍ୟ ଜମା ୭୦.୦୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ୨ ଲକ୍ଷ ୮୩ ହଜାର ୯୪୦ ନଗଦ ଟଙ୍କା, ୨୧୮ ଗ୍ରାମର ସୁନା ଅଳଙ୍କାର, ପ୍ରାୟ ୪୧ ଲକ୍ଷ ଟଙ୍କାର ୩ଟି ଚାରିଚକିଆ ଯାନ, ୨ ବାଇକ୍ ଏବଂ ଅନ୍ୟ ଘରୋଇ ସାମଗ୍ରୀ ଆଦି ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ଅର୍ଜୁନଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ତେବେ ଅର୍ଜୁନଙ୍କ ସମ୍ପତ୍ତିର ପରିମାଣ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

**୩ ଜିଲାର ୮ ସ୍ଥାନରେ ଚଢ଼ାଉ**

- ଦୁଇ କୋଠା ସମେତ ୨୧ ପ୍ଲଟ୍ ଠାବ



ଅର୍ଜୁନ କୁମାର ସାହୁ

# ୨ ଭାଇ,ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ

## ବାଇକ୍ ଉପରେ ମାଡ଼ିଗଲା ହାଇୱା

**ଘସିପୁରା,୩।୧୧ (ନିରଞ୍ଜନ ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥର ଘସିପୁରା ଥାନା ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଉପରେ ହାଇୱା ମାଡ଼ିଯିବାରୁ ୩ ଜଣଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଆନନ୍ଦପୁର ଥାନା ବଞ୍ଚୋ ଗ୍ରାମର ପ୍ରଭାତ ବିଶ୍ୱାଳଙ୍କ ପୁଅ ପ୍ରଭଞ୍ଜନ, ପ୍ରଭୁଦତ୍ତ ଓ ତାଙ୍କ ଯାଜପୁର ଜିଲା ଅଧୀନ ବାରାଗଡ଼ିଆ ଗ୍ରାମର ସମ୍ପର୍କୀୟ ଭଉଣୀ ପିଙ୍କି ପ୍ରଧାନ।

ସୂଚନା ମୁତାବକ, ପ୍ରଭଞ୍ଜନ, ପ୍ରଭୁଦତ୍ତ ପରିବାର ସହ ବାରାଗଡ଼ିଆରେ ରହୁଥିଲା ବେଳେ ସମ୍ପର୍କୀୟ ଭଉଣୀ ପିଙ୍କିଙ୍କ ସହ ଏକ ବାଇକ୍ (ଓଡି ୩୪କ୍ୟୁ-୪୦୨୯)ଯୋଗେ ଆନନ୍ଦପୁରସ୍ଥିତ ନିଜ ଗ୍ରାମ ବଞ୍ଚୋ ଅଭିମୁଖେ ଆସୁଥିଲେ। ସେଠାରୁ ତାଙ୍କର ଭଦ୍ରକ ଯିବାର ଥିଲା। ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ସମ୍ମୁଖ ଭାଗରୁ ଆସୁଥିବା ହାଇୱା (ଓଡି ୦୯ ୱାଇ-୯୬୮୨) ସେମାନଙ୍କୁ ଧକ୍କାଦେଇ ବାଇକ୍ ଉପରେ ମାଡ଼ିଯାଇଥିଲା। ବାଇକ୍‌ରେ ଥିବା ୩ ଭଉଣୀ,ଭାଇ ଗୁରୁତର ହୋଇଥିଲେ। ଘସିପୁରା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାରକରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ହାଇୱାକୁ ପୋଲିସ ଜବତ କରିଥିବା ବେଳେ ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁଇ ଦୁଇଟି ଭେଣ୍ଡିଆ ପୁଅଙ୍କୁ ହରାଇଥିବା ମାଆ ଏବଂ ଝିଅକୁ ହରାଇଥିବା ମାଆଙ୍କ ହୃଦୟବିଦାରକ କାନ୍ଦ ଚିକିତ୍ସାଳୟ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ଏନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ୍ | ଗର୍ଭବତୀ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଚାନ୍ଦବାଲି, ୩।୧୧ (କିଷାନ ପାତ୍ର/ଅଶୋକ ପଣ୍ଡା)**

ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଉଗ୍ରତରା ମୁନିଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ଏକ ଦମ୍ପତିଙ୍କୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ଚାନ୍ଦବାଲି ବ୍ଲକ ଅଧୀନ ଓରାସାହି ପଞ୍ଚାୟତ ବାଘନଟା ଗାଁର ଦେବବ୍ରତ ରାଉଳଙ୍କ ସ୍ତ୍ରୀ ଅନିତା ନାୟକ(୩୧)। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ।

ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଦେବବ୍ରତ ଓ ଅନିତା ଏକ ବାଇକ୍‌ରେ ଭଦ୍ରକ ଅଭିମୁଖେ ଯାଉଥିଲେ। ଉକ୍ତ ଛକ ନିକଟରେ ପିକ୍‌ଅପ୍ ଭ୍ୟାନ୍ ବାଇକ୍‌କୁ ଧକ୍କାଦେଇ ଏକ ପୋଖରୀକୁ ଓଲଟିପଡ଼ିଥିଲା। ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଅଟୋ ଯୋଗେ ନେଇ ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ବଡ଼ ମେଡିକାଲ ପାଖରେ ଅନିତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନିତା ୪ ମାସର ଗର୍ଭବତୀ ଥିଲେ ବୋଲି ଡାକ୍ତରଙ୍କ ସୂତ୍ରରୁ ଜଣାପଡ଼ିଛି। ଗୁରୁତର ଦେବବ୍ରତ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ଦୁର୍ଘଟଣା ଖବରପାଇ ଚାନ୍ଦବାଲି ଥାନା ପୋଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କୁ ଧାନ ବିଲ ମଧ୍ୟରୁ କାବୁ କରିବା ପରେ ଗିରଫ କରିଛି। ଇନ୍ସପେକ୍ଟର ପଞ୍ଚାନନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପରେ ସନ୍ଧ୍ୟାରେ ମୃତ ଅନିତାଙ୍କ ବାପଘର ଲୋକଙ୍କ ସମେତ ଗ୍ରାମବାସୀ ମତୋ ଚଷାଖଣ୍ଡ ଗାଁ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ ଏବଂ ଇନ୍ସପେକ୍ଟର ମହାନ୍ତି ଲୋକଙ୍କୁ



ବୁଝାଶୁଝା କରିବା ସହ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକଙ୍କ ସହ କଥା ହୋଇ କ୍ଷତିପୂରଣ ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତ ଅନିତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୩୪/୨୩) ରୁଜୁ ହୋଇଛି।

ପ୍ରଥମ ପୃଷ୍ଠାରୁ...

## ଜାନୁୟାରୀ ୧୭ରେ 'ପରିକ୍ରମା' ...

୨୩୦ କୋଟି ୬୨ ଲକ୍ଷ ୫୦ ହଜାର ଟଙ୍କାରେ ଏହି ବିଶାଳ ୫ ମହଲା ବିଶିଷ୍ଟ ତୀର୍ଥଯାତ୍ରୀ କେନ୍ଦ୍ର ନିର୍ମାଣ ହେଉଛି। ଏହାପରେ ଗଜପତି ମହାରାଜା ଶ୍ରୀସେତୁ ପ୍ରକଳ୍ପ କାମ ବୁଲି ଦେଖିଥିଲେ। ପରେ ସେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଶେଷରେ ଗଜପତି ମହାରାଜା ସୂଚନା ଦେଇ କହିଥିଲେ ଯେ, ମହାପ୍ରଭୁଙ୍କ କୃପାରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ଜାନୁୟାରୀ ୧୭ରେ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଓ ଲୋକାର୍ପଣ କରାଯିବ। ଏଥିଲାଗି ୧୨ତାରିଖରୁ ହୋମଯଜ୍ଞ, ପୂଜାର୍ଚ୍ଚନା ଆରମ୍ଭ ହୋଇ ୫ଦିନ ଚାଲିବ। ଏ ସଂକ୍ରାନ୍ତରେ ପ୍ରସ୍ତାବ ଦିଆଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯାଇ ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ନିଆଯିବ। ପରିକ୍ରମା ପ୍ରକଳ୍ପ ଶୀଘ୍ର ଶେଷ ହେଲେ ଭକ୍ତ ଉପକୃତ ହେବେ ଓ ପୁରୀରୁ ସୁଖଦ ଅନୁଭୂତି ନେଇ ଫେରିବେ। ପୁରୀକୁ ଆସୁଥିବା ଭକ୍ତ ସିଧାସଳଖ ଶ୍ରୀସେତୁ ଦେଇ ଆସି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ନିର୍ମାଣ ହେଉଥିବା ତୀର୍ଥଯାତ୍ରୀ କେନ୍ଦ୍ରରେ ପହଞ୍ଚିବେ। ସେଠାରେ କାର୍, ଦୁଇଚକିଆ ଯାନ ପାର୍କିଂ ପାଇଁ ବ୍ୟବସ୍ଥା ହେଉଛି। ଏପରିକି ଭକ୍ତମାନେ ଗାଡ଼ି ରଖି କିଛି ସମୟ ବସିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସେହିପରି ମହାପ୍ରଭୁଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଲାଗି ଅଡିଟୋରିୟମ୍ ନିର୍ମାଣ ଚାଲିଛି। ଉକ୍ତ ଅଡିଟୋରିୟମ କେବଳ ପୁରୀବାସୀଙ୍କ ପାଇଁ ନୁହେଁ, ରାଜ୍ୟବାସୀ ତଥା ବିଶ୍ୱବାସୀଙ୍କ ଧାର୍ମିକ, ସାଂସ୍କୃତିକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ରହିବ। ଭକ୍ତଙ୍କ ସୁବିଧା ପାଇଁ ଫୁଡ୍ କୋର୍ଟ ଏବଂ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ରହିବ। ଭକ୍ତମାନେ ଶ୍ରୀମନ୍ଦିରଠାରୁ ଅତି କମ୍ ଦୂରରେ ସେମାନଙ୍କ ଗାଡ଼ି ରଖି ଶ୍ରୀମନ୍ଦିରକୁ ଯାଇପାରିବେ। ସେହିପରି ଶ୍ରୀମନ୍ଦିରକୁ ଯିବା ପାଇଁ ମିନିବସ୍ ସମେତ ବିଭିନ୍ନ ଗାଡ଼ି ବ୍ୟବସ୍ଥା କରାଯିବ। ଭକ୍ତଙ୍କ ନିମନ୍ତେ ଏପରି ଉତ୍ତମ ବ୍ୟବସ୍ଥା କରାଯାଉଛି। ଏସବୁ କାର୍ଯ୍ୟ ଡିସେମ୍ବରରେ ସମ୍ପୂର୍ଣ୍ଣ କରାଯିବ। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୀକୁ ଆସୁଥିବା ଭକ୍ତ ଏକ ନୂତନ ଅନୁଭୂତି ନେଇ ଫେରିବେ। ଆଧ୍ୟାତ୍ମିକ ଭାବନା ଜାଗ୍ରତ ହେବ। ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଜାନୁୟାରୀ ୧୭ରେ ଲୋକାର୍ପଣ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ସହଯୋଗରେ ଏହି ଭବ୍ୟ ଉତ୍ସବ ଆୟୋଜନ କରାଯିବ। ଏହି ପ୍ରକଳ୍ପ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭକ୍ତଙ୍କୁ ଆକର୍ଷିତ କରିବ। ତେବେ ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟ ପୂର୍ବରୁ ଶ୍ରୀସେତୁ କାର୍ଯ୍ୟ ସରିବ। ପାର୍କିଂ କାର୍ଯ୍ୟ ସରିବାକୁ ବିଳମ୍ବ ହୋଇପାରେ। ତଥାପି ଫେବୃୟାରୀ ଆଡ଼କୁ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଦାସ କହିଥିଲେ।

## ସ୍କୁଲ ହତାରେ ହଷ୍ଟେଲ ...

ମୋବାଇଲ ଚାର୍ଜରେ ଲାଗିଥିବା ଦେଖି ନେଇଯାଇଥିଲେ। ଏହାର କିଛି ସମୟ ପରେ ପାବଲିଆସଙ୍କ ନିଦ ଭାଙ୍ଗିଯିବାରୁ ସେ ମୋବାଇଲ ଖୋଜି ପାଇ ନ ଥିଲେ। କୋଠରି ଭିତରେ ସମସ୍ତେ ଶୋଇଥିବା ବେଳେ ହଷ୍ଟେଲ ପାର୍ଶ୍ୱ ଲୁହା ଗ୍ରୀଲ୍ ତାଲା ତାଡ଼ି ଛାତ ପାର୍ଶ୍ୱ ଆମ୍ବ ଗଛରେ ପାବଲିଆସ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅପରପକ୍ଷରେ ରାତିରେ କିପରି ପାବଲିଆସ୍ ଗ୍ରୀଲ୍ ତାଲା ତାଡ଼ିଲେ ଏବଂ ଏହାକୁ କେହି ଜାଣି ନ ପାରିଲେ ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ତେବେ କେତେଜଣ ସହପାଠୀଙ୍କ କହିବାନୁଯାୟୀ, ପାବଲିଆସ ଜଣେ ମେଧାବୀ ଛାତ୍ର ଥିଲେ। କ୍ରୀଡ଼ାରେ ତାଙ୍କର ରୁଚି ଥିଲା। ତାଙ୍କ ବାପା ପୋଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ସେ ପାଠପଢ଼ି ଆଇପିଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିଲେ। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଛାତ୍ରଙ୍କ ମୃତଦେହ ଜବତ କରାଯିବା ସହ ଘଟଣାସ୍ଥଳ ଯାଞ୍ଚ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ସ୍କୁଲ ଅଧ୍ୟକ୍ଷ ବି. ଇଜରାଏଲ କହିଛନ୍ତି, ସମ୍ପୃକ୍ତ ଛାତ୍ର ଦଶମ ଶ୍ରେଣୀରେ ପଢୁଥିଲେ। ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ କରୁଛି। ହଷ୍ଟେଲ ଭିତରେ ଛାତ୍ରୀଛାତ୍ରଙ୍କୁ ମୋବାଇଲ ନିଷେଧ କରାଯାଇଛି। କେବଳ ରବିବାର ଏକ ଘଣ୍ଟା ପାଇଁ କଥା ହେବାକୁ ମୋବାଇଲ ଦିଆଯାଉଛି ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ଉତ୍କଟ ...

ବ୍ୟାପକ ଗଛ କଟାକୁ ନେଇ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେଜ୍‌ରିୱାଲ ସରକାରଙ୍କ ବନ ବିଭାଗ ଉପରେ ବର୍ଷିଛନ୍ତି। ବନ ବିଭାଗର ଖାମଖିଆଲ ନୀତି ଯୋଗୁ ସହରର ବାୟୁ ବିଷରେ ପରିଣତ ହୋଇଥିବା ଜଷ୍ଟିସ୍ ଯଶମିତ୍ ସିଂ କହିଛନ୍ତି। ଆପଣମାନେ ଦିଲ୍ଲୀବାସୀଙ୍କୁ ଗ୍ୟାସ୍ ଚାମ୍ବରରେ ରଖିବାକୁ ଚାହୁଁଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଦିଲ୍ଲୀ ନାଗରିକମାନେ ଆଜି ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ସେଥିପାଇଁ ଆପଣମାନେ ଦାୟୀ ବୋଲି ଅଦାଲତ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଗୁରୁବାର ଜାତୀୟ ରାଜଧାନୀ ଅଞ୍ଚଳରେ ଅତି ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହ ସହର ମଧ୍ୟକୁ ଡିଜେଲ ଟ୍ରକ୍ ପ୍ରବେଶକୁ ନିଷେଧ କରିଥିଲେ। ଏଥିସହିତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଦୁଇଦିନ ପାଇଁ ବନ୍ଦ ଘୋଷଣା କରାଯାଇଥିଲା।

## ସୁପ୍ରିମକୋର୍ଟ 'ତାରିଖ ପେ ...

ଫିଲ୍ମରେ ସନି ଦେଓଲ ଜଣେ ଓକିଲ ଭୂମିକାରେ ନଜରକୁ ଆସିଥିଲେ। ସେ ନିଜ ମହକିଲ (ଜଣେ ବଳାତ୍କାର ପୀଡ଼ିତା)ଙ୍କ ପାଇଁ ମାମଲା ଲଢୁଥିବାବେଳେ ଅଭିଯୁକ୍ତଙ୍କ ଓକିଲ ଭୂମିକାରେ ଥିବା ଅମରୀଶ ପୁରୀ ଅଦାଲତଙ୍କୁ ଅଧିକ ସମୟ ମାଗିଥିଲେ। ଏହାକୁ ନେଇ ସନି ଦେଓଲ ବିରକ୍ତି ଭାବ ପ୍ରକାଶ କରି ଏହି 'ତାରିଖ ପେ ତାରିଖ' ଡାଇଲଗ୍ ମାରିଥିଲେ, ଯାହାକି ଅଦ୍ୟାବଧି ସିନେପ୍ରେମୀଙ୍କ ମଧ୍ୟରେ ଲୋକପ୍ରିୟ ହୋଇ ରହିଆସିଛି।

## ୩ ଜଣଙ୍କ ଗଳାକାଟି ...

ଗ୍ରାମବାସୀଙ୍କୁ ମାଓବାଦୀମାନେ ଅପହରଣ କରି ନେଇଥିଲେ। ଶୁକ୍ରବାର ରାତିରେ ସେମାନଙ୍କ ଗଳାକାଟି ହତ୍ୟା କରି ମେରଖଣ୍ଡି ଗ୍ରାମ ନିକଟରେ ମୃତଦେହ ଫୋପାଡି ଚାଲି ଯାଇଛନ୍ତି। ସେମାନେ ଛାଡିଯାଇଥିବା ପତ୍ରରେ ମହାରାଷ୍ଟ୍ରର ସି ୬୦ ସ୍ୱତନ୍ତ୍ର ଦଳ ବୋଲି ଉଲ୍ଲେଖ ଥିବା ବସ୍ତର ଆଇ.ଜି. ସୁନ୍ଦରରାଜ ପି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ** – ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ମହିଳାମାନେ ପାରିବାରିକ ଚିନ୍ତାରେ ବୁଡ଼ିରହିବେ।

**ମିଥୁନ** – କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ସହକର୍ମୀମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ାରେ ପ୍ରଶଂସାର ପାତ୍ର ହେବେ। ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** – ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତିକରି ସଫଳତା ପାଇବେ। ସନ୍ତାନହେତୁକ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପୁରୁଣା ରୋଗକଷ୍ଟ ସହିବାକୁ ପଡ଼ିପାର। ଆର୍ଥିକ ସ୍ଥିତି ଭଲ ରହିବ।

**ସିଂହ** – ଆଜିର କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅନ୍ୟମାନଙ୍କ ସକାଶେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା** – ଦୁର୍ଭାବନା ବଢ଼ିଚାଲିବ। ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି ଓ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ତୁଳା** – ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ପିଲାଙ୍କ ପାଠପଢ଼ାକୁ ନେଇ ସାମାନ୍ୟ ଚିନ୍ତିତ ହୋଇପାରନ୍ତି।

**ବିଛା** – ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ। ପିଲାମାନଙ୍କର କୃତି ଓ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ମହିଳାମାନଙ୍କ ପାଇଁ ଦିନଟି ଆମୋଦପ୍ରଦ ହେବ।

**ଧନୁ** – ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ। ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ। ଆବଶ୍ୟକତାଠୁ ଅଧିକ ବ୍ୟୟ କରିବାକୁ ବାଧ ହେବେ।

**ମକର** – ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ମହିଳାମାନେ ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ।

**କୁମ୍ଭ** – ଆଜି ହଠାତ୍ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**ମୀନ** – ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଆଜି ଦିନ ମଧ୍ୟରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଅପବାଦର ଶରବ୍ୟ ହେବେ। ସ୍ୱାସ୍ଥ୍ୟ ଭଲ ରହିବ।

ଆଜି କାର୍ତ୍ତିକ କୃଷ୍ଣ ସପ୍ତମୀ ଶନିବାର, ନଭେମ୍ବର ୪ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୨ ଗତେ ଘ.୦୮।୪୧ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୧ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।


Reliance
Growth is Life
Reliance Jewels
BE THE MOMENT
ଏକ ଅନନ୍ୟ ଦୀପାବଳୀ
ଜ୍ୱେଲରୀ କଲେକଶନ୍ 2023
Swarn Banga
ଏକ କବିତା ବେଙ୍ଗଲ୍ ଦ୍ୱାରା ଅନୁପ୍ରାଣିତ
25 %* ପର୍ଯ୍ୟନ୍ତ ଛାଡ଼
ସୁନା ଅଳଙ୍କାରର ଗଢା ମଜୁରୀ ଉପରେ
ଏବଂ ହୀରା ଅଳଙ୍କାରର ମୂଲ୍ୟ ଉପରେ ।
ସୀମିତ ଅବଧି ଅଫର୍ | * ସର୍ତ୍ତ ଓ ନିୟମାବଳୀ ଲାଗୁ
5% CASHBACK# SBI card
#Min. Trxn.: ₹25,000; Max. Cashback: ₹2,500 per card account.
Validity: 28 Oct - 11 Nov 2023. T&C Apply.
ଆମର ଅନନ୍ୟ କଲେକଶନ୍ ବିଷୟରେ
ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ୍ୟ ଉପଲବ୍ଧ www.reliancejewels.com
ଆମକୁ ଅନୁସରଣ କରନ୍ତୁ:
ଅନଗୁଳ: ଫୋନ୍: 8249389498/06764-231280 | ବାଲାଙ୍ଗୀର: ଫୋନ୍: 7008120335
ଭୁବନେଶ୍ୱର: ଜନପଥ, ଫୋନ୍: 7008218533/9835924332/7894455782/9861207889/0674-2570035/64
ବରଗଡ଼: ଫୋନ୍: 7991081172/8249056295 | ବ୍ରହ୍ମପୁର (ଓଡିଶା): ଫୋନ୍: 7008995399, 0680-2250017/18
ଭଦ୍ରକ: ଫୋନ୍: 9078000357/7377280211/8249081489 | ଢେଙ୍କାନାଳ: ଫୋନ୍: 9348432641
ଯାଜପୁର: ଫୋନ୍: 9078084953 | ଝାରସୁଗୁଡ଼ା: ଫୋନ୍: 6645291740/9861925764/8926977419
ରାଉରକେଲା: ଫୋନ୍: 8456006992/9583420586 | ସମ୍ବଲପୁର: ଫୋନ୍: 6372909946
କେନ୍ଦୁଝର: ଫୋନ୍: 7008752980 | କଟକ: ଫୋନ୍: 7682848136/0671-2520011


MARUTI SUZUKI ARENA
SWIFT
LIMITLESS THRILL
STUNNING LOOKS
SWIFT
BELIMITLESS
ନେକ୍ସଟ ଜେନ K ସିରିଜ ଇଞ୍ଜିନ
ସ୍ମାର୍ଟପ୍ଲେ ଷ୍ଟୁଡିଓ
କ୍ରୁଜ କଣ୍ଟ୍ରୋଲ
ଅଟୋ ଗିୟର ଶିଫ୍ଟ
100%^ ON-ROAD FUNDING AVAILABLE
BENEFITS UP TO ₹49 000*
GOLD COIN OFFER
^^GOLD COIN OFFER UP TO ₹5 000
SWIFT
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009. PADAMPUR : 7381661837.
ORBIT MOTORS
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.
BONAIGARH: 6372903336.
APARNAA MOTORS
SAMBALPUR (PARDHIAPALI): 9237395001.
LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.
SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.
*Offer includes consumer offer, exchange bonus, Gold coin offer and corporate offer (wherever applicable) on selected models/ variants. Above mentioned savings amount is the value of maximum savings on selected models. ^^Gold coin offer is applicable on select models/variants only on bookings of vehicle on or before 15th November, 2023. Terms and conditions apply. ^100% on-road funding is provided by select financiers only. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 15th November, 2023.

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ୍ତ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡ଼ିବ। –ଶ୍ରୀମା

# ଡେପୁଟେଶନ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୁଜରାଟ କ୍ୟାଡରର ୭ ଜଣ ଉଚ୍ଚ ପଦାଧିକାରୀ ଆଇପିଏସ୍ ଅଧିକାରୀଙ୍କ କେନ୍ଦ୍ରୀୟ ଡେପୁଟେଶନ ପାଇଁ ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ଅନୁରୋଧ କରିଛି। ଏହାକୁ ନେଇ ତାଲିକାରେ ସ୍ଥାନ ପାଇଥିବା ଅଧିକାରୀମାନଙ୍କ ମଧ୍ୟରେ ଅଧିକ ଗୁଞ୍ଜରଣ ସୃଷ୍ଟି ହେବା ସହ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହି ତାଲିକାରେ ଥିବା ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଅଛନ୍ତି ସୁରଟ ରେଞ୍ଜର ଆଇଜିପି ଭି.ଚନ୍ଦ୍ରଶେଖର, ମେହସାନାର ଅଖାଲ ତାଇଗୀ, ଆନନ୍ଦର ଏସ୍‌ପି ପ୍ରବୀଣ ମୀନା, ଅହମଦାବାଦର ଏସ୍‌ପି ଅମିତ ଭାସାଭା, ଅହମଦାବାଦ ସାଇବର ସେଲ୍‌ର ଡିସିପି ଅଜିତ ରାଜିଆନ, ଏଟିଏସ୍‌ର ଏସ୍‌ପି ସୁନୀଲ ଯୋଶୀ ଏବଂ ଅହମଦାବାଦ କେନ୍ଦ୍ରୀୟ ଜେଲର ଏସ୍‌ପି ଶ୍ୱେତା ଶ୍ରୀମାଳି। ସୂଚନାଯୋଗ୍ୟ ଯେ, କେନ୍ଦ୍ରୀୟ ଡେପୁଟେଶନରେ ଏହା ଚନ୍ଦ୍ରଶେଖରଙ୍କ ଦ୍ୱିତୀୟ କାର୍ଯ୍ୟକାଳ ହେବ। ଏହା ପୂର୍ବରୁ ସେ ସିବିଆଇରେ ଡିଆଇଜି ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ସୁନୀଲ ଯୋଶୀ ଏବଂ ଶ୍ୱେତା ଶ୍ରୀମାଳିଙ୍କ ସ୍ୱାମୀ-ସ୍ତ୍ରୀ ଯୋଡ଼ି ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନ୍‌ଆଇଏ)କୁ କେନ୍ଦ୍ରୀୟ ଡେପୁଟେଶନ ପାଇଁ ସ୍ଥିର କରାଯାଇଛି। ସିବିଆଇରେ ନ ରହିବା ଲାଗି ଯୋଶୀ ଅନୁରୋଧ କରିବା ଯୋଗୁ ତାଙ୍କୁ ଏନ୍‌ଆଇଏରେ ଦାୟିତ୍ୱଦେବା ଲାଗି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ଗୃହ ମନ୍ତ୍ରଣାଳୟ ଅବଶିଷ୍ଟ ୫ ଜଣ ଆଇପିଏସ୍ ଅଧିକାରୀଙ୍କୁ ସିବିଆଇ ଡେପୁଟେଶନ ପାଇଁ ଚୟନ କରିଥିବା ଦର୍ଶାଇଛି। ସୂଚନାନୁଯାୟୀ ବିଭିନ୍ନ ରାଜ୍ୟରୁ ମୋଟ ୧୩ ଜଣ ଆଇପିଏସ୍ ଅଧିକାରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଡେପୁଟେଶନ ପାଇଁ ଶର୍ଟଲିଷ୍ଟ କରାଯାଇଥିଲା। ୬ଜଣ ଆଇପିଏସ୍ ଅଧିକାରୀଙ୍କୁ ରିଲିଜ୍ ଲାଗି ଏମ୍‌ଏଚ୍‌ଏ ଅନ୍ୟ ରାଜ୍ୟଗୁଡ଼ିକୁ ଜଣାଇଥିବାବେଳେ ଖୁବ୍ ଶୀଘ୍ର ଗୁଜରାଟର ୭ ଜଣ କ୍ୟାଡର ଅଧିକାରୀଙ୍କ ପାଇଁ ସମାନ ଅନୁରୋଧ କରାଯିବ ବୋଲି ଆଶା କରାଯାଉଛି। ସୂତ୍ରରୁ ପ୍ରକାଶ ଯେ କେନ୍ଦ୍ରୀୟ ଏଜେନ୍ସିରେ ବିଭିନ୍ନ ପ୍ରମୁଖ ପଦବୀରେ କାର୍ଯ୍ୟ କରୁଥିବା ୧୦ରୁ ଅଧିକ ଗୁଜରାଟ କ୍ୟାଡର ଆଇପିଏସ୍ ଅଧିକାରୀଙ୍କୁ ନେଇ ଏହି ପଦକ୍ଷେପ ନିଆଯାଉଛି। ଅମଲାତନ୍ତ୍ର ଦୃଷ୍ଟିରୁ ବିଚାର କଲେ ମୋଦିଙ୍କ ଆଗମନ ପୂର୍ବରୁ ଗୁଜରାଟର ସ୍ଥିତି ଏତେ ଭଲ କେବେ ବି ନ ଥିଲା! ସମ୍ପ୍ରତି ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରୀୟ ଏଜେନ୍ସି ସମ୍ପର୍କରେ ଗୁପ୍ତ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ତାହାର ଏକ ପଦୋନ୍ନତି ତାଲିକା କିଛି ସନ୍ତୁଳନ ବିଗାଡ଼ିବା ସହ କେତେକଙ୍କୁ ଅସନ୍ତୁଷ୍ଟ କରିଛି।

### ବାବୁଙ୍କ ବିରୋଧ

ସରକାରଙ୍କ ସଫଳତାକୁ ଲୋକଲୋଚନକୁ ଆଣିବା ପାଇଁ ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପ ନିର୍ଦ୍ଦେଶକଙ୍କୁ ଜିଲା 'ରଥ ପ୍ରଭାରୀ' ଭାବେ ନିଯୁକ୍ତ କରିବା ପାଇଁ କେନ୍ଦ୍ର ଏକ ଚିଠି ଜାରି କରିବାର ଗୋଟିଏ ସପ୍ତାହ ପରେ ବାବୁମାନଙ୍କ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛି । ଫଳରେ କେନ୍ଦ୍ରର ମୋଦି ସରକାର ପଛକୁ ଫେରିଛି। ବାସ୍ତବରେ ଏହା ମୋଦି ସରକାରଙ୍କ ଏକ ଅଧୋଗତିକୁ ସୂଚିତ କରୁଛି। ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଉଛି, ନିର୍ବାଚନ ଆୟୋଗ (ଇସି) ଏକ ବିଜ୍ଞପ୍ତି ଜାରିକରି କହିଛନ୍ତି ଯେ, ଡିସେମ୍ବର ୫ ପର୍ଯ୍ୟନ୍ତ ନିର୍ବାଚନ ଆଚରଣବିଧି ବଳବତ୍ତର ଥିବା ନିର୍ବାଚନମଣ୍ଡଳୀରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ନାହିଁ। ବିରୋଧୀ ଦଳଗୁଡ଼ିକ ଏବଂ ଅବସରପ୍ରାପ୍ତ ବରିଷ୍ଠ ଅମଲାତନ୍ତ୍ରୀମାନେ ଏଭଳି ପଦକ୍ଷେପକୁ ସମାଲୋଚନା କରିବା ପରେ ସୂଚନା ଏବଂ ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ରା ମଧ୍ୟ ଇସିଙ୍କ କଥାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ, ବରିଷ୍ଠ ସରକାରୀ ଅଧିକାରୀମାନଙ୍କ ପାଇଁ 'ରଥ ପ୍ରଭାରୀ' ଶବ୍ଦ ବ୍ୟବହାର କରିବା ଯଥାର୍ଥ ନୁହେଁ ଏବଂ ଏବେ ଏହି ଅଧିକାରୀମାନଙ୍କୁ ନୋଡାଲ ଅଧିକାରୀ ଭାବେ ସମ୍ବୋଧିତ କରାଯିବ। ଯେତେବେଳେ ଅଭିଯାନ ଆରମ୍ଭ ହେବ ସେତେବେଳେ ଅମଲାତନ୍ତ୍ର ଓ ସାଧାରଣରେ ଯେଉଁ ନକାରାତ୍ମକ ଭାବ ସୃଷ୍ଟି ହେବ ତାହା ସରକାରଙ୍କୁ ଚକିତ କରିପାରେ। ଅମଲାତନ୍ତ୍ରର ଅଧିକାଂଶ କାର୍ଯ୍ୟକାଳରେ ଏକ ବାବୁ ସଂସ୍କୃତିର ବିକାଶ ହୋଇଛି, ଯେଉଁଥିରେ ବାବୁମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ସେମାନଙ୍କ ରାଜନୈତିକ ଗୁରୁମାନଙ୍କୁ ବିଶେଷଭାବରେ ଅଧିକାର ଓ ଶାସନର ନୈତିକତା ଉପରେ ପ୍ରଶ୍ନ କରିବାକୁ ସାହସ କରିଛନ୍ତି। ତେବେ ବାବୁମାନଙ୍କର ଏହି ଦୃଢ଼ ପ୍ରକୃତରେ ଏକ ବିରଳ ଘଟଣା। ଏହା ନାଗରିକ ସେବା ଏବଂ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଭଲ।

Email: dilipcherian@gmail.com

# ଇସ୍ରାଏଲକୁ ସମର୍ଥନ ଅନ୍ତରାଳେ



ଭାଳଚନ୍ଦ୍ର ଷଡ଼ଙ୍ଗୀ

ଅକ୍ଟୋବର ୭ରେ ପାଲେଷ୍ଟିନୀୟ ଚରମପନ୍ଥୀ ସଙ୍ଗଠନ 'ହମାସ୍'ର ଆକ୍ରମଣ ପରେ ଇସ୍ରାଏଲର ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ଏଯାଏ ୮ହଜାରରୁ ଅଧିକ ପାଲେଷ୍ଟିନୀୟ ପ୍ରାଣ ହରାଇଥିବା ବେଳେ ୧୮ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। ମୃତକମାନଙ୍କ ମଧ୍ୟରେ ୬୨% କେବଳ ମହିଳା ଓ ଶିଶୁ ରହିଛନ୍ତି। ସେଠାରେ ରିଲିଫ୍ ଓ ଥଇଥାନ କାମରେ ନିୟୋଜିତ ଜାତିସଂଘର ୩୫ ଜଣ କର୍ମଚାରୀ ବି ବୋମାମାଡ଼ରେ ପ୍ରାଣ ହରାଇଛନ୍ତି।

ଗାଜାଷ୍ଟ୍ରିପ୍‌ରେ ରହୁଛନ୍ତି ୨୨ ଲକ୍ଷ ପାଲେଷ୍ଟିନୀୟ। ୨୦୦୭ରୁ ଗାଜାକୁ ଏକ ଖୋଲା ଜେଲରେ ପରିଣତ କରି ରଖିଥିବା ଇସ୍ରାଏଲ ଏବେ ସେଠାକୁ ପାଣି, ଇନ୍ଧନ, ଖାଦ୍ୟ, ଜିନିଷପତ୍ର ଓ ବିଦ୍ୟୁତ୍ ଯୋଗାଣକୁ ଏକଦମ୍ ବନ୍ଦ କରିଦେଇ ସେମାନଙ୍କୁ ମୋରିବାକୁ ଷଡ଼ଯନ୍ତ୍ର କରିଛି। ପାଶ୍ଚାତ୍ୟ ଦେଶମାନଙ୍କ ସମେତ ବିଶ୍ୱର ପ୍ରାୟ ସବୁ ଦେଶର ଲୋକ ଇସ୍ରାଏଲୀ ବର୍ବରତା ଓ ଯୁଦ୍ଧକୁ ବିରୋଧ କରିଛନ୍ତି। ଅବସ୍ଥା ଏପରି ହୋଇଛି ଯେ ଶେଷରେ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିୟୋ ଗୁଟେରସଙ୍କୁ ବି ପାଲେଷ୍ଟାଇନ୍‌ବାସୀଙ୍କ ପ୍ରତି ଇସ୍ରାଏଲ କରି ଆସିଥିବା ହିଂସା, ଗୋଲାମୀ ଓ ଅମାନବିକତାକୁ ଖୋଲାଖୋଲି ଭାବେ କହିବାକୁ ପଡ଼ିଛି। ଆଜି ଇସ୍ରାଏଲ ଯୁଦ୍ଧ ବିରୋଧରେ ସମଗ୍ର ଆରବ ଜଗତ ସମେତ ବିଶ୍ୱର ଅଧିକାଂଶ ଦେଶ ସ୍ୱର ଉଠାଇଛନ୍ତି। ଏପରିକି ଇସ୍ରାଏଲର ନାଗରିକମାନେ ବି ନିଜ ଦେଶର ଯୁଦ୍ଧ ଅଭିଯାନକୁ ବିରୋଧ କରି ରାସ୍ତାକୁ ଆସିବା ଦେଖାଯାଇଛି। ସେଠାକାର ମିଡିଆର ଏକ ବଡ଼ ଭାଗ ନେତାନ୍ୟାହୁ ସରକାରଙ୍କ ଯୁଦ୍ଧଖୋର ନୀତି ବିରୋଧରେ କହିଛି। କେବଳ ଆମେରିକା, ଇଂଲଣ୍ଡ, ଜର୍ମାନୀ ପରି ହାତଗଣତି ପାଶ୍ଚାତ୍ୟ ଦେଶଙ୍କୁ ଛାଡ଼ିଦେଲେ ବିଶ୍ୱର ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଦେଶ ଇସ୍ରାଏଲ ପକ୍ଷରେ ଠିଆ ହେବାକୁ ସାହସ କରିନାହାନ୍ତି।

ପରିତାପର ବିଷୟ ଐତିହାସିକ ଭାବେ ପାଲେଷ୍ଟାଇନ ପକ୍ଷରେ ରହିଆସିଥିବା ଭାରତ ଏବେ ଇସ୍ରାଏଲ ପକ୍ଷରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଠିଆହେବା ବାରମ୍ବାର ଦେଖାଯାଇଛି। 'ହମାସ୍'ର' ଆକ୍ରମଣ ପରେ 'ଭାରତ ଇସ୍ରାଏଲ ସହିତ ଠିଆହୋଇଛି ବୋଲି ଟୁଇଟ୍ କରି ପ୍ରଧାନମନ୍ତ୍ରୀ ମୋଦି କେବଳ ପାଲେଷ୍ଟାଇନ୍‌ର ସ୍ୱାଧୀନତା ପ୍ରତି ଭାରତର ରହିଆସିଥିବା ନୀତିକୁ ବଦଳାଇ ନାହାନ୍ତି, ବରଂ ବିଶ୍ୱରେ ଭାରତର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛନ୍ତି। ଯଦିଓ ବିଶ୍ୱର ରାଜନୈତିକ ପରିସ୍ଥିତିକୁ ହୃଦୟଙ୍ଗମ କରି ଏହାର ଠିକ୍ ୪ଦିନ ପରେ ଭାରତ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରେସ୍ ବିବୃତି ଜାରି କରି ଭାରତ ପାଲେଷ୍ଟାଇନ୍‌ବାସୀଙ୍କ ସ୍ୱାଧୀନତାର



ସଂଗ୍ରାମକୁ ସମର୍ଥନ ଜାରି ରଖିବ ବୋଲି କୁହାଯାଇଛି ଏବଂ ତା'ର କିଛି ଦିନ ପରେ ପ୍ରଧାନମନ୍ତ୍ରୀ ମୋଦି ପାଲେଷ୍ଟାଇନ୍‌ର ପ୍ରଧାନମନ୍ତ୍ରୀ ମହମ୍ମଦ ଆବାସଙ୍କ ସହ ଟେଲିଫୋନରେ କଥା ହୋଇ ଗାଜାର ଯୁଦ୍ଧପୀଡ଼ିତଙ୍କୁ ମାନବୀୟ ସହାୟତା ପଠାଇଛନ୍ତି, କିନ୍ତୁ ତାହା ଭାରତର ଭାବମୂର୍ତ୍ତିକୁ ସୁଧାରିବାରେ ସହାୟକ ହୋଇନି। 'ହମାସ୍'ର ଆତଙ୍କକୁ ମାତ୍ର କିଛି ମିନିଟ୍ ମଧ୍ୟରେ ନିନ୍ଦା କରିଥିବା ପ୍ରଧାନମନ୍ତ୍ରୀ ମୋଦି ଏଯାଏ ଗାଜାରେ ଇସ୍ରାଏଲର ବର୍ବରତା ଓ ନରସଂହାରକୁ ନିନ୍ଦା କରିବାକୁ ସାହସ ଜୁଟାଇ ପାରିନାହାନ୍ତି। ଅନ୍ୟପଟେ ଇସ୍ରାଏଲକୁ ସମର୍ଥନ କରି ଶାସକ ଭାଜପାର ସମର୍ଥକ ଓ ସହଯୋଗୀ ହିନ୍ଦୁତ୍ୱବାଦୀ ଶକ୍ତିମାନେ ଏହି ଘଟଣାକୁ ନେଇ ଦେଶରେ ମୁସଲମାନଙ୍କ ବିରୋଧରେ ଘୃଣା ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି।

ତବେ 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ପରି ଭାରତ ସରକାରଙ୍କ ଇସ୍ରାଏଲୀ ପ୍ରେମ ଏବେ ପୁଣିଥରେ ସାମନାକୁ ଆସିଛି। ନିକଟରେ ଗାଜାର ଯୁଦ୍ଧ ପୀଡ଼ିତଙ୍କୁ ମାନବୀୟ ସହାୟତା ଦେବାକୁ ଏକ ଦୀର୍ଘକାଳୀନ ଯୁଦ୍ଧବିରତି ପାଇଁ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଆରବ ଲିଗ୍ ପକ୍ଷରୁ ଜୋର୍ଡାନ ଆଣିଥିବା ପ୍ରସ୍ତାବ ଉପରେ ମତଦାନ ବେଳେ ଭାରତର ଭୂମିକା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରସ୍ତାବକୁ ରୁଷିଆ, ଚାଇନାଠାରୁ ଆରମ୍ଭ କରି ସମସ୍ତ ଆରବ ଦେଶ ଏପରିକି ଫ୍ରାନ୍ସ ପରି ପାଶ୍ଚାତ୍ୟ ଦେଶକୁ ମିଶାଇ ମୋଟ ୧୨୦ ଦେଶ ସମର୍ଥନ କରିଥିବା ବେଳେ ଇସ୍ରାଏଲ ଓ ଆମେରିକା ସମେତ ମାତ୍ର ୧୪ଟି ଦେଶ ହିଁ ବିରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଆମେରିକା କେବଳ ଆଜି ନୁହେଁ ବରଂ ଆରମ୍ଭରୁ ହିଁ ଇସ୍ରାଏଲକୁ ସମର୍ଥନ ଦେଇ ଆସିଛି। ୧୯୭୨ଠାରୁ ଏଯାଏ ସଂଯୁକ୍ତ ରାଷ୍ଟ୍ରରେ ଇସ୍ରାଏଲ୍‌ର ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଦମନ ଓ ଜମି କବ୍‌ଜା ବିରୋଧରେ ଆସିଥିବା ପ୍ରସ୍ତାବଗୁଡ଼ିକ ଉପରେ ଆମେରିକା କମ୍‌ସେ କମ୍ ୫୩ ଥର ଭିଟୋ ପ୍ରୟୋଗ କରି ତାକୁ ଖାରଜ କରିଛି। ଏହାର ଅର୍ଥ ହେଲା, ଇସ୍ରାଏଲ ପାଲେଷ୍ଟାଇନ୍‌ରେ ଯେତେ ବର୍ବରତା ଓ ଯୁଦ୍ଧ ଅପରାଧ କଲେ ମଧ୍ୟ ଆମେରିକା ଜାତିସଂଘରେ ତାକୁ ଦୃଢ଼ ସମର୍ଥନ ଦେବ। ଇସ୍ରାଏଲକୁ ଏଭଳି ଅନ୍ଧ ସମର୍ଥନ ପଛରେ ପ୍ରମୁଖ କାରଣଟି ହେଲା ତୈଳ ସମ୍ପଦରେ ସମୃଦ୍ଧ ମଧ୍ୟପ୍ରାଚ୍ୟରେ ନିଜର ରାଜନୈତିକ, ସାମରିକ ଓ ଆର୍ଥିକ ପ୍ରଭାବ ଏବଂ ନିୟନ୍ତ୍ରଣକୁ ବଜାୟ ରଖିବା ପାଇଁ ଇସ୍ରାଏଲ ତା'ର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ କାମ କରୁଛି।

ଅନ୍ୟପକ୍ଷରେ ଇସ୍ରାଏଲକୁ ଭାରତ ସରକାରଙ୍କ ସମର୍ଥନ ପଛରେ ଦେଶର ସାମୂହିକ ସ୍ୱାର୍ଥ ପରିବର୍ତ୍ତେ ଗୋଟିଏ ଘରୋଇ କମ୍ପାନୀର ସ୍ୱାର୍ଥ ରହିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ମୋଦିଙ୍କ ଶାସନ କାଳରେ ଇସ୍ରାଏଲରେ ଆଦାନୀର କାରବାର ବଢ଼ିଛି। ଚଳିତ ବର୍ଷ ଇସ୍ରାଏଲର ସବୁଠାରୁ ବଡ଼ ବନ୍ଦର, ହାଇଫାକୁ ଆଦାନୀ ୧୨୦କୋଟି ଡଲାର ବିନିମୟରେ କିଣିଛି। ଏହି ବନ୍ଦରର ମାଲିକାନା ହସ୍ତାନ୍ତର ସମୟରେ ଗୌତମ ଆଦାନୀଙ୍କ ସହ ଖୋଦ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ଉପସ୍ଥିତ ଥିଲେ। ଏହା ବାଦ୍ ନିକଟରେ ଭାରତରେ ଅନୁଷ୍ଠିତ ଜି ୨୦ ବୈଠକରେ ଭାରତରୁ ୟୁରୋପକୁ ଯେଉଁ ବାଣିଜ୍ୟ କରିଡରର ନିଷ୍ପତ୍ତି ନିଆଗଲା, ତା'ର ସବୁଠାରୁ ବଡ଼ ଲାଭାର୍ଥୀ ଆଦାନୀ ହେବାକୁ ଯାଉଛି। ଭାରତ, ଇସ୍ରାଏଲ ଓ ଆମେରିକା ଉଦ୍ୟମରେ ହେବାକୁ ଯାଉଥିବା ଏହି କରିଡରରେ ଆଦାନୀର ମୁମ୍ବାଇ, ମୁନ୍ଦ୍ରା ଓ ହାଇଫା ପରି ଅନେକ ବନ୍ଦର ଓ ବିମାନ ବନ୍ଦର ଯୋଡ଼ି ହେବାକୁ ଯାଉଛି। ଏଥିରେ ଯୋଡ଼ି ହେବାକୁ ଥିବା ଗ୍ରିସ୍‌ର ପିୟେରେସ୍, ଭୋଲେସ୍ ଆଦି ବନ୍ଦରକୁ ମଧ୍ୟ କିଣିବାକୁ ଆଦାନୀ ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ କଥାବାର୍ତ୍ତା ଚାଲିଛି। ଏହା ସହିତ ଭାରତ ଏବେ ଇସ୍ରାଏଲୀ ଅସ୍ତ୍ରଶସ୍ତ୍ରର ଏକ ବଡ଼ କ୍ରେତାରେ ପରିଣତ ହୋଇଛି। ଏହିସବୁ କାରଣରୁ ହିଁ ମୋଦି ସରକାର ନିଜର ପାଲେଷ୍ଟାଇନ୍ ନୀତିରେ ପରିବର୍ତ୍ତନ କରିଛନ୍ତି।

ତେବେ ଜାତିସଂଘରେ ଗାଜାରେ ଯୁଦ୍ଧ ବିରାମ ସପକ୍ଷରେ ଶାନ୍ତି ପାଇଁ ଭୋଟ ଦେବାରୁ ବିରତ ରହି ଭାରତ ଏକ ମସ୍ତବଡ଼ ରଣକୌଶଳଗତ ଭୁଲ୍ କରିଛି ବୋଲି କୁହାଯାଇପାରେ। ଭୋଟଦାନ ବିରତ ପରେ ପରେ ଇସ୍ରାଏଲ ପାଇଁ ଗୋଇନ୍ଦାଗିରି କରୁଥିବା ଅଭିଯୋଗରେ କାତାରର ଏକ ଅଦାଲତ ଭାରତର ୮ ଜଣ ବରିଷ୍ଠ ନୌସେନା ଅଧିକାରୀଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି। ଆରବୀ ମିଡିଆରେ ଏଥିପାଇଁ ଭାରତର ଇସ୍ରାଏଲ ସପକ୍ଷବାଦୀ ପରିବର୍ତ୍ତିତ ନୀତିକୁ ଦାୟୀ କରାଯାଇଛି।

ଅନ୍ୟପକ୍ଷରେ ଇସ୍ରାଏଲ ବିରୋଧରେ ଏକାଠି ହୋଇଥିବା ତୈଳ ସମୃଦ୍ଧ ଆରବ ଦେଶଗୁଡ଼ିକୁ ଅସନ୍ତୁଷ୍ଟ କରିବା ଭାରତ ପାଇଁ ମହଙ୍ଗା ପଡ଼ିବାକୁ ଯାଉଛି। କାରଣ ଭାରତ ବାହାରେ ଅନ୍ୟ ଦେଶରେ ରହୁଥିବା ୧.୩୪କୋଟି ଭାରତୀୟଙ୍କ ମଧ୍ୟରେ ସବୁଠାରୁ ବେଶି ଅର୍ଥାତ୍ ୮୮.୮ ଲକ୍ଷ (୬୬%) ଭାରତୀୟ କେବଳ ମଧ୍ୟପ୍ରାଚ୍ୟର ଛଅଟି ଦେଶରେ ରହୁଛନ୍ତି। ସେମାନଙ୍କଠାରୁ ପ୍ରତିବର୍ଷ ବିପୁଳ ପରିମାଣର ବୈଦେଶିକ ମୁଦ୍ରା ଭାରତକୁ ଆସୁଛି। ଏହାବାଦ୍ ଆମର ମୋଟ ତୈଳ ଆବଶ୍ୟକତାର ସିଂହଭାଗଟି କେବଳ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆମଦାନୀ ହେଉଛି। ପୁଣି ସେସବୁ ଦେଶର ବଜାରରେ ଭାରତୀୟ କମ୍ପାନୀଗୁଡ଼ିକର ବିଭିନ୍ନ ସାମଗ୍ରୀର ଏକ ଚାହିଦା ରହିଛି। ଏଭଳି ପରିସ୍ଥିତିରେ ଇସ୍ରାଏଲକୁ ସମର୍ଥନ କରିବା ନାଁରେ ଉପରୋକ୍ତ ଦେଶମାନଙ୍କ ସହ ଆମର ସମ୍ପର୍କକୁ ଖରାପ କରିବା ଦେଶର ସ୍ୱାର୍ଥକୁ ପ୍ରଭାବିତ କରିବ।

ମୋ: ୯୪୩୭୧୬୬୩୯୧

# ଚା'ର ମଜା



ଶୁଭନାରାୟଣ ଶତପଥୀ

ଚା' ସମ୍ବନ୍ଧରେ ରୋଚକ ତଥ୍ୟ ଦେଖିବାକୁ ମିଳେ। ନମୁନା ସର୍ଭେ ରିପୋର୍ଟ ଅନୁସାରେ, ଭାରତର ମୋଟ ପରିବାର ମଧ୍ୟରୁ ପାଖାପାଖି ୮୮ଶତକଡା ଚା' ପିଇବାରେ ଅଭ୍ୟସ୍ତ। ସେହିପରି ଆମେରିକାରେ ପ୍ରାୟ ୧୫୯ ମିଲିୟନ ଅର୍ଥାତ୍ ୪୮ଶତକଡା ଲୋକ ଚା' ପିଇଥାନ୍ତି। ପ୍ରତିଦିନ ପ୍ରାୟ ୩ ବିଲିୟନ କପ୍ ଚା' ସାରା ବିଶ୍ୱରେ ପିଇଥାନ୍ତି ଓ ଭାରତରେ ଜଣେ ପ୍ରାପ୍ତବୟସ୍କ ପ୍ରତିଦିନ ହାରାହାରି ୨ କପ୍ ଚା' ପାନ କରିଥାନ୍ତି। ସବୁ ଅର୍ଥନୈତିକ ପରିସ୍ଥିତିରେ ଚା' ସ୍ଥିତି ସୁଦୃଢ଼ ଥାଏ। ଚା'ର ଆଦର ଖଟିରୁ ପାର୍ଲାମେଣ୍ଟ ଯାଏ ରହିଛି। କେଉଁଠି ଚା'କୁ ବଦଭ୍ୟାସ ବୋଲି କୁହାଯାଏ ତ ଆଉ କେଉଁଠି ଲକ୍ଷ୍ୟ ହାସଲର ମାଧ୍ୟମ କୁହାଯାଏ। ଏ ସମାଜରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଚା' ବିନା ଜୀବନ ଜିଇଥାନ୍ତି। ସେ ଯାହାହେଉନା କାହିଁକି ଚା'ର ସ୍ୱତନ୍ତ୍ରତା ସବୁଠି ରହିଛି। ୨୦୨୩ରେ ଭାରତରେ ଚା' ବଜାର ରାଜସ୍ୱ ୧୩.୬ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଥିବାବେଳେ ୨୦୨୩ରୁ ୨୦୨୮ ପର୍ଯ୍ୟନ୍ତ ବଜାର ବାର୍ଷିକ ୫.୯୭ ଶତକଡା ବୃଦ୍ଧି ପାଇବ। ତେବେ ଭାରତରେ ମୋଟ ୧୩୩୪ ମିଲିୟନ କେଜି ଚା' କାରବାର ୨୦୨୧-୨୨ରେ ହୋଇଥିବା ଜଣାଯାଏ, ଯେଉଁଥିରୁ ଅର୍ଦ୍ଧେକ ଆସାମରୁ ଉତ୍ପାଦିତ ହୋଇଥିଲା। ଭାରତରେ ବ୍ଲାକ୍, ଗ୍ରୀନ, ହ୍ୱାଇଟ, ହଳଦିଆ, ଉଲଙ୍ଗ ଟି ଆଦି ବିଭିନ୍ନ ପ୍ରକାର ଚା' ଦେଖିବାକୁ ମିଳେ। ସେହିପରି ଭାରତର ଚା' ଜର୍ମାନୀ, ଯୁକ୍ତରାଷ୍ଟ୍ର ଆମେରିକା, ଦୁବାଇକୁ ରପ୍ତାନି ହୋଇଥାଏ।

ବିଭିନ୍ନ ସିନେମାରେ ଛୋଟୁ ଚରିତ୍ରରେ ପିଲାମାନେ ବଡ଼ଲୋକମାନଙ୍କୁ ଚା' ପରିବେଷଣ କରୁଥିବା ବିବାଦୀୟ ମନେହୁଏ। କାରଣ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜୋର୍‌ଦାର ପ୍ରୟାସର ଏହା ବିପରୀତ ପ୍ରତିଫଳନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏପରି ଚିତ୍ର ଶିଶୁମାନଙ୍କ ପ୍ରଗତିରେ ବାଧକ ହୋଇଥାଏ, ଯାହାର ପ୍ରସାର ନିରୁତ୍ସାହଜନକ। ତେବେ ଚା'ଠାରୁ ଶିଶୁମାନଙ୍କୁ ବାରଣ କରିବାର ଅନେକ କାରଣ ରହିଛି। ଯେମିତି କି ଚା' ପତ୍ରରେ ମର୍କ୍ୟୁରୀ, ଲେଡ୍, ଆର୍ସେନିକ୍, କ୍ୟାଡମିୟମ ଭଳି ବିଷାକ୍ତ ଉପାଦାନ ରହିଛି। ସପ୍ତାହରେ ୫ ଲିଟରରୁ ଊର୍ଦ୍ଧ୍ୱ ଚା' ପାନ କରିବା ଦ୍ୱାରା ଦାନ୍ତ ଓ ସ୍କେଲିଟାଲ ଫ୍ଲୋରେସିସ୍ ରୋଗ ସୃଷ୍ଟିକରେ। ତେବେ ସକାରାତ୍ମକ ଦୃଷ୍ଟିକୋଣରୁ ଦେଖିଲେ ଚା' ଅବସାଦ ଦୂରକରେ, ଶକ୍ତି ସଞ୍ଚରଣ କରେ, ରକ୍ତଚାପ ହ୍ରାସ କରିବା ପାଇଁ ଲୋକେ ବ୍ୟବହାର କରନ୍ତି। ତେବେ ଚା'ରେ ଆଣ୍ଟି ଅକ୍ସିଡାଣ୍ଟ ଥିବା କୁହାଯାଏ। ହାର୍ଭାର୍ଡ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥ କୁହେ, ପାରମ୍ପରିକ ଚା'ରେ ନିର୍ଦ୍ଦିଷ୍ଟ ପରିମାଣର ପୋଷକ ନ ଥାଏ କିନ୍ତୁ ଏହା ପଲିଫିନଲରେ ଭରପୂର। ଏହା ଏକ ପାଦପ ରସାୟନ ହୋଇଥିବାରୁ ସ୍ୱାଦ ଓ ସୁଗନ୍ଧ ଦେଇଥାଏ, ଏଥିରେ ସ୍ୱାସ୍ଥ୍ୟ ଉପଯୋଗୀ ଗୁଣ ମଧ୍ୟ ଥାଇପାରେ। ସେହିପରି ଏକାଡେମୀ ଅଫ୍ ନ୍ୟୁଟ୍ରିଶନ ଓ ଡାଏଟିକ୍ସର ତଥ୍ୟ ଅନୁସାରେ ହୃଦୟ ସ୍ୱାସ୍ଥ୍ୟ, ମଧୁମେହ, କ୍ୟାନ୍‌ସର, ଓଜନ ପରିଚାଳନା ଭଳି



ଉପକାର ମିଳେ କିନ୍ତୁ ଏହାର ସେବନ ପରିମାଣ, ସମୟ, ବାରମ୍ବାରତା ଉପରେ ନିର୍ଭର କରେ।

ଚା'କୁ ନେଇ ଅନେକେ ସ୍ୱପ୍ନ ଦେଖନ୍ତି। ଲେଖକ, କବି, ଛାତ୍ରୀଛାତ୍ର, ସ୍ୱାମୀ ସ୍ତ୍ରୀ ଚା'କୁ ନେଇ ଲେଖା ଓ ଲକ୍ଷ୍ୟ ପୂରଣ କରିବା ପାଇଁ ଚେଷ୍ଟା କରନ୍ତି। ଏ ସମ୍ବନ୍ଧରେ ଏକ ସଫଳ ଘଟଣା ମନେପଡ଼େ। ପ୍ରଫୁଲ୍ଲ ବିଲୋରଙ୍କ ସ୍ୱପ୍ନ ଥିଲା ଆଇଆଇଏମ୍‌ରେ ଏମ୍‌ବିଏ ପଢ଼ିବେ। କିନ୍ତୁ ପ୍ରତିଦିନର ୧୦ ଘଣ୍ଟା ପରିଶ୍ରମ ପରେ ମଧ୍ୟ ୩ଥର କ୍ୟାଟ୍‌ରେ ସଫଳତା ନ ପାଇବା ପରେ ସେ ଅବସାଦକୁ ଚାଲିଗଲେ। ମାତାପିତାଙ୍କ ସ୍ୱପ୍ନ ପୂରଣ ଓ ବାପାଙ୍କ କଷ୍ଟ ଲାଘବ ପାଇଁ ୮୦୦୦ ଟଙ୍କା ବିନିମୟରେ ଚା' ବିକ୍ରି କଲେ। ତା'ପରେ ସେ ବିଭିନ୍ନ ଉପାୟ ଅବଲମ୍ବନ କରି ଗ୍ରାହକମାନଙ୍କୁ ଆକର୍ଷିତ କଲେ ଏବଂ ଗ୍ରାହକ ବଢ଼ିବା ସହ ବେପାର ଭଲ ହେବା କାରଣରୁ ପ୍ରଫୁଲ୍ଲ ଏମ୍‌ବିଏ ଚାଇୱାଲା ନାମରେ ଏକ ରେଷ୍ଟୁରାଣ୍ଟ ଖୋଲିଲେ। ତାଙ୍କୁ କେହି କେହି ମିଷ୍ଟର ବିଲୋର ଅହମଦାବାଦ ଚାଇୱାଲା ମଧ୍ୟ ସମ୍ବୋଧନ କଲେ। ଭାଲେଣ୍ଟାଇନ ଡେ'ରେ ଏକାକୀ ରହୁଥିବା ବ୍ୟକ୍ତିଙ୍କୁ ମାଗଣା ଚା' ସେବା ଦେଉଥିଲେ ସେ। ସେ ଆଇଆଇଏମ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଜଣାଶୁଣା। ୨୦୧୯-୨୦ରେ ଏହି ଉଦ୍ୟୋଗରୁ ସେ ୩ କୋଟି ଟଙ୍କା ପାଇଲେ। ତାଙ୍କର ଲକ୍ଷ୍ୟ ହେଲା ବ୍ୟବସାୟକୁ ସାରା ଦେଶରେ ପରିବ୍ୟାପ୍ତ କରିବା। ତାଙ୍କର ନିଜସ୍ୱ ୱେବ୍‌ସାଇଟ ଅଛି। ଏହିପରି ଅନେକ ସଫଳତା ଚା' ଦେଇଛି। ଆଦିବାସୀ ଯୁବକ ଅଜୟ ଦିନବେଳା ପାଠ ପଢ଼ିବା ସହିତ ସଞ୍ଜବେଳେ ସାଇକେଲରେ ଚା' ବିକିବା ଓ ସେ ଅର୍ଥରେ କୋଚିଂ ନେବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା।

ସେହିପରି ବି.ଟେକ୍ ଚାଏୱାଲୀ ହେଉଛନ୍ତି ବିହାରର ବର୍ତ୍ତିକା। ଫରିଦାବାଦରେ ଇଞ୍ଜିନିୟରିଂ ପଢ଼ିବା ସମୟରେ ବଳକା ସମୟକୁ ବ୍ୟବହାର କରିବାକୁ ଯାଇ ରାସ୍ତାକଡ଼ରେ ଚା' ବିକୁଥିଲେ। ସେଥିପାଇଁ ସେ ପରିଚିତ, ପ୍ରଶଂସିତ ଓ ପ୍ରେରଣାଦାୟୀ।

କପିଲଶର୍ମା ଶୋ'ରଚନ୍ଦନପ୍ରଭାକରଚାଇୱାଲା ଚରିତ୍ରରେ ବେଶ୍ ଜଣାଶୁଣା। ମେକାନିକାଲ ଇଞ୍ଜିନିୟରିଂ କରି ଚାଇୱାଲା ବ୍ୟଙ୍ଗ ଚରିତ୍ରରେ ଅଭିନୟ କରି ନାଁ କମାଇଛନ୍ତି ପଞ୍ଜାବର ଚନ୍ଦନ।

ଜଣାଯାଏ ଖ୍ରୀଷ୍ଟପୂର୍ବ ୨୦୩୭ରେ ଚାଇନା ସାମ୍ରାଜ୍ଞୀ ସେନ ନୁଙ୍ଗ ଏକ ଗଛତଳେ ବସିଥିବା ସମୟରେ ତାଙ୍କ ଚାକର ପିଇବା ପାଣିକୁ ଗରମ କରୁଥିଲେ। ଏହି ସମୟରେ ପବନରେ କିଛି ପତ୍ର ସେହି ଫୁଟୁଥିବା ପାଣିରେ ପଡ଼ିଯାଇଥିଲା। ସେନ ନୁଙ୍ଗ ଜଣେ ଚେରମୂଳୀ ବିଶାରଦ ହୋଇଥିବାରୁ ଏହି ଆକସ୍ମିକ ଘଟଣାରୁ ଚା'ର ବ୍ୟବହାରକୁ ଉଦ୍ଭାବନ କରିଥିଲେ। ସଂପ୍ରତି ଏହି ଚା' କାହାକୁ କେମିତି କେଉଁଠି ନେଇ ପହଞ୍ଚାଇ ଦେଉଛି ତାହା କଳ୍ପନା ବାହାରେ। କିନ୍ତୁ ଏହା ସତ୍ୟ ଯେ, ଅନେକ ବ୍ୟକ୍ତିଙ୍କୁ ଚା' ଦେଖାଇଛି ଗୁଜୁରାଣ ମେଣ୍ଟାଇବାର ବାଟ, ସଫଳତା ହାସଲ କରିବାର ପଥ। ଆଜିର ସମାଜରେ ଚା' ପିଉ ନ ଥିବା ଲୋକ ଅନେକ ଅଛନ୍ତି। ଆଉ ଦିନକୁ ୨୦ କପ୍‌ରୁ ଊର୍ଦ୍ଧ୍ୱ ଚା' ପିଇବାର ଅଭ୍ୟାସ ରଖିଥିବା ଲୋକ ବି ଅଛନ୍ତି। ଚା' ୱାଲା ବି ଅନେକ ଅଛନ୍ତି। ଏହା ବୈଚିତ୍ର୍ୟମୟ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

## ଏଇ ଭାରତରେ

କୁଳାକୁକୁରଙ୍କ ସେବାରେ ସମର୍ପିତ ଜଣେ ମହିଳା ହେଉଛନ୍ତି ଉଦୟପୁରର ଡା. ମାଲା। ତାଙ୍କୁ ବୟସ ଏବେ ୩୯। ମାଲା ୧୪ ବର୍ଷ ହେଲା ରାସ୍ତାରେ ରହୁଥିବା କୁକୁରମାନଙ୍କ ସେବା କରୁଛନ୍ତି। ଏଯାବତ ସେ ୨୫୦୦ ବୁଲାକୁକୁରଙ୍କୁ ଉଦ୍ଧାର କରି ନୂଆ ଜୀବନ ଦେଇସାରିଲେଣି। ସେ ଉଦୟପୁର ସହର ଓ ନିକଟବର୍ତ୍ତୀ ଗାଁଗୁଡ଼ିକରୁ ଆହତ ଓ ରୋଗଗ୍ରସ୍ତ କୁକରଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିଥାନ୍ତି। ଦୁର୍ଘଟଣାରୁ ବଞ୍ଚାଇବା ପାଇଁ କୁକୁରମାନଙ୍କୁ ରେଡିୟମ ବେଲ୍ଟ ପିନ୍ଧାଉଛନ୍ତି। ଏହିସବୁ କାର୍ଯ୍ୟ ଚାଲୁଛି ଡା.ମାଲାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆନିମଲ ପ୍ରୋଟେକ୍‌ଶନ ସୋସାଇଟି' ଦ୍ୱାରା। ମାଲାଙ୍କ ସହ ଏବେ ତାଙ୍କର ଅନେକ ବନ୍ଧୁ ଯୋଡ଼ି ହୋଇ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। କେବଳ କୁକୁର ନୁହନ୍ତି ସେ ମଧ୍ୟ ବିଭିନ୍ନ ସ୍ଥାନରୁ ଆହତ ପକ୍ଷୀମାନଙ୍କୁ ଉଦ୍ଧାର କରୁଛନ୍ତି। ସେ ପଶୁପକ୍ଷୀଙ୍କ ସୁରକ୍ଷା ଲାଗି ଏଯାବତ ୧୦୦ରୁ ଊର୍ଦ୍ଧ୍ୱ ସଚେତନତା ଅଭିଯାନ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୪ ନଭେମ୍ବର ୧୯୯୮

- ଜୟଲଳିଥାଙ୍କ ବିରୁଦ୍ଧରେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ବିଚାରପତି ନିଯୁକ୍ତିକୁ ଚାଲେଞ୍ଜ କରି ଆଗତ ପିଟିସନ ମାଡ୍ରାସ ହାଇକୋର୍ଟରେ ଖାରଜ।
- ଅତ୍ୟାବଶ୍ୟକ ସାମଗ୍ରୀର ଅତ୍ୟଧିକ ମୂଲ୍ୟ ବୃଦ୍ଧି ରୋକିବା ସକାଶେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ସମନ୍ୱୟ କମିଟିରୁ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ପ୍ରଦାନ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 9 | 5 | | | 7 | |
| 8 | | | 4 | | | 9 | | |
| 1 | | | | | | 3 | | |
| | | 6 | | 7 | 2 | | 3 | |
| | | | | | | 5 | 4 | |
| 2 | | 1 | | | | 8 | | |
| 3 | | | | | | | 8 | |
| | | | 3 | | | | | |
| | 7 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 3 | 5 | 6 | 4 | 7 | 9 |
| 5 | 4 | 6 | 7 | 9 | 1 | 3 | 8 | 2 |
| 3 | 7 | 9 | 4 | 8 | 2 | 1 | 6 | 5 |
| 8 | 6 | 1 | 2 | 4 | 9 | 5 | 3 | 7 |
| 7 | 2 | 5 | 1 | 3 | 8 | 6 | 9 | 4 |
| 4 | 9 | 3 | 6 | 7 | 5 | 2 | 1 | 8 |
| 2 | 1 | 4 | 9 | 6 | 7 | 8 | 5 | 3 |
| 6 | 5 | 7 | 8 | 2 | 3 | 9 | 4 | 1 |
| 9 | 3 | 8 | 5 | 1 | 4 | 7 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଈଶ୍ୱର ଦର୍ଶନ ଓ ପୋଷାକ ବିଧାନ

ମହାଶୟ,

ନୂଆବର୍ଷ ୨୦୨୪ ପ୍ରାରମ୍ଭରୁ ଶ୍ରୀମନ୍ଦିରରେ ପ୍ରଭୁଙ୍କର ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବା ନିୟମ କାର୍ଯ୍ୟକାରୀ ହେବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ । ଆମ ଭାରତୀୟ ସଂସ୍କୃତିରେ କିଛି ଲୋକ ଲୁଗା, କୁର୍ତ୍ତା, ପ୍ୟାଣ୍ଟ, ଶାର୍ଟ, ସଲୱାର ପଞ୍ଜାବି ପରିଧାନ କରୁଥିବାବେଳେ ମହିଳାମାନେ ସାଧାରଣତଃ ଶାଢ଼ି ପିନ୍ଧନ୍ତି। କେତେକେ ସଲୱାର ପଞ୍ଜାବି ପରିଧାନ କରିବା ବିଧାନ ରହିଛି। କିନ୍ତୁ ବଡ଼ ଦୁଃଖର କଥା ଯେ, ଆମେ ପାଶ୍ଚାତ୍ୟ ଢ଼ଙ୍ଗର ଜିନ୍ ପ୍ୟାଣ୍ଟ, ସ୍ପୋର୍ଟ୍ସ ଗଞ୍ଜି ପିନ୍ଧୁଛନ୍ତି। ଏପରି କି ଜିନ୍ ପ୍ୟାଣ୍ଟରେ ଚିରା ରହିବା, ଆଣ୍ଠୁତଳ ପୂରା ଚିରା ପିନ୍ଧିବା ପରି ଦିଶିବା କେବେ ବି ଜଣେ ଶ୍ରଦ୍ଧାଳୁ କରିବେ ନାହିଁ। ପତ୍ରପ୍ରେରକ ଦାକ୍ଷିଣାତ୍ୟର ପ୍ରଭୁ ତିରୁମାଲା ତିରୁପତିଙ୍କୁ ଦର୍ଶନ କରିବା ପାଇଁ ଯାଇଥିବାବେଳେ ଦର୍ଶନୀ ଟିକେଟ୍(ଇ)ରେ ନିର୍ଦ୍ଦେଶ ଥିଲା ଅନୁରୂପ ଆଧାତ୍ମିକ ପରିଧାନ କରିବା ପାଇଁ। ଯେଉଁମାନେ ଏକଥା ମାନୁ ନ ଥିଲେ ସେମାନଙ୍କୁ ଦର୍ଶନୀ ଧାଡ଼ିରୁ ଅଲଗା କରାଉଥିଲା। ଏକଥା ମନ୍ଦିର ସେବକ, ମନ୍ଦିର ପ୍ରଶାସନ ଦେଖିବା ଉଚିତ। ଏହା ସହ ଜନସାଧାରଣ ବୁଝି କାର୍ଯ୍ୟ କଲେ ଧର୍ମୀୟ ଭାବନା ବଜାୟ ରହିବ।

–ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

## ଚିରନ୍ତନୀ

ଆକାଶର ଶଶିତାରା
ହସି ଉଠେ ସହସା
ଫୁଲେ ଫୁଲେ ହାସ୍ୟର ବରଷା
ଧବଳିତ ଧରା ତଳେ
ହାସର ଜୁଆର ଚଳେ
ସଜଳ ପରଶ ଲଭି ସରସା
ଫୁଲେ ଫୁଲେ ହାସ୍ୟର ବରଷା।
–(ଶିଶିର-ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପୂର୍ବତନ ଟିଡିପି ନେତା କସାନି ଜ୍ଞାନେଶ୍ୱର ମର୍ଦ୍ଦରାଜଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରୁଛନ୍ତି ବିଆର୍ଏସ୍ ମୁଖ୍ୟ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ।

# ଦର୍ପଣଗଡ଼କୁ ଫେରିବ ମା' କୋଟ୍ରାକ୍ଷୀଙ୍କ ଦୁର୍ଲଭ ମୂର୍ତ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଯୋଗୁ ଦୀର୍ଘଦିନ ପୂର୍ବରୁ ଚୋରି ହୋଇଥିବା ଯାଜପୁର ଜିଲା ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ଦୁର୍ଲଭ ମୂର୍ତ୍ତିକୁ ମନ୍ଦିରରେ ପୁନଃ ପ୍ରତିଷ୍ଠା କରାଯିବ। ଉକ୍ତ ମୂର୍ତ୍ତି ଫେରାଇବା ପାଇଁ ଦିଲ୍ଲୀ କଷ୍ଟମକୁ ସୁପାରିସ କରାଯାଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଚିଠିର ପ୍ରତ୍ୟୁତ୍ତରରେ ଅବଗତ କରାଇଛନ୍ତି।

ଧର୍ମେନ୍ଦ୍ର ଗତ ଜୁଲାଇ ୧୪ରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ରାଜ୍ୟବାସୀ ବିଶେଷ ଭାବେ ଯାଜପୁର ଜିଲା ଦର୍ପଣଗଡ଼ର ଗ୍ରାମବାସୀଙ୍କ ସାଂସ୍କୃତିକ ଓ ଐତିହ୍ୟ ଦୃଷ୍ଟିକୋଣରୁ ଏ ସମ୍ପର୍କରେ ଚିଠି ଲେଖି ଜଣାଇଥିଲେ। ଏଥିରେ ଉଲ୍ଲେଖ କରିଥିଲେ, ଗତବର୍ଷ ଦିଲ୍ଲୀ ବିମାନବନ୍ଦରରେ ଏକ ଅଷ୍ଟଧାତୁ ପ୍ରତିମା ଚୋରା ଚାଲାଣ ବେଳେ ଠାବ ହୋଇଥିଲା। ଏହାପରେ ଏହାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ(ଏଏସ୍ଆଇ)କୁ ପରୀକ୍ଷା ପାଇଁ ପଠାଯାଇଥିଲା। ଉକ୍ତ ପ୍ରତିମାଟି ଯାଜପୁର ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଆ କୋଟ୍ରାକ୍ଷୀଙ୍କ ବୋଲି ଏଏସ୍ଆଇ ଜାଣିବାକୁ ପାଇଥିଲା। ଉକ୍ତ ପ୍ରତିମୂର୍ତ୍ତି ନୂଆଦିଲ୍ଲୀ ଏୟାର କାର୍ଗୋର କଷ୍ଟମ କମିଶନରଙ୍କ କାର୍ଯ୍ୟାଳୟ ଜବତ କରି ନିଜ ହେପାଜତରେ ରଖିଥିବା



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଜଣାପଡ଼ିଥିଲା। ପ୍ରକୃତରେ ଉକ୍ତ ଦୁର୍ଲ୍ଲଭ ମୂର୍ତ୍ତିଟି ଗତ ଜାନୁୟାରୀ ୧୧, ୨୦୨୧ରେ ଦର୍ପଣଗଡ଼ ଗ୍ରାମରୁ ଚୋରି ହୋଇଥିଲା। ଏହାର ପରଦିନ ସକାଳେ ବଡଚଣା ଥାନାରେ ଏଥିନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା, ଯେଉଁ ଘଟଣା ଗ୍ରାମବାସୀଙ୍କୁ ଆଘାତ ଦେଇଥିଲା। ଏହାର ପ୍ରତ୍ୟୁତ୍ତରରେ ଅର୍ଥମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ଦିଲ୍ଲୀ କଷ୍ଟମକୁ ମୂର୍ତ୍ତି ଫେରାଇବା ପାଇଁ ସୁପାରିସ କରାଯାଇଛି। ଠାବ ହୋଇଥିବା ମୂର୍ତ୍ତିର ଯାଞ୍ଚ ପ୍ରକ୍ରିୟା ଏବଂ ବଡ଼ଚଣା ଥାନାରେ ମନ୍ଦିରରୁ ମୂର୍ତ୍ତି ଚୋରି ନେଇ ମାମଲା ରୁଜୁ ଆଧାରରେ ସିବିଆଇସି ଓଡ଼ିଶା ଡିଜିପିଙ୍କୁ ଅବଗତ କରାଇଛି। ଏଥିସହ ଜବତ ପୁରାତନ ମୂର୍ତ୍ତିର ପରିଚୟ ପାଇଁ ଉପଯୁକ୍ତ ଉପାୟ ଅବଲମ୍ବନ କରିବା ଏବଂ ଆଇନ ଅନୁସାରେ ଉକ୍ତ ପ୍ରତିମାକୁ ମନ୍ଦିରକୁ ଫେରାଇ ଆଣିବା କିମ୍ବା ପୁନଃ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିବା ଅର୍ଥମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ଦାଗୀ ନେତା,ମନ୍ତ୍ରୀଙ୍କୁ ବିଜେଡି ସୁରକ୍ଷା ଦେବାର ଉଦାହରଣ ରହିଛି: ଭାଜପା

**ଭୁବନେଶ୍ୱର, ୨।୧୧ (ସୁନିତ୍ ମିଶ୍ର)**

ଶାସକ ଦଳର ନେତା, ମନ୍ତ୍ରୀ, ବିଧାୟକ ଓ କାର୍ଯ୍ୟକର୍ତ୍ତା ରାଜ୍ୟରେ ଘଟିଯାଉଥିବା ଅନେକ ଅପରାଧ, ବଳାତ୍କାର, ଗଣବଳାତ୍କାର, ଦୁର୍ନୀତି, ବ୍ୟଭିଚାରରେ ସମ୍ପୃକ୍ତ। ଏଭଳି ଦାଗୀ ନେତାଙ୍କୁ ବିଜେଡି କୋଳେଇଛି। ବିଜେଡି ଶାସନରେ ବହୁ ଦାଗୀ ନେତା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଦିଆଯାଇଥିବାର ଅନେକ ଉଦାହରଣ ରହିଛି ବୋଲି ଭାଜପା ରାଜ୍ୟ ଉପସଭାପତି ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଛାତ୍ରୀଙ୍କ ସହ ଗଣବଳାତ୍କାର ଏବଂ ଏଥିରେ ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତିକୁ ରଫାଦଫା କରାଯିବାର ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ। କେନ୍ଦ୍ରାପଡ଼ାରେ ଜଣେ ଛାତ୍ରୀଙ୍କୁ ଗତ ୧୭ରେ ନିଶା ଦେଇ ଉଠାଇ ଆଣି କଟକରେ ଗଣବଳାତ୍କାର କରାଯାଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ। ଯେଉଁ ହୋଟେଲରେ ଘଟଣା ଘଟିଲା ତା'ର ମ୍ୟାନେଜର ଗିରଫ ହେଲେ କିନ୍ତୁ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଗଣବଳାତ୍କାର ହୋଇଥିବା ହୋଟେଲକୁ କମିଶନରେଟ୍ ପୋଲିସ କାହିଁକି ସିଲ୍ ନ କରି ପ୍ରମାଣ ନଷ୍ଟ କରୁଛି ଏବଂ କାହା କଥାରେ କାହାକୁ ସୁରକ୍ଷା ଦେଉଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ

**କଟକ,୩।୧୧ (କାର୍ତ୍ତିକ ସାହୁ)**

**ତିର୍ତ୍ତୋଲ ବିଧାୟକ ବିଜୟଶଙ୍କରଙ୍କ ବିବାହ ଆବେଦନ ପ୍ରସଙ୍ଗ**

- **ବିବାହ ପଞ୍ଜୀକରଣ ଅଧିକାରୀଙ୍କ ସୋମାଲିକାଙ୍କୁ ସମନ**
- **୭ ତାରିଖ ଅପରାହ୍ନ ସାଢ଼େ ୩ଟାରେ ହାଜର ହେବେ**

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନ ବିରୋଧରେ ଦାଏର ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ବିଜୟଶଙ୍କରଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶଙ୍କ ପକ୍ଷରୁ ଆଗତ ଏହି ମାମଲା ତଳକୋର୍ଟରେ ବିଚାରାଧୀନ ଥିବା ଦର୍ଶାଇ ହାଇକୋର୍ଟ ବିଚାରପତି କେ.ଆର. ମହାପାତ୍ରଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଛନ୍ତି। ଅପରପକ୍ଷରେ କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ ତଥା ସବ୍‌ରେଜିଷ୍ଟ୍ରାରଙ୍କ ପକ୍ଷରୁ ସୋମାଲିକାଙ୍କୁ ଆସନ୍ତା ୭ ତାରିଖ ଅପରାହ୍ନ ସାଢ଼େ ୩ଟାରେ ହାଜର ହେବାକୁ ସମନ ଜାରି କରାଯାଇଛି। ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ହାଜର ହୋଇ ସେ କରିଥିବା ଅଭିଯୋଗ ସଂକ୍ରାନ୍ତୀୟ ଦସ୍ତାବିଜ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ତାଙ୍କ ଅଭିଯୋଗର ପ୍ରମାଣ ପାଇଁ କୌଣସି ସାକ୍ଷୀ ଥିଲେ ତାଙ୍କୁ ସାଙ୍ଗରେ ଆଣିବା ନିମନ୍ତେ ମଧ୍ୟ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର କଟକ ଅରୁଣୋଦୟ ମାର୍କେଟ ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ ନିମନ୍ତେ କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ଏହି ଆବେଦନର ୩୦ରୁ ୯୦ ଦିନ ମଧ୍ୟରେ ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହୋଇ ବିବାହ କରିବାର ନିୟମ ରହିଛି। ଏହା ଜଣାପଡ଼ିବା ପରେ ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନକୁ ରଦ୍ଦ କରିବାକୁ ଦାବି କରିଥିଲେ। ବିବାହ ତାରିଖ ନିକଟତର ହେଉଥିବାବେଳେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ସୋମାଲିକା ଅନୁଭବ କରିଥିଲେ। ଫଳରେ ବିଜୟଶଙ୍କରଙ୍କ ବିବାହ ଆବେଦନ ବନ୍ଦ କରିବା, ତ୍ୱରିତ ନ୍ୟାୟ ପାଇବା ପାଇଁ ସୋମାଲିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ବିବାହକୁ ବେଆଇନ ଦର୍ଶାଇବା ସହ ଅନୁମତି ପ୍ରଦାନ ନ କରିବାକୁ ସୋମାଲିକା ତାଙ୍କ ଆବେଦନରେ ଦର୍ଶାଇଥିଲେ। ପୂର୍ବରୁ ବିଜୟଶଙ୍କର ସୋମାଲିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଉଭୟ ପରିବାର ମଧ୍ୟରେ କଥା ଆଗେଇଥିଲା। ଏପରି କି ଜଗତ୍‌ସିଂହପୁର ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ମଧ୍ୟ ବିବାହ ପାଇଁ ଆବେଦନ କରାଯାଇଥିଲା। ହେଲେ ବିବାହ ତାରିଖ ଦିନ ବିଜୟଶଙ୍କର ଜଗତ୍‌ସିଂହପୁର ସବ୍‌ରେଜିଷ୍ଟ୍ରାର ଅଫିସ୍‌କୁ ଯାଇ ନ ଥିଲେ। ସୋମାଲିକା ଏ ବାବଦରେ ପ୍ରଥମେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ପରେ ବିଜୟଶଙ୍କରଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

# ରେଞ୍ଜରୋଭର ଗାଡ଼ିକୁ ନେଇ ତଦନ୍ତ ଠିକ୍ ହେଉନାହିଁ: ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)**

ବିଜେଡି ଶାସନ କାଳରେ ଶାସକ ଦଳର ମନ୍ତ୍ରୀ, ବିଧାୟକ ଏବଂ ସେମାନଙ୍କ ପୁଅ, ଝିଅ ଓ ପରିବାରବର୍ଗଙ୍କୁ ସାତଖୁଣ ମାଫ୍ କି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ନୱାଜ କହିଛନ୍ତି, ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅଙ୍କ ରେଞ୍ଜରୋଭର ଗାଡ଼ି ପାୱାର ହାଉସ୍ ଛକରେ କାହ୍ନୁଚରଣ ସାହୁ ନାମକ ଜଣେ ଯବାନଙ୍କ ବାଇକକୁ ଧକ୍କାଦେଇଥିଲା। ପ୍ରଥମେ ପୋଲିସ ପକ୍ଷରୁ ଦୁର୍ଘଟଣା ଘଟାଇଥିବା ଗାଡ଼ିର ନମ୍ବର ପରିବର୍ତ୍ତନକରି ପ୍ରକାଶ କରାଯାଇଥିଲା। ଅର୍ଥାତ୍ ଅସଲ ନମ୍ବରକୁ ଲୁଚାଇ ଦେବା ପାଇଁ ଚକ୍ରାନ୍ତ ଚାଲିଥିଲା। ପରେ ଠିକ୍ ନମ୍ବର ଜାରି କରାଗଲା। ପୋଲିସ କମିଶନରେଟ୍ କାର୍ଯ୍ୟାଳୟଠାରୁ ୫୦ ମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲେ ମଧ୍ୟ ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କମିଶନରେଟ୍ ପୋଲିସ ପଛଘୁଞ୍ଚା ଦେଉଛନ୍ତି। ଗାଡ଼ିରେ ନବଙ୍କ ପୁଅ ଉପସ୍ଥିତ ଥିବା ନେଇ ଅଭିଯୋଗ ହେଉଛି। ପୋଲିସ ଠିକ୍ ଭାବେ ଏହାର ତଦନ୍ତ କରୁନାହିଁ। ଅଭିଯୋଗ ହେଉଛି,ନବଙ୍କ ପୁଅକୁ ପୋଲିସ ଖସାଇଦେଇଛି। ସେ ଏହାପରେ ରାଜଧାନୀ ଛାଡ଼ି ଚାଲିଯାଇଛନ୍ତି। ଅନ୍ୟପକ୍ଷରେ ଏହି ଦୁର୍ଘଟଣାରେ କାହ୍ନୁଚରଣ ଗୁରୁତର ଥିବାବେଳେ ଲୋପାମୁଦ୍ରା ସାହୁଙ୍କ ମୃତ୍ୟୁ ଘଟିଛି। ତେବେ ସିସିଟିଭି ଫୁଟେଜ୍ ଥାଇ ମଧ୍ୟ ପୋଲସ ଏହାକୁ ଘଷ୍ଟ ଘୋଡ଼ାଇବାକୁ ଅପଚେଷ୍ଟା କରୁଛି। ଏହି ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯାଉ। ନଚେତ୍ ଛାତ୍ର କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ନୱାଜ କହିଛନ୍ତି।

# ଟିକେଟ ଦୌଡ଼ରେ ସ୍ୱାଧୀନତା ସଂଗ୍ରାମୀଙ୍କ ଝିଅ

**ଭୋଗରାଇ,୩।୧୧ (ପ୍ରଦୀପ ଦାସ)**



ସମର୍ଥକଙ୍କ ସହ ଅପର୍ଣ୍ଣା ମହାପାତ୍ର।

**ଭୋଗରାଇ ନିର୍ବାଚନମଣ୍ଡଳୀ**

**ଗୋଟିଏ ପରିବାରରୁ ଭଉଣୀ-ଭାଇ ଆଶାୟୀ**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି। ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ରାଜନୈତିକ ଦଳରେ ହଟଚମଟ ସୃଷ୍ଟି ହେବାରେ ଲାଗିଛି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଏକାଧିକ ଆଶାୟୀ ଟିକେଟ ଦୌଡ଼ରେ ରହିଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ସ୍ଥାନୀୟ ବିଧାୟକ ଅନନ୍ତ ଦାସ ବୟସାଧିକ କାରଣରୁ ଏଥର ଟିକେଟ ପାଇବାରୁ ବଞ୍ଚିତ ହେବା ଆଶଙ୍କା କରି ଆଶାୟୀଙ୍କ ତାଲିକା ଲମ୍ବିବାରେ ଲାଗିଛି। ଆଉ ଗୋଟିଏ ପରିବାରରୁ ଭଉଣୀ–ଭାଇ ଟିକେଟ ପାଇଁ ଲବି ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି।

ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ଦୀର୍ଘବର୍ଷର ଗଡ଼କୁ ପରାହତ କରି ୯୦ ଦଶକରୁ ଜନତା ଦଳ ଓ ପରେ ବିଜୁ ଜନତାଦଳ ଅଦ୍ୟାବଧି କ୍ଷମତା ଦଖଲ କରି ଆସୁଛି। ୨୦୦୪ରୁ ବିଜେଡି ଟିକେଟରେ ୪ଥର ବିଜୟୀ ହୋଇଥିବା ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅନନ୍ତ ଦାସ ଏଥର ତାଙ୍କ ପୁଅ ଇଂ. ଅଭଜିତ ଦାସଙ୍କୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଦଳର ଅନ୍ୟ ୧୩ରୁ ଊର୍ଦ୍ଧ୍ୱ ଆଶାୟୀ ମଧ୍ୟ ବିଜେଡି ଟିକେଟ ପାଇଁ କସରତ ଆରମ୍ଭ କରିଦେଇଛନ୍ତି। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୁର୍ଗାଦାସଙ୍କ ସାନପୁଅ ଗୌତମ ବୁଦ୍ଧ ଦାସ ବିଜେଡି ରାଜ୍ୟ ମୁଖପାତ୍ର ଥିବାବେଳେ ବିଧାନସଭା ପ୍ରାର୍ଥୀ ହେବା ପାଇଁ ଦୌଡ଼ରେ ରହିଛନ୍ତି।

ଦୁର୍ଗା ଦାସଙ୍କ ବଡ଼ଭାଇ ପୂର୍ବତନ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ୟାରୀମୋହନ ଦାସଙ୍କ ସାନଝିଅ ଅପର୍ଣ୍ଣା ମହାପାତ୍ର ବିଜେଡି ଟିକେଟ ଲାଗି ଆଶାୟୀ ଥିବା ବୁଧବାର ଚନ୍ଦନେଶ୍ୱର ମଠବାଡ଼ିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ବିରୋଧୀ ଭାବେ ଭୋଗରାଇ ଜନସାଧାରଣଙ୍କ ସୁଖଦୁଃଖରେ ସାଥୀ ହୋଇ କାର୍ଯ୍ୟକରି ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡି ଟିକେଟରେ ଲଢ଼ିବାକୁ ଇଚ୍ଛା ପ୍ରକାଶ କରୁଛି। ମୁଖ୍ୟମନ୍ତ୍ରୀ ଏବଂ ଦଳୀୟ ନେତୃତ୍ୱ ଟିକେଟ ଦେଲେ ମୋ ବାପା ଭୋଗରାଇ ଜନସାଧାରଣଙ୍କ ସେବା ନିମନ୍ତେ ଯେଉଁ ସ୍ୱପ୍ନ ଦେଖୁଥିଲେ ତାହା ପୂରଣ କରିବି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଯଦି ବିଜେଡି ପକ୍ଷରୁ ମହିଳା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ ତେବେ ବହୁ ଆଶାୟୀଙ୍କ ଆଶା ମଉଳି ଯାଇପାରେ ବୋଲି କୁହାଯାଉଛି।

ସେହିପରି କଂଗ୍ରସରେ ଟିକେଟ ଦୌଡ଼ରେ ପୂର୍ବ ବିଧାନସଭା ପ୍ରାର୍ଥୀ ସତ୍ୟଶିବ ଦାସ ଅନ୍ୟ ୩ ଆଶାୟୀଙ୍କଠାରୁ ଆଗରେ ଥିବା ସୂଚନା ମିଳିଛି। ଅପରପକ୍ଷେ ଭାଜପାରେ ମଧ୍ୟ ବହୁ ଆଶାୟୀ ଟିକେଟ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ପରେଶ ଚନ୍ଦ୍ର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତିପଦ ପାଣ୍ଡେ, ମାନସ ମହାନ୍ତି, ସୁନୀଲ କୁମାର କର, ସଞ୍ଜୀବ କୁମାର ସାହୁ, ଆଶିଷ କୁମାର ମହାନ୍ତି,କୌଶିକ ଚାନ୍ଦ ଓ ଅନୁମାନ ମହାନ୍ତି ଭାଜପା ଟିକେଟ ଦୌଡ଼ରେ ଅଛନ୍ତି।

# ଖେଳାଳିଙ୍କୁ ଭୁଆଁ ବୁଲାଇବାକୁ ବିଜୁ ପ୍ରିମିୟର ଲିଗ୍: ଭାଜପା ଯୁବମୋର୍ଚ୍ଚା

**ସମ୍ବଲପୁର,୩।୧୧ (ଭବାନୀ ଶଙ୍କର ଭୋଇ)**

**କେବଳ ରାଜନୈତିକ ବୟାନବାଜି: ବିଜୁ ଯୁବ ଛାତ୍ର ଜନତା ଦଳ**




ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା।

ନଭେମ୍ବର ତୃତୀୟ ସପ୍ତାହରୁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଜିଲାରେ ବିଜୁ ପ୍ରିମିୟର ଲିଗ ଆୟୋଜନ ନେଇ ଘୋଷଣା କରାଯାଇଛି। ଏହାକୁ ଭାଜପା ଯୁବମୋର୍ଚ୍ଚା ତୀବ୍ର ସମାଲୋଚନା କରିଛି। କଚେରି ରୋଡ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଶ୍ୱିନୀ ମାଝି କହିଥିଲେ, ରାଜ୍ୟ ସରକାର ଖେଳାଳିମାନଙ୍କୁ ଉଚିତ ପ୍ରୋତ୍ସାହନ ଦେଇପାରୁ ନ ଥିବା ବେଳେ ନିର୍ବାଚନକୁ ଆଖିଆଗରେ ରଖି ଗାଁ ଗହଳିର ଯୁବକମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଏହା କୌଣସି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନୁହେଁ ବରଂ ଯୁବ ଗୋଷ୍ଠୀଙ୍କୁ ଭୁଆଁ ବୁଲାଇ ନିର୍ବାଚନରେ ବ୍ୟବହାର କରିବା ପାଇଁ ଯୋଜନା। ୨୦୧୯ରେ ବିଜେଡି ବିଜୁ ଯୁବବାହିନୀ ଗଠନ କରି ନିର୍ବାଚନରେ ଲଗାଇବା ଭଳି ୨୦୨୪ ନିର୍ବାଚନରେ ପୁଣି ଯୁବଗୋଷ୍ଠୀଙ୍କୁ ଭୋଟ ପାଇଁ ବ୍ୟବହାର କରିବା ଲକ୍ଷ୍ୟରଖି ଏଭଳି ପ୍ରିମିୟର ଲିଗ ଆୟୋଜନ କରୁଥିବା ନେଇ ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଶିବ ଦିୱାନ, ଯୁବମୋର୍ଚ୍ଚା ଆଇନ ପରାମର୍ଶଦାତା ଦିନେଶ ସାହୁ ପ୍ରମୁଖ ବିଜୁ ଯୁବଛାତ୍ର ଜନତା ଦଳର ଆଭିମୁଖ୍ୟକୁ ନିନ୍ଦା କରିଥିଲେ। ଅନ୍ୟପକ୍ଷେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଭାଜପା ଯୁବମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରାଯାଇଛି। ପଞ୍ଚାୟତ ସ୍ତରରୁ ମହାନଗର ପର୍ଯ୍ୟନ୍ତ ଜିଲାରେ ରହିଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହିତ କରିବା ବିଜୁ ଯୁବ ଛାତ୍ର ଜନତା ଦଳର ଲକ୍ଷ୍ୟ। ବିଜେଡି ରାଜ୍ୟରେ ଖେଳକୁ ସବୁବେଳେ ଅଗ୍ରାଧିକାର ଦେଇଆସିଛି। ରାଜ୍ୟରେ ହକି ବିଶ୍ୱକପଠାରୁ ଆରମ୍ଭ କରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟ କରୁଛନ୍ତି। ତେଣୁ ଯୁବଗୋଷ୍ଠୀ ପାଇଁ କିଛି ନ କରି କେବଳ ଖବରଦାତା ସମ୍ମିଳନୀ ଜରିଆରେ ଭାଜପା ରାଜନୈତିକ ବୟାନବାଜି କରୁଛି ବୋଲି କହି ବିଜୁ ଯୁବ ଛାତ୍ର ଜନତାଦଳ ଜିଲା ସଭାପତି ଲକ୍ଷ୍ମୀ ମହାପାତ୍ର ନିନ୍ଦା କରିଛନ୍ତି।

# ଆଜିଠାରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ

**ଭୁବନେଶ୍ୱର,୩।୧୧ (ଅନୁରାଧା ମହାରଣା)**

**୧୪ ବର୍ଗରେ ମିଳିବ ପୁରସ୍କାର**

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ଶନିବାରଠାରୁ ଆବେଦନ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ ୧୪ ବର୍ଗରେ ପୁରସ୍କାର ମିଳିବ। www.msp.odisha.gov.inରେ ଆବେଦନ କରିପାରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ୍ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପ୍ରଦାନ କରାଯିବ। ମାଧ୍ୟମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ପ୍ରଧାନଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ପ୍ରଧାନଶିକ୍ଷକ ପୁରସ୍କାର ଏବଂ ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆବେଦନ କରିବେ।

ରାଜ୍ୟସ୍ତରରେ ୧୯, ୪୬୭ଟି ପୁରସ୍କାର ବାବଦରେ ୩୨, ୧୭, ୨୯, ୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲାସ୍ତରରେ ୪,୬୮୦ଟି ପୁରସ୍କାର ପାଇଁ ୨୪, ୫୮, ୫୦, ୦୦୦ ଟଙ୍କା ଓ ବ୍ଲକସ୍ତରରେ ୩୪, ୮୫୪ଟି ପୁରସ୍କାର ବାବଦକୁ ୫୯, ୯୭, ୪୦, ୦୦୦ ଟଙ୍କାର ରାଶି ପ୍ରଦାନ କରାଯିବ । ମହାନଗର ନିଗମ ସ୍ତରରେ ୫୦ଟି ଓ ସବ୍‌ଡିଭିଜନାଲ ସ୍ତରରେ ୫୮ଟି ପୁରସ୍କାର ପାଇଁ ୧୧, ୬୦, ୦୦୦ ପୁରସ୍କାର ରାଶି ଦିଆଯିବ।

**PARADIP COLLEGE**
**PARADIP, DIST.: JAGATSINGHPUR**
**DISMISSAL NOTICE**
It is for the information of General Public that, Sri Pradeep Sahoo, At/P.O.: Badakul, Via: Marshaghai, Dist.: Kendrapara who was working as D.E.O. is Dismissed from his service on misappropriation ground w.e.f. 17.10.2023.
**Sd./- Principal-cum-Secretary**
**Paradip College, Paradip**

**ପ୍ରଶାସନ ଏବଂ ମାନବ ସମ୍ବଳ ନିର୍ଦ୍ଦେଶାଳୟ**
**ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ**
ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ, ଭାରତ ସରକାର
ଗ୍ରାମୋଦୟ, ୩, ଇର୍ଲା ରୋଡ୍, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ – ୪୦୦୦୫୬
सूक्ष्म, लघु और मध्यम उद्यम मंत्रालय, भारत सरकार
Ministry of Micro, Small & Medium Enterprises
Government of India
ଟେଲି: ୦୨୨–୨୬୭୧୪୨୬୭, ଇ–ମେଲ୍: adm.kvic@gov.in, ୱେବ୍‌ସାଇଟ୍: www.kvic.gov.in
**୧୦ଟି ନିର୍ଦ୍ଦେଶକ ପଦବୀ (ଡେପୁଟେଶନ୍ ଭିତ୍ତିରେ) ନିମନ୍ତେ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ବୃଦ୍ଧି**
ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଦ୍ୱାରା ଡେପୁଟେଶନ୍ ଭିତ୍ତିରେ ୧୦ଟି ନିର୍ଦ୍ଦେଶକ ପଦବୀ ପୂରଣ କରିବା ପାଇଁ ତା୦୪।୧୦।୨୦୨୩ରିଖର ବିଜ୍ଞାପନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା ।
ଉପରଦର୍ଶିତ ପଦବୀ ପାଇଁ ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ପୁନଶ୍ଚ ୧୪ ନଭେମ୍ବର, ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
ଦରଖାସ୍ତ ଫର୍ମାଟ୍, ଯୋଗ୍ୟତା ମାନଦଣ୍ଡ, ଆବଶ୍ୟକ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ଦୟାକରି କେଭିଆଇସି ୱେବ୍‌ସାଇଟ୍ ଅର୍ଥାତ୍ www.kvic.gov.in ପରିଦର୍ଶନ କରନ୍ତୁ ।
ନିର୍ଦ୍ଦେଶକ (ପ୍ରଶାସନ ଏବଂ ମାନବ ସମ୍ବଳ)

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆର୍‌ଓ_ପିଏଟିଏନ୍‌ଏ/ଇଏନ୍‌ଜିଜି/ଜେଡ୍‌ଏମ୍‌ସି/୨୩-୨୪/
**ଇ-ଟେଣ୍ଡର ବିଜ୍ଞପ୍ତି**
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ଜୋନ୍ ୯– ବାଲେଶ୍ୱର–I, ବାଲେଶ୍ୱର–II, ଯାଜପୁର ରୋଡ୍, ମାର୍ଶାଘାଇ, ବଲଜିତପଡ଼ାଠାରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକର ଏକ କ୍ଲଷ୍ଟରରେ ବାର୍ଷିକ ଦର ଚୁକ୍ତି ଭିତ୍ତିରେ ବିବିଧ ମରାମତି/ରକ୍ଷଣାବେକ୍ଷଣ, ଉନ୍ନତୀକରଣ ଏବଂ ନିର୍ମାଣ କାର୍ଯ୍ୟ । | ୩୧୦.୯୭ | ୧୭।୧୧।୨୦୨୩ |
| ୨ | ଜୋନ୍ ୧୦– ଆସ୍କା, ବ୍ରହ୍ମପୁରଠାରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକର ଏକ କ୍ଲଷ୍ଟରରେ ବାର୍ଷିକ ଦର ଚୁକ୍ତି ଭିତ୍ତିରେ ବିବିଧ ମରାମତି/ରକ୍ଷଣାବେକ୍ଷଣ, ଉନ୍ନତୀକରଣ ଏବଂ ନିର୍ମାଣ କାର୍ଯ୍ୟ । | ୧୧୨.୨୨ | ୧୭।୧୧।୨୦୨୩ |
| ୩ | ଜୋନ୍ ୧୧– ଚୌଦ୍ୱାର, କଟକ, ଜଟଣୀ, ମଞ୍ଚେଶ୍ୱର ଠାରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକର ଏକ କ୍ଲଷ୍ଟରରେ ବାର୍ଷିକ ଦର ଚୁକ୍ତି ଭିତ୍ତିରେ ବିବିଧ ମରାମତି/ରକ୍ଷଣାବେକ୍ଷଣ, ଉନ୍ନତୀକରଣ ଏବଂ ନିର୍ମାଣ କାର୍ଯ୍ୟ । | ୨୨୨.୪୭ | ୧୭।୧୧।୨୦୨୩ |
| ୪ | ଜୋନ୍ ୧୨– ସୋନପୁର, ବରଗଡ଼, କଳାମାଟି, ବଲାଙ୍ଗୀର, କେନ୍ଦୁପାଲି–I, କେନ୍ଦୁପାଲି–II ଠାରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକର ଏକ କ୍ଲଷ୍ଟରରେ ବାର୍ଷିକ ଦର ଚୁକ୍ତି ଭିତ୍ତିରେ ବିବିଧ ମରାମତି/ରକ୍ଷଣାବେକ୍ଷଣ, ଉନ୍ନତୀକରଣ ଏବଂ ନିର୍ମାଣ କାର୍ଯ୍ୟ । | ୪୮୫.୮୯ | ୧୭।୧୧।୨୦୨୩ |
| ୫ | ଜୋନ୍ ୧୩– ନବରଙ୍ଗପୁର, ଜୟପୁର, କୁନାଗଡ଼, ରାୟଗଡ଼ା ଏବଂ କୋକସରାଠାରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକର ଏକ କ୍ଲଷ୍ଟରରେ ବାର୍ଷିକ ଦର ଚୁକ୍ତି ଭିତ୍ତିରେ ବିବିଧ ମରାମତି/ରକ୍ଷଣାବେକ୍ଷଣ, ଉନ୍ନତୀକରଣ ଏବଂ ନିର୍ମାଣ କାର୍ଯ୍ୟ । | ୨୯୪.୭୭ | ୧୭।୧୧।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ । ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।
**କ୍ଷେତ୍ରୀୟ ପ୍ରବନ୍ଧକ**

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୩।୧୧: କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୮୩ (୨୮୨.୮୮) ପଏଣ୍ଟ ବଢ଼ି ୬୪,୩୬୪ (୬୪,୩୬୩.୭୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୭ (୯୭.୩୫) ପଏଣ୍ଟ ବୃଦ୍ଧି ଘଟି ୧୯,୨୩୧ (୧୯,୨୩୦.୬୦) ଅଙ୍କରେ କାରବାର ବନ୍ଦ କରିଥିଲା।

# ୟୁକୋ ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୩।୧୧

ୟୁକୋ ବ୍ୟାଙ୍କର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର ଅଞ୍ଚଳର ଅଞ୍ଚଳ ମୁଖ୍ୟ ରାଜେଶ କୁମାରଙ୍କ ମାର୍ଗଦର୍ଶନରେ ସମ୍ବଲପୁର ଅଇଁଠାପାଲି ରୋଡ୍‌ଠାରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଉକ୍ତ ୱାକାଥନରେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ସମେତ ଅନ୍ୟ ଶାଖାର ପ୍ରାୟ ୩୫ ଜଣ କର୍ମଚାରୀ ଯୋଗଦେଇଥିଲେ। ବିଶେଷକରି ଚଳିତ ବର୍ଷର ଥିମ 'ଦୁର୍ନୀତିକୁ ନା କୁହନ୍ତୁ, ରାଷ୍ଟ୍ର ପ୍ରତି ସମର୍ପିତ ରୁହନ୍ତୁ' ଶୀର୍ଷକ ସନ୍ଦେଶକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ରାଜେଶ କୁମାର କହିଥିଲେ, ନିଜ ଆଖପାଖରେ ହେଉଥିବା ଦୁର୍ନୀତିକୁ ବିରୋଧକରି ଉଚିତ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବାକୁ ସେ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ୟୁକୋ ବ୍ୟାଙ୍କ ପକ୍ଷରୁ ୨୦୨୩ ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି।




ସମ୍ବଲପୁର ଅଇଁଠାପାଲି ରୋଡ୍‌ଠାରେ ୟୁକୋ ବ୍ୟାଙ୍କ ପକ୍ଷରୁ ଆୟୋଜିତ ୱାକାଥନ୍‌ରେ ବ୍ୟାଙ୍କର ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଛନ୍ତି।

# କାର୍ଯ୍ୟକ୍ଷମ ଦକ୍ଷତା କ୍ଷେତ୍ରରେ ଉତ୍କର୍ଷ ହାସଲ




## ଆଇସିକ୍ୟୁସି-୨୦୨୩ରେ ଜେଏସ୍ଏଲ୍‌କୁ ୭ ସ୍ୱର୍ଣ୍ଣ, ୧ ରୌପ୍ୟ

ଭୁବନେଶ୍ୱର,୩।୧୧(ଅଭୟ ଦାଶ)

ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା 'ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍' (ଜେଏସ୍ଏଲ୍) ନିକଟରେ ଆଉ ଏକ ସମ୍ମାନଜନକ ମାନ୍ୟତା ହାସଲ କରିଛି। ବିଶେଷକରି ଗୁଣାତ୍ମକ ପରିଚାଳନାରେ ଉତ୍କର୍ଷ ପାଇଁ ଅନ୍ତର୍ଜାତୀୟ କନ୍‌ଭେନଶନ ଅଫ୍ କ୍ୱାଲିଟି କନ୍‌ସେପ୍ଟସ୍ (ଆଇସିକ୍ୟୁସି)–୨୦୨୩ରେ ଜେଏସ୍ଏଲ୍ ୭ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପୁରସ୍କାର ଜିତିଛି। ଉଲ୍ଲେଖଯୋଗ୍ୟ,ଚାଇନାର ବେଜିଂଠାରେ ଆୟୋଜିତ ୪ ଦିନିଆ ବିଶେଷ କାର୍ଯ୍ୟକ୍ରମରେ ଘୋଷିତ ଏହି ସମ୍ମାନଜନକ ପୁରସ୍କାର, କାରଖାନାର କାର୍ଯ୍ୟକ୍ଷମତାକୁ ଉନ୍ନତ ତଥା କୁଶଳ କରିବାରେ କମ୍ପାନୀର ପଦକ୍ଷେପକୁ ସ୍ୱୀକୃତି ଦେଇଛି। ସେହିଭଳି ବାର୍ଷିକ ସମ୍ମିଳନୀର ୪୮ ତମ ସଂସ୍କରଣରେ ଭାରତ,ଚାଇନା, ଇଣ୍ଡୋନେସିଆ, କୋରିଆ, ମାଲେସିଆ, ସିଙ୍ଗାପୁର, ଥାଇଲାଣ୍ଡ ଏବଂ ଜାମ୍ବିଆ ଭଳି ୧୩ ଦେଶର ବିଭିନ୍ନ ଶିଳ୍ପରେ ୯୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜେଏସ୍ଏଲ୍ ହିସାରର ୫ଟି ଦଳ ୪ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଜିତିଥିବା ବେଳେ ଯାଜପୁରର ୩ଟି ଦଳ ୩ ସ୍ୱର୍ଣ୍ଣ ପୁରସ୍କାର ଜିତିଛନ୍ତି। ବିଶେଷକରି ମୂଲ୍ୟାଙ୍କନ ପାରାମିଟରଗୁଡ଼ିକରେ ପ୍ରକଳ୍ପ ଚୟନର ପଦ୍ଧତି, କାରଣ ବିଶ୍ଳେଷଣ, କାଉଣ୍ଟର ମାପସୂତ୍ରର କାର୍ଯ୍ୟକାରିତା, ପ୍ରକଳ୍ପ ଲକ୍ଷ୍ୟ ହାସଲ କରିବାର ଡିଗ୍ରୀ ଏବଂ ମାନକ ସ୍ତର ଅନ୍ତର୍ଭୁକ୍ତ ହୋଇଥିଲା।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ ବର୍ଷ ବର୍ଷ ଧରି ଆଇସିକ୍ୟୁସିରେ କ୍ରମାଗତ ଭାବେ ବିଜେତା ହୋଇଆସୁଛି। ଏହି ବର୍ଷର ପୁରସ୍କାର ହେଉଛି ଆମର ସାମଗ୍ରିକ କାର୍ଯ୍ୟରେ ଉତ୍କର୍ଷକୁ ସୁନିଶ୍ଚିତ କରିବା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାର ଏକ ସ୍ୱୀକୃତି, ଯାହା ଶେଷରେ ଆମର ସାମାଜିକ ଏବଂ ଅର୍ଥନୈତିକ ନିଷ୍ପତ୍ତି ଉପରେ ପ୍ରଭାବ ପକାଇଥାଏ। ବିଶେଷକରି କାର୍ଯ୍ୟକ୍ଷମ ଦକ୍ଷତା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସହିତ ସମସ୍ୟାର ସମାଧାନକୁ ସୁଗମ କରିବା ପାଇଁ ଆମେ ଆମର ଉଭୟ ପ୍ଲାଣ୍ଟରେ ଥିବା ଦୋକାନରେ ୪୪୦ ଗୁଣାତ୍ମକ ସର୍କଲ ଦଳ ଗଠନ କରିଛୁ। ଏପରିକି ନିକଟରେ ଜିନ୍ଦଲ ଷ୍ଟେନ୍‌ଲେସ, କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ବାର୍ଷିକ କାର୍ଯ୍ୟକ୍ରମରେ ୩୪ତମ କ୍ୱାଲିଟି କନ୍‌ସେପ୍ଟ ଅଧ୍ୟାୟ ସମ୍ମିଳନୀରେ–ଦିଲ୍ଲୀ ଅଧ୍ୟାୟ, ୪୨ଟି ସ୍ୱର୍ଣ୍ଣ, ୭ଟିରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପୁରସ୍କାର ଜିତିଛି। ସେହିଭଳି ଭୁବନେଶ୍ୱର ଅଧ୍ୟାୟର ୫ମ ସମ୍ମିଳନୀରେ ଯାଜପୁରରୁ ଅଂଶଗ୍ରହଣ କରିଥିବା ୩୬ ଟି ଦଳ ୩୬ଟି ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଥିଲେ। ଜିନ୍ଦଲ ଷ୍ଟେନ୍‌ଲେସ୍ ପାଇଁ ପରିବେଶ ପ୍ରଥମ ଏବଂ ଏହା ଏକ ସବୁଜ, ସ୍ଥାୟୀ ଭବିଷ୍ୟତ ପାଇଁ ପ୍ରତିଶ୍ରୁତିବଦ୍ଧ। କମ୍ପାନୀ ଇଲେକ୍ଟ୍ରିକ୍ ଆର୍କ ଫର୍ନେସରେ ସ୍କ୍ରାପ୍ ବ୍ୟବହାର କରି ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନ କରେ, ଯାହାକି ସର୍ବନିମ୍ନ ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନର ମାର୍ଗ ହୋଇଥାଏ। ଏହା ୧୦୦% ଗୁଣବତ୍ତା ହ୍ରାସ ନ କରି ପୁନଃ ବ୍ୟବହାର ପନ୍ଥା ଅବଲମ୍ବନ କରିଥାଏ, ଯାହାଦ୍ୱାରା ବୃତ୍ତାକାର ଅର୍ଥନୀତି ହାସଲ ହୋଇପାରୁଛି। ଆର୍ଥିକ ବର୍ଷ ୨୦୩୫ ପର୍ଯ୍ୟନ୍ତ (ଆର୍ଥିକ ବର୍ଷ ୨୦୨୨ବେସ୍ ଲାଇନ୍ ସ୍ତରରୁ ୧.୯୧ ଟନ୍ ସିଓ୨ /ଟନ୍ ଅଶୋଧିତ ଇସ୍ପାତ) କାର୍ବନ ନିର୍ଗମନ ତୀବ୍ରତାକୁ ୫୦% ହ୍ରାସ କରିବାକୁ ଏବଂ ୨୦୫୦ସୁଦ୍ଧା ନେଟ୍ ଜିରୋ ହାସଲ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

# ୟୁବିଆଇ ପକ୍ଷରୁ ସତର୍କତା ସଚେତନତା ସପ୍ତାହ



ଭୁବନେଶ୍ୱର,୩।୧୧

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସତର୍କତା ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଡିଭିଜନର ଏସ୍‌ପି ଭିଜିଲାନ୍ସ ଗଣେଶ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସତର୍କତା ସଚେତନତା ବିଷୟରେ ବିସ୍ତୃତ ଆଲୋକପାତ କରାଇବା ସହ ସମସ୍ତଙ୍କୁ ସଚେତନତା କରାଇଥିଲେ। ସେହିଭଳି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ସତ୍ୟବ୍ରତ ସାମଲ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ପ୍ରାରମ୍ଭିକ ବକ୍ତୃତା ଦେଇଥିବା ବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ସତର୍କତାର ଆବଶ୍ୟକତା ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗଣେଶ ଚନ୍ଦ୍ର ପ୍ରଧାନ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ତଥା ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ସେହିପରି ଆଞ୍ଚଳିକ ସତର୍କତା କେନ୍ଦ୍ରର ମୁଖ୍ୟ ପ୍ରବନ୍ଧକ ସଞ୍ଜୀବ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ଉପ–କ୍ଷେତ୍ରୀୟ ମୁଖ୍ୟ ରଘୁ ନାରାୟଣ ସ୍ୱାଇଁ ଅତିଥିଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଲାଲ୍‌ଚାନ୍ଦରେ ବିଶ୍ୱର ସର୍ବବୃହତ୍ ଅଳଙ୍କାର ମହୋତ୍ସବ

## ଆକର୍ଷଣୀୟ ଧନ୍‌ତେରସ୍ ଓ ଦୀପାବଳି ଅଫର

ଭୁବନେଶ୍ୱର,୩।୧୧

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଆଲୋକର ପର୍ବ ଦୀପାବଳି ଏବଂ ଧନ୍‌ତେରସ୍ ଉପଲକ୍ଷେ ଆକର୍ଷଣୀୟ ଅଫର ଦିଆଯାଉଛି। ଏପରିକି ଏଠାରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୬୨୫ ଟଙ୍କା ରଖାଯାଇଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କା ପ୍ରତି କ୍ୟାରେଟ୍ ପିଛା ରିହାତି ଦିଆଯାଉଛି। ଏହାବ୍ୟତୀତ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦% ଓ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏହାସହ ଧନ୍‌ତେରସ୍‌କୁ ଦୃଷ୍ଟିରେ ରଖି ୨୫,୦୦୦ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟର କିଣାକିଣି ଉପରେ ନିଶ୍ଚିତ ଉପହାର ଲାଲ୍‌ଚାନ୍ଦ ପକ୍ଷରୁ ପ୍ରଦାନ କରାଯାଉଛି। ଅପରପକ୍ଷରେ ଲାଲ୍‌ଚାନ୍ଦର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ୍ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ବିସ୍ତୃତ ସୂଚନା ଦିଆଯାଇଛି। ସେହିଭଳି ଲାଲ୍‌ଚାନ୍ଦ ଜୁଏଲର୍ସରେ ବିଶ୍ୱର ସର୍ବବୃହତ୍ ଅଳଙ୍କାର ମହୋତ୍ସବ 'ଆଇଜେଏସ୍ଏଫ୍–୨୦୨୩' ଚାଲିଥିବା ବେଳେ ଚଳିତ ଦୀପାବଳି ଓ ଧନ୍‌ତେରସ୍‌ରେ ଗ୍ରାହକଙ୍କର ଭାଗ୍ୟ ଚମକାଇବା ପାଇଁ ସୁବର୍ଣ୍ଣ ସୁଯୋଗ ରହିଛି। ଏହି ପରିପ୍ରେକ୍ଷୀରେ ୨୫ ହଜାର ଟଙ୍କାର ଗହଣା କ୍ରୟ ଉପରେ ନିଶ୍ଚିତ କୁପନ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା ମିଳୁଛି। ଏହି ଅବିଶ୍ୱସନୀୟ ପୁରସ୍କାର ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନାମୁଦ୍ରା ଜିତିପାରିବେ। ଏଥିସହ ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର, ୧୦ ଲକ୍ଷ ଟଙ୍କା ବିଶିଷ୍ଟ ୫ଟି ଜୁଡାଉ ଜୁଏଲେରି, ୧୦ଲକ୍ଷ ଟଙ୍କା ବିଶିଷ୍ଟ ୫ଟି ଟେମ୍ପଲ୍ ଜୁଏଲେରି, ୫ ଲକ୍ଷ ଟଙ୍କା ବିଶିଷ୍ଟ ୧୦ଟି ହୀରା ଓ ମୂଲ୍ୟବାନ୍ ପଥର ଖଚିତ ଜୁଏଲେରି, ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ୧୦ଟି ସୁନାଗହଣା ଏବଂ ଡିଭାଇନ୍ ସଲିଟେଆରରୁ ୧୦୦ଟି ହୀରା ଖଚିତ ସ୍ୱର୍ଣ୍ଣ ମୁଦ୍ରା ଜିତିବାର ଅପୂର୍ବ ସୁଯୋଗ ରହିଛି। ଏହା ସହ ଲାଲ୍‌ଚାନ୍ଦ୍‌ରେ ସମସ୍ତ ଆକାର ଏବଂ ଓଜନର ୯୯୯ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ଉପଲବ୍ଧ। ବିଶେଷକରି ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ଫେଷ୍ଟିଭ୍ ଟ୍ରିଟ୍ ପ୍ରଦାନ କରାଯାଉଛି। ଏହି କ୍ରମରେ ସର୍ବନିମ୍ନ ୪୦,୦୦୦ ଟଙ୍କାର ନେଣଦେଣ ଉପରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ କ୍ରେଡିଟ୍–ଡେବିଟ୍ କାର୍ଡ ବ୍ୟବହାରକାରୀଙ୍କୁ ତୁରନ୍ତ ୫% ଏବଂ ସର୍ବାଧିକ ୩,୦୦୦ ଟଙ୍କାର ଛାଡ଼ ମିଳିବ।

ଏ ସମ୍ପର୍କରେ ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ କହିଛନ୍ତି, ଆମେ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ବିଭିନ୍ନ ସମୟରେ ସଚେତନତା ଅଭିଯାନ ଚଳାଇ ଆସୁଛୁ। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ ଅପ୍ ଟୁ ଅଥବା 'ପର୍ଯ୍ୟନ୍ତ' ସ୍କାମ୍ ଏବଂ ସର୍ତ୍ତମୂଳକ ଅଫରରୁ ବିରତ ରହିବା ନେଇ ସଚେତନ କରିଆସୁଛି। ଏଥିସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ଉପରେ ମଧ୍ୟ ସଚେତନ କରାଉଛି। ଆଗକୁ ବି ଗ୍ରାହକଙ୍କୁ ଭୁଆଁ ବୁଲାଇବାକୁ ପ୍ରୟାସ କରୁଥିବା ସମସ୍ତ ପ୍ରତିଷ୍ଠାନର ପର୍ଦ୍ଦାଫାଶ କରିବାକୁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପ୍ରତିଶ୍ରୁତିବଦ୍ଧ ବୋଲି ସଞ୍ଜୟ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

LALCHND
Trusted Brand Since 1948

# ପିଏନ୍‌ବିର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୩।୧୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବାଲେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏପରିକି ପିଏନ୍‌ବି ବାଲେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ପୁରୁଷୋତ୍ତମ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍ ଭିଏନ୍ ମାର୍ଗ ବାଲେଶ୍ୱରଠାରୁ ସିନେମା ହଲ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ପରିପ୍ରେକ୍ଷୀରେ ମଣ୍ଡଳ ମୁଖ୍ୟ କହିଥିଲେ, ଆମେ ଆମର ଅଧିକାର ଓ ଦାୟିତ୍ୱ ପ୍ରତି ସଜାଗ ରହିବା ସହିତ ଉଚିତ ଅଧିକାରୀଙ୍କୁ ଏ ନେଇ ଅବଗତ କରାଇବା ପାଇଁ ସେ ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ବିସ୍ତୃତ ଭାବେ କହିଥିଲେ। ଅପରପକ୍ଷରେ ସତର୍କତା ସଚେତନତା ସପ୍ତାହ ୨୦୨୩ର ବିଷୟବସ୍ତୁ 'ଭ୍ରଷ୍ଟାଚାରକୁ ବିରୋଧ କରନ୍ତୁ, ରାଷ୍ଟ୍ର ପ୍ରତି ସମର୍ପିତ ରୁହନ୍ତୁ' ସନ୍ଦେଶକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏଭଳି ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ସେହିଭଳି ଇନ୍‌ସ୍ପେକ୍ସନ ଏବଂ ଅଡିଟ୍ ବିଭାଗର ମୁଖ୍ୟ ପ୍ରବନ୍ଧକ ବ୍ରଜକିଶୋର ସାହୁ ସତର୍କତା ସଚେତନତା ସପ୍ତାହ ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି କହିଥିଲେ। ଏହି ଉପଲକ୍ଷେ ବ୍ୟାଙ୍କର ସମସ୍ତ ଶାଖାରେ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଉପମଣ୍ଡଳ ମୁଖ୍ୟ ମୃଣାଳ ମହାନ୍ତି, ମୁଖ୍ୟ ପ୍ରବନ୍ଧକ ପଦ୍ମଭୂଷଣ ପ୍ରଧାନ, ଶସ୍ତ୍ର ମୁଖ୍ୟ ବ୍ରଜେନ୍ଦ୍ର ପ୍ରଧାନ, ପିଏଲ୍‌ପି ମୁଖ୍ୟ ନଳିନୀକାନ୍ତ ଦାଶ ଏବଂ ଏଲ୍‌ଡିଏମ୍ ବିଶ୍ୱଜିତ ଶତପଥୀଙ୍କ ସମେତ ନିକଟତମ ଶାଖାର ଶାଖା ମୁଖ୍ୟ ଓ ଅଧିକାରୀମାନେ ୱାକାଥନରେ ଅଂଶଗ୍ରହଣ କରିଥିଲେ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो।**

**शुद्धि – पत्र**

ई–निविदा आमंत्रण सूचना संख्या–**RDD/SD/BOKARO/10/2023-24/RE** जिसकी पी० आर० संख्या– 309501 **Rural Development (23-24)D** है, के क्रमांक 05 में अंकित ई–निविदा खोलने की तिथि एवं समय– 09.11.2023 अपराह्न 2:00 बजे के स्थान पर 10.11.2023 अपराह्न 2:00 बजे पढ़ा जाय।

कार्यपालक अभियंता
ग्रामीण विकास विशेष प्रमंडल
बोकारो।

PR 310598 Rural Development(23-24)D

**GOVERNMENT OF INDIA, MINISTRY OF CORPORATE AFFAIRS**
**O/o.THE OFFICIAL LIQUIDATOR, HIGH COURT, MADRAS**
"Corporate Bhavan", 2nd Floor, No.29, Rajaji Salai, Chennai-600 001.
Telephone No: 044-25271149 / 25271151, Fax: 044-25271152,
**Website: www.olchennai.in, Email: olmadras@gmail.com**

**Form No.63**
Rule 148(1) of the Companies (Court) Rules, 1959
IN THE HIGH COURT OF JUDICATURE AT MADRAS
ORIGINAL JURISDICTION
IN THE MATTER OF THE COMPANIES ACT,1956
and
IN THE MATTER OF M/s.MAXWORTH ORCHARDS (INDIA) LIMITED
(In Provisional Liquidation)
Company Application No.533 of 2023
in
Company Petition No.57 of 1998

**ADVERTISEMENT OF NOTICE TO CREDITORS TO PROVE THEIR CLAIMS**

Pursuant to the orders of the Hon'ble High court, Madras dated 11.10.2023 in Company Application No.533/2023 in Company Petition No.57 of 1998, notice is hereby given to all the creditors including workmen of the above named company that they are required to submit to the Official Liquidator of the Court, proofs of their respective debts or claims against the above named company by delivering at the office of the Official Liquidator on or before 02.01.2024 or sending by post to the Official Liquidator so as to reach him not later than the said date, an affidavit proving the debt or claim in the prescribed Form No.66 duly stamped and notarised with their respective names, addresses and particulars of debt or claim, and any title to priority under section 529, 529A, 530 of the companies Act, 1956. Any creditor who fails to submit his/her affidavit of proof within the time limit prescribed by the Hon'ble High Court, Madras, will be excluded from the benefit of any distribution of dividend before his/her debt is proved, or as the case may be, from objecting to such distribution.

Any creditor who has sent in his/her proofs if so required by notice in writing, shall either in person or by his/her advocate, attend upon the investigation of such debt or claim by the Official Liquidator at such time and place as shall be specified, in such notice and shall produce such further evidence of his/her claim as may be required.

DATED AT CHENNAI THIS 1st DAY OF NOVEMBER, 2023.

Sd/-
**OFFICIAL LIQUIDATOR**
**HIGH COURT, MADRAS.**

**Government of Jharkhand**
**Urban Development & Housing Department**
**Municipal Corporation, Hazaribag**

**e- Procurement Short Notice Inviting Tender**

**Reference No. - UDD/HMC/HZB/29/2023-24**

1.Detail of work

| Group No. | Name of work | As per B.O.Q Cost (Rs.) | Earnest Money | Cost of BOQ | Completion period for construction |
|---|---|---|---|---|---|
| 1. | Construction of Vending Zone Near New Colony in Ward No. 05 Under Municipal Corporation, Hazaribag. | 1,18,68,188/- | 2,40,000/- | 10,000/- +18% GST | 09 Month |
| 2. | Construction of Vending Zone Near Well's Ground in Ward No. 13 Under Municipal Corporation, Hazaribag. | 1,18,68,197/- | 2,40,000/- | 10,000/- +18% GST | 09 Month |

| | | |
|---|---|---|
| 2 | Date of Publication of Tender on website | **08.11.2023 at 11:00 A.M.** |
| 3 | Last Date/Time of receipt of bids online | **21.11.2023 up to 5:00 P.M.** |
| 4 | Bid Opening date | **23.11.2023 at 11:00 A.M.** |
| 5 | Name & Address of office inviting tender | Executive Engineer Municipal Corporation, Hazaribag. |
| 6 | Contact No. of Procurement officer | 8219204356 |

**NOTE :**
- Only e-Tenders will be accepted.
- Further details can be seen on website http:/jharkhandtenders.gov.in
- **e-Procurement** में **Tender Fee** एवं **EMD** की राशि ऑनलाईन सूचना प्रौद्योगिकी एवं ई–गवर्नेंस विभाग, झारखण्ड, रांची का आदेश ज्ञापांक 120, दिनांक 03.10.2023 एवं नगर विकास एवं आवास विभाग, झारखण्ड रांची का पत्रांक 05/विविध (e-Tender)–12/2023/नगवि– 4847 (अनु.) दिनांक 11.10.2023 के तहत् ली जायेगी।

Sd/-
**Executive Engineer**
**Municipal Corporation, Hazaribag**

PR310597 (Urban Development and Housing)23-24*D

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ / କେୟାର ଟେକର୍ ଆବଶ୍ୟକ। ଦରମା- 9000/- + (Extra TIPS) । ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ: 9348369473 7504690838

ଭୁବନେଶ୍ୱରରେ ରୋଗୀସେବା ଓ ଗୃହକାମ ପାଇଁ ମହିଳା କର୍ମୀ ଆବଶ୍ୟକ। ଖାଇବା ଓ ରହିବା ସହ ଉତ୍ତମ ଦରମା।
ଯୋଗାଯୋଗ:
9836757795
9742874442

**URGENT REQUIREMENT**
Required Field Sales Representative having experience in Solar System Sales and Installation on Market mode in each district of Odisha.
HR/Admin Assistant Needed
**Immediate Joining**
Address
**SRL & CO., BHUBANESWAR**
Phone:0674-2432243, 8984693424

**WANTED**
Accountant, Survey Assistant, Data Entry Operator for an Engineering Consultancy Firm. Salary Negotiable. Fresher/10th Pass.
**Email:picspltd@gmail.com**
CALL 8895968943, 9938879043

**REQUIRED**
A Leading Infra Pvt. Ltd. Company requires suitable / experienced candidates for filling up the following positions.
1) **ACCOUNTANT-CUM-OFFICE MANAGER : 01 No.** (Adequate knowledge in accounts and having capacity to handle office). **SALARY** : 10 K - 15 K.
2) **D.T.P. OPERATOR : 02 Nos.** (Proficiency in Odiya, Hindi & English) having good knowledge in English), **SALARY** : 10 K - 12 K.
3) **D.T.P.-CUM-MAP DEVELOPER - 02 Nos.** : (Proficiency in Odiya, Hindi & English) having good knowledge in English, **SALARY** : 10 K - 15 K.
**TARASHREE INFRA PVT. LTD.**
At : Talamali Sahi, Near Dewan Bagicha, Puri
**Mob. : 7978762715, 7327859162**

Azadi Ka Amrit Mahotsav
G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**RECRUITMENT NOTICE**

Applications are invited from the eligible candidates for the following posts:

| Sl. No. | Name of the Post | Pay Matrix Level | Category | Total No. of Post |
|---|---|---|---|---|
| **Adv. No. AD 6B 10/07/2023 dated 02.11.2023** | | | | |
| 1 | General Duty Medical Officer | Level-10 | OBC-1, SC-1 | 2 |
| 2 | Nursing Sister | Level-08 | UR-1 | 1 |
| 3 | Staff Nurse | Level-07 | SC-1, OBC-1 | 2 |
| 4 | Clinical Psychologist-cum-Junior Lecture | Level-07 | UR-1 | 1 |
| 5 | Radiographer Grade-I | Level-06 | UR-1 | 1 |
| 6 | Demonstrator (Prosthetics & Orthotics) | Level-06 | UR-1 | 1 |
| 7 | Prosthetist & Orthotist Grade-I | Level-06 | UR-1 | 1 |
| 8 | Physiotherapist | Level-06 | SC-1 | 1 |
| 9 | Pharmacist Grade-I | Level-06 | UR-1 | 1 |
| 10 | Prosthetist / Orthtotist Grade-II | Level-05 | ST-2, OBC-1 | 3 |
| 11 | Laboratory Technician Grade-II | Level-04 | ST-1 | 1 |
| 12 | Typist/Clerk (Hindi & English) | Level-02 | UR (Hard of Hearing)-1 | 1 |
| 13 | Junior Store Keeper | Level-02 | UR-1 | 1 |
| 14 | Electrician Grade-II | Level-02 | ST-1 | 1 |
| 15 | Plaster Technician | Level-02 | UR-1 | 1 |
| 16 | Cook Grade-I | Level-02 | UR-1 | 1 |
| 17 | Cook | Level-01 | UR-2 | 2 |

The aspiring applicants fulfilling the eligibility criteria in all respect can submit their application through on line mode. The online registration of application will be made available on SVNIRTAR, Cuttack official Website i.e. **https://recruitment.svnirtar.nic.in.** The link of submission of online application in respect of above said posts along with other relevant information will be activated on 14th **November, 2023.** For all other details, terms and conditions, please log on to website **https://svnirtar.nic.in.**

**Sd/-**
**Director**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦକ୍ଷିତ୍
ପରିବାରବର୍ଗ


ଗୋଲକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଧିକ ମୋବାଇଲ ବ୍ୟବହାରରୁ ଶୁକ୍ରାଣୁ ହ୍ରାସ



**ନୂଆଦିଲ୍ଲୀ:** ନିକଟରେ ହୋଇଥିବା ଏକ ଅଧ୍ୟୟନ ମୋବାଇଲ ଫୋନ ବ୍ୟବହାର ଏବଂ ପୁରୁଷ ଶୁକ୍ରାଣୁ ସଂଖ୍ୟା ହ୍ରାସ ମଧ୍ୟରେ ସମ୍ଭାବ୍ୟ ଲିଙ୍କ୍‌କୁ ଅନୁଧ୍ୟାନ କରିଛି। ଗତ ଅର୍ଦ୍ଧଶତାବ୍ଦୀରେ ବିଶ୍ୱର ଶୁକ୍ରାଣୁ ସଂଖ୍ୟାରେ ୫୦ ପ୍ରତିଶତରୁ ଅଧିକ ହ୍ରାସ ଘଟିଥିବା ଦେଖାଯାଇଛି। ଯାହା ଅନୁସନ୍ଧାନକାରୀଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି। ୧୮ରୁ ୨୨ ବର୍ଷ ବୟସର ଯୁବକଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଏଥିରେ ଯେଉଁମାନେ ଦିନକୁ ୨୦ରୁ ଅଧିକ ଥର ମୋବାଇଲ ବ୍ୟବହାର କରନ୍ତି, ସେମାନଙ୍କ ଶୁକ୍ରାଣୁ ସଂଖ୍ୟା କମ୍ ହେବାରେ ୨୧ ପ୍ରତିଶତ ଅଧିକ ବିପଦ ରହିଛି। ତେବେ ଯୁଗର ଆଧୁନିକତା ଯୋଗୁ ଏହା ଆଗକୁ ୨୧ ପ୍ରତିଶତରୁ ବୃଦ୍ଧି ପାଇ ୩୦ ପ୍ରତିଶତ ହେବାର ସମ୍ଭାବନା ରହିଛି। ପୂର୍ବରୁ ଓ ଏବେର ପାଠ୍ୟକ୍ରମରେ ଅନେକ ଅନ୍ତର ରହିଛି। ଏବେ ସବୁ ପାଠ୍ୟକ୍ରମରେ ଫୋନ ବ୍ୟବହାର ପଦ୍ଧତି ବୃଦ୍ଧିପାଇଛି। ୧୩ ବର୍ଷର ଅଧ୍ୟୟନ ଭିତରେ ଫୋନ ଟେକ୍ନୋଲୋଜି ବିକଶିତ ଓ ଉନ୍ନତ ହୋଇଛି, ଯାହା ଶୁକ୍ରାଣୁ ଗଣନା ଉପରେ ପ୍ରତିକୂଳ ପ୍ରଭାବ ଧୀରେ ଧୀରେ କମିଛି। ଶୁକ୍ରାଣୁ ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ତାଙ୍କ ଗତି, କ୍ଷମତା, ସୁସ୍ଥ, ଠିକ୍ ଆକୃତି ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଫର୍ଟିଲିଟି କ୍ଲିନିକ୍ସର ନେଟ୍‌ୱର୍କ କେୟାର ଫର୍ଟିଲିଟିର ମୁଖ୍ୟ ଏଲିସନ କ୍ୟାମ୍ପବେଲ କହିଛନ୍ତି। ଗର୍ଭଧାରଣ କରିବାକୁ ଚାହୁଁଥିବା କିମ୍ବା ସେମାନଙ୍କ ଶୁକ୍ରାଣୁ ସୁସ୍ଥରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିବା ପୁରୁଷମାନେ ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଧୂମପାନରୁ ଦୂରେଇ ରହିବା, ମଦ୍ୟପାନକୁ ସୀମିତ ରଖିବା ଆଦି କ୍ଷେତ୍ରରେ ଧ୍ୟାନ ଦେବାକୁ ହେବ ବୋଲି କ୍ୟାମ୍ପବେଲ କହିଛନ୍ତି।

# ରଣବୀର ବିରଳ ରୋଗରେ ପୀଡ଼ିତ



ମୁମ୍ବାଇ

ବଲିଉଡ ଅଭିନେତା ରଣବୀର କପୁର ପିଲାଦିନରୁ ଏକ ରୋଗରେ ପୀଡିତ ଅଛନ୍ତି। ଏହି କାରଣରୁ ରଣବୀର ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତି ଏବଂ ଉଚ୍ଚ ସ୍ୱରରେ କଥାବାର୍ତ୍ତା କରନ୍ତି। ରଣବୀର ନାଜାଲ ସେପ୍ଟମ ନାମକ ଏକ ରୋଗରେ ପୀଡ଼ିତ ଅଛନ୍ତି। ଏଥିଯୋଗୁ ତାଙ୍କର ଶ୍ୱାସକ୍ରିୟାରେ ଅସୁବିଧା, ଘୁଙ୍ଗୁଡି ମାରିବା ଆଦି ସମସ୍ୟା ହୋଇଥାଏ। ଅସ୍ତ୍ରୋପଚାର ଦ୍ୱାରା ରଣବୀରଙ୍କ ନାଜାଲ ସେପ୍ଟମ ଚିକିତ୍ସା କରାଯାଇପାରିବ। କିନ୍ତୁ ରଣବୀର ଚିକିତ୍ସା କରିବାକୁ ମନା କରି ଦେଇଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

BUSINESS
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702

ଲୋନ୍! ଲୋନ୍! ଲୋନ୍!
ଦୀପାବଳି ଧମାକା
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନ୍ଦିରରେ ୨୫୦ କେ.ଜି.ର ରଜନୀକାନ୍ତ ମୂର୍ତ୍ତି

ଚେନ୍ନାଇ



ଦେଶ ବିଦେଶରେ ସୁପରଷ୍ଟାର ରଜନୀକାନ୍ତଙ୍କ ଅଗଣିତ ପ୍ରଶଂସକ ଅଛନ୍ତି। ଗତ ଅଗଷ୍ଟରେ ରଜନୀକାନ୍ତଙ୍କ ଫିଲ୍ମ 'ଜେଲର' ମୁକ୍ତିଲାଭ କରିବା ପୂର୍ବରୁ ଫିଲ୍ମର ସଫଳତା ପାଇଁ ବହୁ ସଂଖ୍ୟକ ପ୍ରଶଂସକ ମନ୍ଦିରରେ ଏକତ୍ର ପ୍ରାର୍ଥନା କରିଥିଲେ। ଏଥିରୁ ରଜନୀକାନ୍ତଙ୍କ ପାଇଁ ପ୍ରଶଂସକଙ୍କ ଭଲପାଇବା ସ୍ପଷ୍ଟ ବାରିହୁଏ। ଏବେ ପ୍ରଶଂସକଙ୍କ ଭଲପାଇବା ଆଉ ପାଦେ ଆଗକୁ ଆଗେଇଛି। କିଛି ପ୍ରଶଂସକ ମିଳିତ ଭାବେ ତାମିଲନାଡୁର ମଦୁରାଇଠାରେ ରଜନୀକାନ୍ତଙ୍କ ଏକ ମନ୍ଦିର ତିଆରି କରିଛନ୍ତି। ଏଥିପାଇଁ ଜଣେ ପ୍ରଶଂସକ ତାଙ୍କ ଘର ଅଗଣାକୁ ରଜନୀକାନ୍ତଙ୍କ ମନ୍ଦିର ନିର୍ମାଣ ଲାଗି ଉତ୍ସର୍ଗ କରିଛନ୍ତି। ମନ୍ଦିରରେ ରଜନୀକାନ୍ତଙ୍କ ୨୫୦ କିଲୋ ଓଜନର ମୂର୍ତ୍ତି ସ୍ଥାନ ପାଇଛି। ଏନେଇ କିଛି ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି। ଜଣେ ପ୍ରଶଂସକ ଅଭିନେତାଙ୍କୁ ମାଳ ପିନ୍ଧାଇବା ପରେ ତାଙ୍କର ଅଭିଷେକ କରୁଥିବା ନଜର ଆସିଛନ୍ତି। ତାଙ୍କ ପାଖରେ କିଛି ପ୍ରଶଂସକ ହାତଯୋଡି ଠିଆ ହୋଇଛନ୍ତି। ଜଣେ ପୂଜାରୀ ସେଠାରେ ଉପସ୍ଥିତ ରହି ରଜନୀକାନ୍ତଙ୍କ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ତେବେ ରଜନୀକାନ୍ତ 'ଜେଲର', ଶିବାଜୀ ଦି ବସ୍' ଓ 'ରା ୱାନ' ଭଳି ଅନେକ ଫିଲ୍ମରେ ତାଙ୍କ ଉଲ୍ଲେଖନୀୟ ଅଭିନୟ ପାଇଁ ପରଦାରେ ଓ ପରଦା ପଛରେ ପ୍ରଶଂସିତ ହୋଇଛନ୍ତି। ଆଗକୁ ରଜନୀକାନ୍ତ ଆଗାମୀ ଫିଲ୍ମ 'ଥଲାଇଭାର୍ ୧୭୦'ରେ ନଜର ଆସିବେ। ଫିଲ୍ମରେ ଅମିତାଭ ବଚ୍ଚନ, ଫହାଦ ଫାସିଲ, ରାଣା ଦଗୁବତି, ମଞ୍ଜୁ ୱାରିଅର ପ୍ରମୁଖ ଅଭିନୟ କରିଛନ୍ତି। ଆସନ୍ତା ବର୍ଷ ପୋଙ୍ଗଲ ପର୍ବ ଅବସରରେ ସିନେମାଟି ମୁକ୍ତିଲାଭ କରିବ।


## ଜନ୍ମଦିନ ଶୁଭେଚ୍ଛା




**ଗୋଲକ ବିହାରୀ**
N2-172, ନୟାପଲ୍ଲୀ, ଭୁବନେଶ୍ୱର
କାକସ୍ନାନ, ବକଧ୍ୟାନ, ଶ୍ୱାନନିଦ୍ରା, ତଥୈବଚ, ସ୍ୱଳ୍ପହାରୀ, ଗୃହତ୍ୟାଗୀ ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ। ଉପରୋକ୍ତ ଧାରାରେ ବିଦ୍ୟା ଅର୍ଜନକୁ ବ୍ରତ ରୂପେ ପାଳନ କଲେ ଶିକ୍ଷା ସଫଳ ହୁଏ। ନୀତିଶାସ୍ତ୍ରରେ ବର୍ଣ୍ଣିତ ଏହି ଅଭିଳାଷ ସ୍ୱ ଶିକ୍ଷାର୍ଥୀ ଜୀବନରେ ପ୍ରତିଫଳିତ ହେବାପାଇଁ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି। ଶୁଭେଚ୍ଛା ସହ:- ବୋଉ, ଡାଡି, ବାପି, ମାମି, ମାମୁ, ମାଇଁ, ମଉସା, ମାଉସୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୧୨


# ପ୍ରେମିକାଙ୍କ ଉଚ୍ଚତା ପ୍ରେମିକଙ୍କ ଉଚ୍ଚତାର ଅଧା

**ନୂଆଦିଲ୍ଲୀ:** ସାଧାରଣତଃ ପୁରୁଷଙ୍କଠାରୁ ମହିଳାଙ୍କ ଉଚ୍ଚତା କମ୍ ଥିଲେ ସେମାନଙ୍କ ଯୋଡ଼ି ସୁନ୍ଦର ଲାଗେ, ହେଲେ ଏଠାରେ ଏକ ଯୋଡ଼ିଙ୍କ ଉଚ୍ଚତାରେ ଏତେ ଫରକ ରହିଛି ଯେ, ପ୍ରେମୀ ଜଣଙ୍କ ପ୍ରେମିକଙ୍କ ଆଗରେ ଛୁଆ ସଦୃଶ ଦେଖାଯାଉଛନ୍ତି। ଏବଂ ପ୍ରେମିକ ତାଙ୍କ ଆଗରେ ଏକ ଖମ୍ବ ଭଳି ଦେଖାଯାଉଛନ୍ତି। ୨୨ ବର୍ଷୀୟା କୈଟ୍ ଆକ୍‌ହୋନଡ୍ରୋପ୍ଲାସିଆ ନାମକ ରୋଗରେ ପୀଡ଼ିତ ଅଛନ୍ତି। ସେଥିପାଇଁ ତାଙ୍କ ଉଚ୍ଚତା ୩.୮ ଫୁଟରେ ଅଟକି ଯାଇଛି। ତେବେ କୈଟ୍‌ଙ୍କ ପାର୍ଟନର ୩୨ ବର୍ଷୀୟ ଗାଏଙ୍କ ଉଚ୍ଚତା ୬ ଫୁଟ୍। ଦୁହିଁଙ୍କ କଥାବାର୍ତ୍ତା ପ୍ରଥମେ ଫେସବୁକ୍ ଜରିଆରେ ହୋଇଥିଲା। ଏହାପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୨୦୨୨ ମେ'ରେ ଯେତେବେଳେ ସେମାନଙ୍କ ଦେଖା ହେଲା ସେତେବେଳେ ଦୁହିଁଙ୍କ ଉଚ୍ଚତା ମଧ୍ୟରେ ୨ ଫୁଟ୍‌ରୁ ଅଧିକ ଫରକ ଥିବା ଜଣାପଡ଼ିଥିଲା। ପୂର୍ବରୁ ଦୁହିଁଙ୍କ ପରିବାର ସେମାନଙ୍କ ସମ୍ପର୍କକୁ ଗ୍ରହଣ କରୁ ନ ଥିବାବେଳେ ଏବେ ଗ୍ରହଣ କରୁଥିବା ପ୍ରେମୀଯୁଗଳ କହିଛନ୍ତି।

# ଗର୍ଭବତୀ ନାହାନ୍ତି କ୍ୟାଟ୍ରିନା



**ମୁମ୍ବାଇ:** ଦୀର୍ଘଦିନ ଧରି ଡେଟିଂ ପରେ ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏବଂ ଅଭିନେତା ଭିକ୍କି କୌଶଲ ଶେଷରେ ୨୦୨୧ରେ ବିବାହ କରିଥିଲେ। ଏହା ମଧ୍ୟରେ ସେମାନଙ୍କ ବିବାହକୁ ୨ ବର୍ଷ ଅତିକ୍ରମ କରିଥିବାବେଳେ ନିକଟରେ କ୍ୟାଟ୍ରିନା ଗର୍ଭବତୀ ଥିବା ନେଇ ଗୁଜବ ସୃଷ୍ଟି ହୋଇଥିଲା, ଯାହା ଏବେ ସ୍ପଷ୍ଟ ହୋଇଛି। କ୍ୟାଟ୍ରିନାଙ୍କୁ ମୁମ୍ବାଇରେ ଏକ ସବୁଜ ରଙ୍ଗର ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଯେଉଁଥିରେ ତାଙ୍କ ପେଟ ଆକାର ବଡ଼ ନ ଥିବା ଜଣାପଡ଼ିଥିଲା। କିଛି ଦିନ ହେବ କ୍ୟାଟ୍ରିନା ଗର୍ଭବତୀ ଥିବା ସବୁଆଡ଼େ ଚର୍ଚ୍ଚା ହେଉଥିଲା। ଯେହେତୁ କ୍ୟାଟ୍ରିନା ଖାଲି ସାଲୱାର ଶୁଟ୍‌ରେ ନଜରକୁ ଆସୁଥିଲେ, ପ୍ରଶଂସକମାନେ ଅଭିନେତ୍ରୀ ଗର୍ଭବତୀ ଥିବା ସନ୍ଦେହ କରୁଥିଲେ। କ୍ୟାଟ୍ରିନା ୨୦୦୩ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଅନେକ ହିଟ୍ ସିନେମା ପ୍ରଶଂସକଙ୍କୁ ଭେଟି ଦେଇ ଲୋକପ୍ରିୟ ହୋଇପାରିଛନ୍ତି। ଗତବର୍ଷ ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଫୋନ ବୁଥ୍'ରେ ଦେଖିବାକୁ ମିଳିଥିଲା। ଆଗାକୁ ସେ ମୁଭି 'ଟାଇଗର ୩' ଏବଂ 'ମେରି କ୍ରିଷ୍ଟମାସ୍'ରେ ନଜରକୁ ଆସିବେ। ଏଥିସହ ସେ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।


# Classified Everyday
0674-2580101, 2549949


REAL ESTATE
**SALE**

**Triplex for sale in a posh locality near AIIMS for details Plz contact. Mob-7605932509.** D-1714

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

**Nakhara-NIRTAR State Highway** କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି **SC** ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି - **9937417899.** D-75256

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

**Few Office space left for immediate sale in a prime locality. For details Plz Contact-7605932509.** D-1713

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

**Duplex sale adjacent Retang Medical, C.V. Raman, Tamando, Bhubaneswar@57,00,000/-, 9938368479.** D-75248

ନାଇଜର, ଜଟଣୀ yellow Zone ବର୍ଗଫୁଟ ୩୫୦-୮୦୦ ଜାଗା ବିକ୍ରି ହେଉଛି। 8249693292. D-75162

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **9337166296, 9853474706.** D-75233

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - **9437205314, 9937513595.** D-75243

ଘରବାରି ପଟ୍ଟା **Plots, Resale Hotel / house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242



All types of professional body massage by professional therapy. Contact 7077933109, 9556924059, 8658803018. D-1669

Full body massage in homely atmosphere in all therapy. Mob: 8114881641. D-73446

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open SPA positively health benefit with expert. Contact: 7749976301. D-1681

**Newly open Spa positively health benefits with expert therapist. 9938843929.** D-75167


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LOST

Notice is hereby given from Smt. Basanti Rout, W/o- Late Balaram Rout, residing At-Endarapal, P.O-Satyabhamapur, P.S.- Balianta, Dist.- Khordha that at present, She has lost the Original ROR No.- Sale deed bearing No-1550 dt.-12.12.2005 which was kept in her hand bag, while going to Court from my residence at Bhubaneswar on dt.- 01.11.2023 and in spite of my best efforts, failed to trace the same. Therefore, if anybody has found the same, please contact with my Mobile Number within 7days to take further course of action. D-1715

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ମୁଁ ଶ୍ରୀ ସମିର କୁମାର ପରିଡ଼ା, ସା/ପୋ- ଜପାଭୂଆଁ, ଥାନା- ଏରସମା, ଜିଲ୍ଲା- ଜଗତ୍‌ସିଂହପୁର ଜଣାଉଛିକି ତା୧୩।୦୫।୨୦୧୧ ମସିହା କୁଜଙ୍ଗ ରେଜିଷ୍ଟ୍ରି ଅଫିସରେ ହୋଇଥିବା ମୋର ଖତିୟାନ ନଂ.-୪୫୧/୩୯, କବଲା ୧୦୭୫୧୧୦୧୨୨୩, ତା।୨୫।୧୦।୨୦୨୩ରେ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ମୋ- ୯୪୩୮୫୯୨୮୭୬ରେ ଜଣାଇବାକୁ ଅନୁରୋଧ। ଧ-୧୭୧୬

## AFFIDAVIT

I, Nirakar Nayak, S/o- Babaji Nayak, Vill/ P.O-Korigan, P.S-Bhandaripokhari, Dist.-Bhadrak, declare by this affidavit No-4979, dtd-30.10.2023 that now onwards I shall be known as Nirakar Nayak for all future purposes and Nirakar Nayak and Basudev Nayak is one and same person. D-1717

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before the Notary, Bhubaneswar, I Srikanta Kumar Sahu, S/o Laxmidhar Sahu, R/o Palasuni, PO-Rasulgarh, PS- Mancheswar, Bhubaneswar, Odisha- 751025, declare by this affidavit No-29959 dated 02.11.2023 that now onwards, I shall be known as Srikanta Sahoo for all future purpose. D-1719

I, Biswajeet Nayak, S/o- Laxmidhar Nayak, At/P.O-Janha, P.S-Panikoili, Jajpur, Odisha has changed my name from Biswojit Nayak to Biswajeet Nayak in all future purpose by virtue of affidavit dated 20.10.2023 with Notary, Bhubaneswar. D-1721

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।








ଉଇକେଟ ନେବା ପରେ ମହମ୍ମଦ ନବିଙ୍କୁ ସାଥି ଖେଳାଳିଙ୍କ ବଧେଇ।

# ଆଶା ବଢ଼ାଇଲା ଆଫଗାନିସ୍ତାନ

**ଲକ୍ଷ୍ନୌ, ୩।୧୧**

ବୋଲିଂ, ଫିଲ୍ଡିଂ ଓ ବ୍ୟାଟିଂ ସବୁଥିରେ ପ୍ରଭାବୀ ପ୍ରଦର୍ଶନ କରି ଆଫଗାନିସ୍ତାନ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲ ଦିଗରେ ଆଉ ଗୋଟିଏ ପାଦ ଅଗ୍ରସର ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୭ ଉଇକେଟରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ୪୬.୩ ଓଭରରେ ୧୭୯ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଆଫଗାନିସ୍ତାନ ୩୧.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ନେଇଛି। ଫଳରେ ଦଳର ରନ୍ ହାରରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଘଟିଛି। ୭ ମ୍ୟାଚରୁ ୪ର୍ଥ ବିଜୟ ସହ ଆଫଗାନିସ୍ତାନ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଫଳରେ ଦଳର ସେମିଫାଇନାଲ ପ୍ରବେଶ ଆଶା ବଢ଼ିଛି। ଅନ୍ୟପକ୍ଷରେ ୭ ମ୍ୟାଚରୁ ୫ମ ପରାଜୟ ସହ ନେଦରଲାଣ୍ଡ୍ସର ଆଶା ଶେଷ ହୋଇ ଯାଇଛି। ୩ଟି ଉଇକେଟ ନେବା ସହ ଗୋଟିଏ ରନ୍‌ଆଉଟରେ ସମ୍ପୃକ୍ତଥିବା ମହମ୍ମଦ ନବି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନେଦରଲାଣ୍ଡ୍ସ ମାତ୍ର ୨୭ ରନରେ ଓପନର ୱେସଲି ବାରେସି (୧)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଟପ୍ ଅର୍ଡରରେ ମ୍ୟାକ୍ସ ଓ'ଡୋଡ, କଲିନ ଆକରମାନ ଓ ମିଡିଲ ଅର୍ଡରରେ ସିବ୍ରାଣ୍ଡ ଇଙ୍ଗେଲବ୍ରେଚ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ମାତ୍ର ଆଫଗାନିସ୍ତାନର ବୋଲିଂ ଓ ଫିଲ୍ଡିଂ ଅତି ଚମତ୍କାର ହୋଇଥିଲା। ଫଳରେ ସେଟ୍ ହୋଇଥିବା ଏହି ତିନିଟ ବ୍ୟାଟରଙ୍କ ସମେତ ମୋଟ ୪ ଖେଳାଳି ରନ୍‌ଆଉଟ ହୋଇଥିଲେ। ଫଳରେ ଦଳ ପୂରା ୫୦ ଓଭର ତିଷ୍ଠିବା ସମ୍ଭବ ହୋଇ ନ ଥିଲା। ଅର୍ଦ୍ଧଶତକ ହାସଲକାରି ଇଙ୍ଗେଲବ୍ରେଚ୍ ଦଳ ପକ୍ଷରୁ ସର୍ବାଧିକ ୫୮ ରନ କରିବାକୁ ସକ୍ଷମ ହୋଇଥିଲେ। ଓ'ଡୋଡ୍ ୪୨ ଓ ଆକରମାନ ୨୯ ରନରେ ପ୍ୟାଭିଲିୟନ ଫେରିଥିଲେ। ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ନେଦରଲାଣ୍ଡ୍ସ ଇନିଂସ ୪୬.୩ ଓଭରରେ ୧୭୯ରେ ସୀମିତ ରହି ଯାଇଥିଲା। ଆଫଗାନିସ୍ତାନର ୬ ଜଣ ଯାକ ବୋଲରଙ୍କ ଇକୋନୋମି ହାର ବଢ଼ିଆ ରହିଥିଲା। ମହମ୍ମଦ ନବି ସର୍ବାଧିକ ୩ଟି, ନୁର୍ ଅହମଦ ୨ଟି ଓ ମୁଜିବ ଉର୍ ରହମନ ଗୋଟିଏ ଉଇକେଟ ନେଇଥିଲେ।

ଟାର୍ଗେଟ ବଡ଼ ନ ଥିବାରୁ ଆଫଗାନିସ୍ତାନ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲା। ତେବେ ୨୭ ରନରେ ପ୍ରଥମ ଏବଂ ୫୫ ରନରେ ଦ୍ୱିତୀୟ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ମାତ୍ର ରହମତୁଲ୍ଲା ଶାହା ଓ ଅଧିନାୟକ ହସମତୁଲ୍ଲା ଶାହିଦି ଅର୍ଦ୍ଧଶତକ ହାସଲ କରିବା ସହ ତୃତୀୟ ଉଇକେଟରେ ୭୪ ରନର ଭାଗୀଦାରି ଗଢ଼ି ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ରହମତ ୫୪ ବଲ୍‌ରୁ ୫୨ (୮ ଚୌକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ମାତ୍ର ସମ୍ପୂର୍ଣ୍ଣ ଫର୍ମରେ ଥିବା ହସମତୁଲ୍ଲା ଅସମାପ୍ତ ଚତୁର୍ଥ ଉଇକେଟରେ ଆଜମତୁଲ୍ଲା ଓମାରଜାଇଙ୍କ ସହ ୫୨ ରନ ଯୋଗକରି ଆହୁରି ୧୧୧ ବଲ୍ ବାକିଥାଇ ଦଳକୁ ବିଜୟୀ କରିଥିଲେ। ହସମତୁଲ୍ଲା ୫୬ (୬ ଚୌକା) ଓ ଓମାରଜାଇ ୨୮ ବଲ୍‌ରୁ ୩୧ ରନରେ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ୍ସ ୪୬.୩ ଓଭରରେ ୧୭୯/ଅଲଆଉଟ (ସିବ୍ରାଣ୍ଡ ଇଙ୍ଗେଲବ୍ରେଚ୍-୫୮, ମ୍ୟାକ୍ସ ଓ'ଡୋଡ୍-୪୨, କଲିନ ଆକରମାନ-୨୯, ମହମ୍ମଦ ନବି-୩/୨୮, ନୁର୍ ଅହମଦ-୨/୩୧, ମୁଜିବ ଉର୍ ରହମନ-୧/୪୦)। ଆଫଗାନିସ୍ତାନ ୩୧.୩ ଓଭରରେ ୧୮୧/୩ (ହସମତୁଲ୍ଲା ଶାହିଦି-୫୬*, ରହମତ ଶାହା-୫୨, ଆଜମତୁଲ୍ଲା ଓମାରଜାଇ-୩୧*, ଲୋଗାନ ଭାନ୍ ବିକ୍-୧/୩୦, ରୋଏଲଫ୍ ଭାନ୍ ଡର୍ ମେରୱେ-୧/୨୭, ସାକିବ ଜୁଲଫିକର-୧/୨୫)।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ**
**ସ୍ଥାନ: ବେଙ୍ଗାଲୁରୁ, ସମୟ: ପୂର୍ବାହ୍ନ ୧୦ଟା ୩୦**

**ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ**
**ସ୍ଥାନ: ଅହମଦାବାଦ, ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୭ | ୭ | ୦ | ୧୪ | +୨.୧୦୨ |
| ଦକ୍ଷିଣ ଆଫ୍ରିକା | ୭ | ୬ | ୧ | ୧୨ | +୨.୨୯୦ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ନ୍ୟୁଜିଲାଣ୍ଡ | ୭ | ୪ | ୩ | ୮ | +୦.୪୮୪ |
| ଆଫଗାନିସ୍ତାନ | ୭ | ୪ | ୩ | ୮ | -୦.୩୩୦ |
| ପାକିସ୍ତାନ | ୭ | ୩ | ୪ | ୬ | -୦.୦୨୪ |
| ଶ୍ରୀଲଙ୍କା | ୭ | ୨ | ୫ | ୪ | -୧.୧୬୨ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

## ହେନ୍‌ରୀ ବିଶ୍ୱକପ୍‌ରୁ ବାହାର

**ନୂଆଦିଲ୍ଲୀ, ୩।୧୧ (ପି.ଟି.)**

ଡାହାଣ ପାର୍ଶ୍ୱ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ଯୋଗୁ ନ୍ୟୁଜିଲାଣ୍ଡର ପ୍ରମୁଖ ପେସ୍ ବୋଲର ମ୍ୟାଟ୍ ହେନ୍‌ରୀ ବିଶ୍ୱକପ୍‌ର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ କାଇଲ ଜେମିସନଙ୍କୁ ଦଳରେ ନିଆଯାଇଛି। ବୁଧବାର ପୁଣେଠାରେ ନ୍ୟୁଜିଲାଣ୍ଡର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ବେଳେ ଏହି ୩୧ ବର୍ଷୀୟ ଖେଳାଳି ଆଘାତପ୍ରାପ୍ତ ହୋଇଛନ୍ତି। ଏମ୍‌ଆରଆଇ ସ୍କାନ ପରେ ତାଙ୍କର ଗ୍ରେଡ୍ ଟୁ ଲୋୟର ଟିଅର ହୋଇଥିବା ଜଣାପଡ଼ିଥିଲା। ଏଥିରୁ ମୁକ୍ତି ପାଇବା ଲାଗି ତାଙ୍କୁ ଅତି କମ୍‌ରେ ୨ରୁ ୪ ସପ୍ତାହ ସମୟ ଲାଗିବ। ମୁଖ୍ୟ କୋଚ୍ ଗ୍ୟାରୀ ଷ୍ଟେଡ୍ କହିଛନ୍ତି, ମ୍ୟାଟ ଦୀର୍ଘ ଦିନ ହେଲା ଆମ ଦିନିକିଆ ଦଳର ଜଣେ ପ୍ରମୁଖ ସଦସ୍ୟ ରହି ଆସିଛନ୍ତି। ଟୁର୍ନାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଦଳ ତାଙ୍କ ଅନୁପସ୍ଥିତି ଅନୁଭବ କରିବ।

# ଷ୍ଟିମାକ୍ ଘୋଷଣା କଲେ ୨୮ ଜଣିଆ ଦଳ

**ନୂଆଦିଲ୍ଲୀ, ୩।୧୧ (ପି.ଟି.)**

ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ପାଇଁ ଭାରତୀୟ ଫୁଟ୍‌ବଲ ଟିମ୍ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ଶୁକ୍ରବାର ୨୮ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ଏଥିରେ ସୁନୀଲ ଛେତ୍ରୀ, ଗୁରପ୍ରୀତ ସିଂ ସାନ୍ଧୁ ଓ ସନ୍ଦେଶ ଝିଙ୍ଗାନ୍‌ଙ୍କ ସମେତ ଅଧିକାଂଶ ଟପ୍ ଖେଳାଳି ସ୍ଥାନ ପାଇଛନ୍ତି। ଫିଫା ବିଶ୍ୱକପ୍ ୨୦୨୬ ରାଉଣ୍ଡ-୨ର ପ୍ରଥମ ଦୁଇ ମ୍ୟାଚ ଏବଂ ଏଏଫ୍‌ସି ଏସିଆନ କପ୍ ସାଉଦିଆରବ ୨୦୨୭ ପ୍ରିଲିମିନାରି ଜଏଣ୍ଟ କ୍ୱାଲିଫିକେଶନ ପାଇଁ ଏହି ଦଳ ଘୋଷଣା କରାଯାଇଛି। ଗ୍ରୁପ୍ 'ଏ'ରେ ବ୍ଲୁ ଟାଇଗର୍ସ ଦଳ ଏହାର ଓପନିଂ ମ୍ୟାଚ ନଭେମ୍ବର ୧୬ରେ କୁଏଟ ସିଟିରେ ଅବସ୍ଥିତ ଜାବର ଅଲ୍ ଅହମଦ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ କୁଏଟକୁ ଭେଟିବ। ଦଳ ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ନଭେମ୍ବର ୨୧ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ କାତାର ସହ ମୁକାବିଲା କରିବ। କ୍ୱାଲିଫାୟର୍ସ ପୂର୍ବରୁ ଭାରତ ଏକ ପ୍ରସ୍ତୁତି କ୍ୟାମ୍ପ ପାଇଁ ନଭେମ୍ବର ୮ରେ ଦୁବାଇ ଗସ୍ତ କରିବ।



ଇଗୋର ଷ୍ଟିମାକ୍

**ମନୋନୀତ ଖେଳାଳି ତାଲିକା- ଗୋଲକିପର:** ଅମରିନ୍ଦର ସିଂ, ଗୁରପ୍ରୀତ ସିଂ ସାନ୍ଧୁ, ବିଶାଲ କେଥ୍। **ଡିଫେଣ୍ଡର:** ଆକାଶ ମିଶ୍ର, ଲାଲ୍‌ଚୁଙ୍ଗନୁଙ୍ଗା, ମେହତାବ ସିଂ, ନିଖିଲ ପୂଜାରୀ, ରାହୁଲ ଭେକି, ରୋଶନ ସିଂ ନାଓରେମ, ସନ୍ଦେଶ ଝିଙ୍ଗାନ, ସୁଭାଶିଷ ବୋଷ। **ମିଡ୍‌ଫିଲ୍ଡର:** ଅନିରୁଦ୍ଧ ଥାପା, ବ୍ରାଣ୍ଡନ ଫର୍ନାଣ୍ଡିଜ, ଗ୍ଲାନ ପିଟର ମାର୍ଟିନ୍ସ, ଲାଲେଙ୍ଗ ମାୱିଆ, ଲିଷ୍ଟନ କୋଲାକୋ, ମହେଶ ସିଂ ନାଓରେମ, ନନ୍ଦକୁମାର ସେକର, ରୋହିତ କୁମାର, ସହଲ ଅବ୍‌ଦୁଲ ସମଦ, ସୁରେଶ ସିଂ ୱାଙ୍ଗଝାମ୍, ଉଦାନ୍ତ ସିଂ କୁମାମ୍। **ଫରୱାର୍ଡ:** ଇଶାନ ପଣ୍ଡିତ, ଲାଲିଆନଜୁଆଲା ଛାଙ୍ଗ୍‌ଟେ, ମନଭିର ସିଂ, ରାହୁଲ କାନୋଲି ପ୍ରବୀନ, ସୁନୀଲ ଛେତ୍ରୀ ଓ ବିକ୍ରମ ପ୍ରତାପ ସିଂ।

**ବିଶ୍ୱକପ୍ କ୍ୱାଲିଫାୟର**

# ନିମା କିସ୍‌ପୋଟାଙ୍କୁ ଟାଇଟଲ

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ମହିଳା ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଝାଡ଼ଖଣ୍ଡର ନିମା ସାରା କିସ୍‌ପୋଟା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ତେଲଙ୍ଗାନାର ଚିଭିକା ରେଡ୍ଡୀ ସାମାଙ୍କୁ ୫-୭, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅକ୍ଟୋବର ୩୦ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୦ ଓ ୧୫ ଏଆଇଟିଏ ର୍‍ୟାଙ୍କିଂ ପଏଣ୍ଟ ହାସଲ କରିଛନ୍ତି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ, କର୍ନାଟକ, ତେଲଙ୍ଗାନା, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ଆୟୋଜକ ଓଡ଼ିଶା ଆଦି ୧୨ ରାଜ୍ୟରୁ ପାଖାପାଖି ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ନିମା ସାରା କିସ୍‌ପୋଟା

**ବିଶ୍ୱକପ୍ ପରାଜୟ**

## ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପରିସରରେ ପୋଲିସ ମୁତୟନ

**କଲମ୍ବୋ, ୩।୧୧ (ପି.ଟି.)**

ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସଏଲ୍‌ସି) ପରିସରରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଦଙ୍ଗା ନିରୋଧୀ ପୋଲିସ ସ୍କ୍ୱାର୍ଡ ମୁତୟନ କରାଯାଇଛି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତଠାରୁ ଲଜ୍ଜାଜନକ ପରାଜୟ ଦେଶର କ୍ରିକେଟ ପ୍ରେମୀମାନେ ଉତ୍କ୍ଷିପ୍ତ ହୋଇପଡ଼ିଛନ୍ତି। କେତେକ ଏସ୍‌ଏଲ୍‌ସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ଲାଗି ଧମକ ଦେବା ସହ ଶ୍ରୀଲଙ୍କା କ୍ରିକେଟର ଗଭର୍ନିଂବଡିର ଇସ୍ତଫା ଦାବି କରିଛନ୍ତି। ସମ୍ଭାବ୍ୟ ପରିସ୍ଥିତିର ସାମ୍ନା କରିବା ଲାଗି ୱାଟର କ୍ୟାନନରେ ସୁସଜ୍ଜିତ ପୋଲିସ ସ୍କ୍ୱାର୍ଡ ମୁତୟନ କରାଯାଇଛି। ଉତ୍ୟକ୍ତ ଖେଳପ୍ରେମୀମାନେ ସୋସିଆଲ ମିଡିଆରେ ସଭାପତି ଶାମି ସିଲ୍‌ଭାଙ୍କ ନେତୃତ୍ୱାଧୀନ ସମଗ୍ର କାର୍ଯ୍ୟନିର୍ବାହୀ କମିଟିର ଇସ୍ତଫା ଦାବି କରିଛନ୍ତି। ୱାଙ୍ଖେଡେ ଷ୍ଟାଡିୟମରେ ବିପର୍ଯ୍ୟୟ ପାଇଁ କୋଚିଂ ଷ୍ଟାଫ୍ ଏବଂ ଚୟନକର୍ତ୍ତାଙ୍କ ବିରୋଧରେ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି କରିବା ଲାଗି ସେମାନେ ଏସ୍‌ଏଲ୍‌ସିକୁ କହିଛନ୍ତି। ଭାରତ ଗୁରୁବାର ଶ୍ରୀଲଙ୍କାକୁ ୩୦୨ ରନରେ ପରାସ୍ତ କରିବା ସହ ରେକର୍ଡ କ୍ରମାଗତ ୭ମ ବିଜୟ ସହ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି।







ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନ ଓ ପ୍ରମୋଦ ଭଗତଙ୍କୁ ଶୁକ୍ରବାର ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଉଛି।

# ମୌରିସିଓଙ୍କ ଗୋଲରେ ଓଏଫ୍‌ସି ବିଜୟୀ




ଗୋଲ ସ୍କୋର ପରେ ହାତର ଟାଟୁ ଦେଖାଉଛନ୍ତି ଡିଏଗୋ ମୌରିସିଓ। (ଫଟୋ: ବିକାଶ ନାୟକ)

**ଇଣ୍ଡିଆନ ସୁପର ଲିଗ୍**

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ଘରୋଇ ପରିବେଶରେ ଆଉ ଏକ ବିଜୟ ସ୍ୱାଦ ଚାଖିଛି ଓଡ଼ିଶା ଏଫ୍‌ସି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଏଫ୍‌ସି ୧-୦ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ମ୍ୟାଚର ୩୭ତମ ମିନିଟରେ ଡିଏଗୋ ମୌରିସିଓ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ମଧ୍ୟ ଗୋଲ ହୋଇ ନ ଥିଲା। ଚଳିତ ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଏହା କ୍ରମାଗତ ଦ୍ୱିତୀୟ ଓ ଓଭରଅଲ୍ ତୃତୀୟ ବିଜୟ। ଦଳ ଏହାର ପୂର୍ବ ମ୍ୟାଚରେ ଅକ୍ଟୋବର ୩୧ରେ ବେଙ୍ଗାଲୁରୁ ଏଫ୍‌ସିକୁ ୩-୨ ଗୋଲରେ ପରାସ୍ତ କରିଥିଲା। ୬ ମ୍ୟାଚରୁ ୩ ବିଜୟ, ୨ ପରାଜୟ ଓ ୧ ଡ୍ର ସହ ଓଏଫ୍‌ସି ୧୦ ପଏଣ୍ଟ ସହ ଟେବୁଲର ୪ର୍ଥ ସ୍ଥାନରେ ରହିଛି। କେରଳ ବ୍ଲାଷ୍ଟର୍ସ ଓ ଏଫ୍‌ସି ଗୋଆ ନିକଟରୁ କ୍ରମାଗତ ପରାଜୟ ପରେ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଛି।

# ଓଡ଼ିଶାର ଆହାନ ଚାମ୍ପିୟନ

ଭୁବନେଶ୍ୱର, ୩।୧୧
(ତପନ ସ୍ୱାଇଁ)


ଆହାନ ମିଶ୍ର

ବେଙ୍ଗଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କୋଲକାତାର ସଲ୍ଟଲେକ୍‌ରେ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ନ୍ୟାଶନାଲ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଡବଲ୍ସ ଇଭେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାରେ ତାଙ୍କର ପାର୍ଟନର ଥିଲେ ପଶ୍ଚିମବଙ୍ଗର ସଂକଳ୍ପ କୁମାର ସାହାଣି। ଆହାନ-ସଂକଳ୍ପ ଯୋଡ଼ି ଫାଇନାଲରେ ଆସାମର ଚାଣ୍ଡୋଗ୍ୟ ପାଠକ ଓ ତେଲଙ୍ଗାନାର ପ୍ରଣିତ ଆର. ଚିଟେପୁଙ୍କୁ ୬-୨, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ଆହାନଙ୍କ ପାଇଁ ଏହା ଥିଲା ପ୍ରଥମ ନ୍ୟାଶନାଲ ସିରିଜ ଟାଇଟଲ। ସିଙ୍ଗଲ୍ସରେ ସେ ଭଲ ପ୍ରଦର୍ଶନ କରି ନ ପାରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଓଡ଼ିଶା ଟେନିସ ଆସୋସିଏଶନ ଏକାଡେମୀର ଟ୍ରେନି ଆହାନ ପ୍ରଥମଥର ପାଇଁ ନ୍ୟାଶନାଲ ସିରିଜ ଟାଇଟଲ ଜିତିଥିବାରୁ ଖୁସି ପ୍ରକାଶ କରିଛନ୍ତି। ଚଳିତ ମାସରେ ଭୁବନେଶ୍ୱରରେ ହେବାକୁଥିବା ନ୍ୟାଶନାଲ ସିରିଜ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାନେଇ ସେ ଆଶା ରଖିଛନ୍ତି।

# ହକି ଆସୋସିଏଶନ ଅଫ୍ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର, ୧।୧୩
(ବିଜୟ ରଣା)

ଝାଡ଼ଖଣ୍ଡ ଅନ୍ତର୍ଗତ ରାଞ୍ଚିସ୍ଥିତ ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ୧୩ତମ ହକି ଇଣ୍ଡିଆ କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଓଏ) ସମ୍ମାନଜନକ ଉଲ୍ଲେଖନୀୟ ପ୍ରଦର୍ଶନ ପୁରସ୍କାର ଲାଭ କରିଛି। ଏ ବାବଦରେ ୧୦,୦୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ମିଳିଛି। ଭାରତରେ ହକି ଇଣ୍ଡିଆ ହେଉଛି ଫିଲ୍ଡ ହକିର ପରିଚାଳନା ପରିଷଦ। ୨୦୨୩ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ରାଜ୍ୟରେ ହକି ଖେଳର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଏଚ୍‌ଓଏର କାର୍ଯ୍ୟ ପ୍ରଶଂସନୀୟ। ଓଡ଼ିଶା ବର୍ତ୍ତମାନ ହକିର ଗ୍ଲୋବାଲ ହବ୍ ଭାବେ ଉଭା ହୋଇଛି। ଏଚ୍‌ଏଓର ସମ୍ପାଦକ ସନାତନ ସାହୁ କହିଛନ୍ତି, ଆମ କାର୍ଯ୍ୟଧାରାକୁ ହକି ଇଣ୍ଡିଆ ସ୍ୱୀକୃତି ପ୍ରଦାନ କରିଛି। ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ପାଇଁ ଆମେ ଗୌରବାନ୍ୱିତ ମନେ କରୁଛୁ। ଏଥିପାଇଁ ଆମେ ହକି ଇଣ୍ଡିଆ ନିକଟରେ କୃତଜ୍ଞ।

# ଅନୁରାଧାଙ୍କୁ ଆଉ ଏକ ଗୁରୁଦାୟିତ୍ୱ


ଅନୁରାଧା ବିଶ୍ୱାଳ

ଭୁବନେଶ୍ୱର, ୩।୧୧
(ତପନ ସ୍ୱାଇଁ)

ଚେନ୍ନାଇର କୋଏମ୍ବାଟୁରରେ ୩୮ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଚଳିତ ମାସ ୭ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୪୦ ଆଥ୍‌ଲେଟ ଭାଗ ନେବାକୁ ଯାଉଥିବାବେଳେ କୋଚ୍ ଏବଂ ମ୍ୟାନେଜର ଭାବେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ତୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ ପାଇଁ ଖେଲୋ ଇଣ୍ଡିଆ ଚୟନ କମିଟି ସଦସ୍ୟ ଥିବା ଅନୁରାଧା ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡର ମଧ୍ୟ ଚୟନକର୍ତ୍ତା ଅଛନ୍ତି। ତେଣୁ ସେ ଉକ୍ତ ପ୍ରତିଯୋଗିତାରୁ ଆଗାମୀ ଦିନରେ ହେବାକୁଥିବା ପ୍ରତିଯୋଗିତା ପାଇଁ ଆଥ୍‌ଲେଟ ମନୋନୟନ କରିବେ। ଏଭଳି ସୁଯୋଗ ମିଳିଥିବାରୁ ଅନୁରାଧା ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ନାଲ୍‌କୋକୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ଦଳ ନଭେମ୍ବର ୫ ତାରିଖରେ କୋଏମ୍ବାଟୁର ଯାତ୍ରା କରିବ।

# ସେମିରୁ ଭାରତର ବିଦାୟ

ଜୋହର ବାହାରୁ, ୩।୧୧(ପି.ଟି.)

ତିନିଥର ଚାମ୍ପିୟନ ଭାରତ ସୁଲତାନ ଜୋହର କପ୍ ଜୁନିୟର ହକି ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇପାରିନାହିଁ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନରେ ଦଳ ୩-୬ ଗୋଲ୍‌ରେ ବିଶ୍ୱର ୨ ନମ୍ବର ଜର୍ମାନୀଠାରୁ ହାରିଯାଇଛି। ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିବା ଜର୍ମାନୀ ତରଫରୁ ଖ୍ରିଷ୍ଟିଆନ ଫ୍ରାଞ୍ଜ୍, ନିକାସ ବେରେଣ୍ଟିସ୍, ପିଅର ହିନରିକ୍ସ ଓ ସ୍ୱର୍ଲିଂ ଫ୍ଲୋରିଆନ ଗୋଲ୍ ସ୍କୋର କରିଥିବା ବେଳେ ଭାରତ ପକ୍ଷରୁ ଅମନଦୀପ ଲାକ୍ରା (୩୫ତମ), ଉତ୍ତମ ସିଂ (୫୮ତମ) ଓ ରୋହିତ (୬୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୪/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, November 4/2023 | Page 20 | ପୃଷ୍ଠା-୧ | RAYAGADA







ପାରା ଏସିଆନ ଗେମ୍ସରେ ୨ ପଦକ ବିଜେତା ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଓ ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରମୋଦଙ୍କୁ ୨ କୋଟି, ସୌନ୍ଦର୍ଯ୍ୟଙ୍କୁ ୧.୫ କୋଟି ସହାୟତା

## ପାରା ଏସିଆନ ଗେମ୍ସ ପଦକ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ଭୁବନେଶ୍ୱର,୩।୧୧(ଅନିଲ ଦାସ)**

ନିକଟରେ ଶେଷ ହୋଇଥିବା ପାରା ଏସିଆନ ଗେମ୍ସରେ ୨ ପଦକ ବିଜେତା ପ୍ରମୋଦ ଭଗତ ଏବଂ ସୌନ୍ଦର୍ଯ୍ୟ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିବା ସହ ଅର୍ଥରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ୨ କୋଟି ଟଙ୍କା ଏବଂ ସୌନ୍ଦର୍ଯ୍ୟ କୁମାରଙ୍କୁ ୧.୫ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ପ୍ରମୋଦ ପାରା ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ସହ ୩ଟି ପଦକ ଜିତିଥିବା ବେଳେ ସୌନ୍ଦର୍ଯ୍ୟ ଚେସ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରମୋଦ ଏବଂ ସୌନ୍ଦର୍ଯ୍ୟଙ୍କୁ ସେମାନଙ୍କ ଉତ୍ତମ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ସେମାନଙ୍କ ଖେଳ ପ୍ରତି ଥିବା ପ୍ରତିବଦ୍ଧତା, ଉତ୍ସର୍ଗ ରାଜ୍ୟକୁ ଗୌରବାନ୍ୱିତ କରିଛି। ସେମାନଙ୍କ ବିଜୟ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି। ଉଭୟ ଖେଳାଳିଙ୍କୁ ଭବିଷ୍ୟତରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଖେଳାଳି ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତ ପ୍ରକାର ପ୍ରୋତ୍ସାହନ ଓ ସହାୟତା ଯୋଗାଇ ଦେଉଥିବାରୁ ସୌନ୍ଦର୍ଯ୍ୟ ପ୍ରଧାନ ଏବଂ ପ୍ରମୋଦ ଭଗତ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶାକୁ ଧନ୍ୟବାଦ ଦେଇଛନ୍ତି।

ପାରା ଏସିଆନ ଗେମ୍ସରେ ପ୍ରମୋଦ ପାରା ବ୍ୟାଡ୍‌ମିଣ୍ଟନରେ ପୁରୁଷ ସିଙ୍ଗଲ ଏସ୍‌ଏଲ-୩,ଏସ୍‌ୟୁ-୫ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ଡବଲ ଓ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ସେହିପରି ସୌନ୍ଦର୍ଯ୍ୟ ପ୍ରଧାନ ରାପିଡି ଭିଆଇ ବ୍ଲିଜ୍ ଚେସ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

# କାର୍ତ୍ତିକରେ ବଢୁଛି ତାତି

**ଭୁବନେଶ୍ୱର,୩।୧୧(ଅନିଲ ଦାସ)**

କାର୍ତ୍ତିକ ମାସ ହେଲା। ରାଜ୍ୟରେ ଶୀତ ବଦଳରେ ତାତି ବିରାଜମାନ କରୁଛି। ସକାଳ ୮ଟା ହେବା ମାତ୍ରେ ମାଡ଼ିଆସୁଛି ଟାଇଁ ଟାଇଁ ଖରା। ପାରଦ ୩୫ ଡିଗ୍ରୀକୁ ଟପିଯାଉଛି। ରାଜ୍ୟରେ ସ୍ୱାଭାବିକ ଭାବେ ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ତଳେ ରହିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ। ଅନ୍ୟପକ୍ଷରେ ପେରୁ ଉପକୂଳ ପୂର୍ବ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରରେ ରହିଥିବା ଏଲ୍-ନିନ୍ୟୋ ମଧ୍ୟ ଗରମ ବୃଦ୍ଧିର ଅନ୍ୟ ଏକ କାରଣ। ଏଲ୍-ନିନ୍ୟୋ ପ୍ରଭାବରୁ ବାୟୁ ଚଳାଚଳ ପ୍ରଭାବ ପ୍ରଭାବିତ ହୋଇଛି। ରାଜ୍ୟକୁ ଉତ୍ତର ଉତ୍ତର-ପୂର୍ବ ଦିଗ ବଦଳରେ ପୂର୍ବ ଦକ୍ଷିଣ-ପୂର୍ବ ଦିଗରୁ ବାୟୁ ପ୍ରବାହିତ ହେଉଛି। ଏହି କାରଣରୁ ଚଳିତ ବର୍ଷ ଶୀତ କମିଯାଇପାରେ ବୋଲି ଅନୁମାନ କରାଯାଉଛି।

ଶୀତ ଏକପ୍ରକାର ଗାଏବ ହୋଇଯାଇଛି। ଅକ୍ଟୋବର ଶେଷ ଆଡ଼କୁ ଟିକେ ହାଲୁକା ଶୀତ ହୋଇଥିଲା। ନଭେମ୍ବର ୧ ତାରିଖରୁ ରାଜ୍ୟରେ ତାତି ବିରାଜମାନ କରୁଛି। ଦିନରେ ହେଉଥିବା ପ୍ରବଳ ଖରା ପରିବେଶକୁ ଉତ୍ତପ୍ତ କରି ଦେଉଛି। ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆହୁରି ୪/୫ ଦିନ ଏଭଳି ପାଗ ରହିବ। ତାତି ବଢୁଥିବାରୁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ଢେଙ୍କାନାଳ,ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାର ଗୋଟିଏ ୨ଟି ସ୍ଥାନରେ ହାଲୁକା ଝଡ଼ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୫ ତାରିଖରୁ ବାୟୁ ପ୍ରବାହର ଗତି ପରିବର୍ତ୍ତନ ହୋଇ ଉତ୍ତର ଉତ୍ତର-ପୂର୍ବ ଦିଗରୁ ବହିବ। ଫଳରେ ତାପମାତ୍ରା କମିବା ସହ ହାଲୁକା ଶୀତ ଆରମ୍ଭ ହେବ। କେତେକ ସ୍ଥାନରେ କୁହୁଡ଼ିଆ ପାଗ ମଧ୍ୟ ସୃଷ୍ଟି ହେବ।

# ସଙ୍ଗୀତରେ ଭୁବନେଶ୍ୱର...

**ଭୁବନେଶ୍ୱର,୩।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ମନ୍ଦିରମାଳିନୀ ସହରରୁ ଏବେ ସ୍ମାର୍ଟସିଟି ଭୁବନେଶ୍ୱର। ଆଶା, ବିଶ୍ୱାସ, ସମ୍ପର୍କ, ଆଉ ବିକାଶର ଏହି ମହାନଗର। ସମୟ ସ୍ରୋତରେ ଏଠି କେତେ ସମ୍ପର୍କ ଗଢ଼ି ଉଠିଛି। ସହର ଛାତିରେ କେତେ କାହାଣୀ, କେତେ ଇତିହାସ ଲେଖାହୋଇଛି। ନାନା ଜାତି, ସମ୍ପ୍ରଦାୟକୁ କୋଳେଇ ନେଇ ଏଇ ସହର ଆପଣାର ଅନୁଭବ ଦେଇଛି। ଏସବୁ ଅନୁଭବ ଭିତରେ କେତେ ଗୀତ, କେତେ ସଙ୍ଗୀତ ଭୁବନେଶ୍ୱରର କ୍ରମ ବିକାଶକୁ ତାଜା କରିଛି। ରାଜଧାନୀ ଭୁବନେଶ୍ୱରକୁ ନେଇ ପ୍ରସ୍ତୁତ ସଙ୍ଗୀତଗୁଡିକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।







### ବାଃ ବାଃରେ କ୍ୟାପିଟାଲ

ପ୍ରସିଦ୍ଧ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ କଣ୍ଠରୁ 'ବାଃ ବାଃରେ କ୍ୟାପିଟାଲ' ଗୀତ ୧୯୭୮ ମସିହାରେ ଶୁଣିବାକୁ ମିଳିଥିଲା। ଲିରିକ୍ସରେ ଶୀର୍ଷାନନ୍ଦ କାନୁନ୍‌ଗୋ ରହିଥିଲେ। ଅକ୍ଷୟଙ୍କ ଅନ୍ୟ ଗୀତଗୁଡ଼ିକ ଭଳି ଏହା ମଧ୍ୟ ଏକ ବେଶ୍ ଲୋକପ୍ରିୟ ତଥା ନିଆରା ହୋଇଥିଲା।

### ସଲାମ୍ ଭୁବନେଶ୍ୱର

୨୦୧୬ରେ ପ୍ରସ୍ତୁତ ହୋଇଥିଲା 'ସଲାମ୍ ଭୁବନେଶ୍ୱର'। ଏହି ଗୀତଟି ଲୋଫର୍ ଚଳଚ୍ଚିତ୍ରର ହୋଇଥିବାବେଳେ ସେତେବେଳେ ଏହା ବହୁତ ଲୋକପ୍ରିୟତା ହାସଲ କରିଥିଲା। ଏହି ଗୀତରେ ଅଭିନେତା ବାବୁସାନ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ବାପୁ ଗୋସ୍ୱାମୀଙ୍କ ଲିଖିତ ଏହି ଗୀତକୁ କଣ୍ଠଶିଳ୍ପୀ ଗୁଡ୍‌ଲି ରଥ ସ୍ୱରରେ ସଜାଇଥିଲେ।

### ହେ ଭୁବନେଶ୍ୱର

'ଓଡ଼ିଶା ପୋଷ୍ଟ ଲାଇଭ୍' ପକ୍ଷରୁ 'ହେ ଭୁବନେଶ୍ୱର' ମ୍ୟୁଜିକ ଭିଡିଓ ୨୦୧୯ ଡିସେମ୍ବର ୨୨ରେ ପ୍ରସ୍ତୁତ ହୋଇଥିଲା। 'ଭୁବନେଶ୍ୱର ଆନ୍ଥେମ' ଭାବରେ ଏହାକୁ ରିଲିଜ କରାଯାଇଥିଲା। ସଙ୍ଗୀତରେ ଅନୁରାଗ ପଟ୍ଟନାୟକ ରହିଥିବାବେଳେ ଭିଡିଓରେ ସମର ପ୍ରତାପ ନାୟକ ☞ପୃଷ୍ଠା-୨

# ଅଡୁଆରେ ବିଗ୍ ବସ୍ ବିଜେତା ଏଲ୍‌ଭିଶ

## ନୋଏଡା ରେଭ୍ ପାର୍ଟିକୁ ସାପବିଷ ଯୋଗାଉଥିଲେ

### ଗିରଫ କରିବାକୁ ମାନେକା ଗାନ୍ଧୀଙ୍କ ଦାବି

**ନୋଏଡା,୩।୧୧**

ନୋଏଡ଼ାର ସେକ୍ଟର-୫୧ରେ ଗୁରୁବାର ରାତିରେ ବେଆଇନ ଭାବେ ଚାଲିଥିବା ରେଭ୍ ପାର୍ଟିକୁ ସାପବିଷ ଯୋଗାଇବା ଅଭିଯୋଗରେ ୟୁଟ୍ୟୁବର ତଥା ବିଗ୍ ବସ୍ ବିଜେତା ଏଲ୍‌ଭିଶ ଯାଦବଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ପୋଲିସ ଅନ୍ୟ ୬ ଜଣଙ୍କ ନାମରେ ଏତଲା ଦାଏର କରିଛି। ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ ଆଇନର ଧାରା ୯, ୩୯, ୪୯, ୫୦, ୫୧ ଏବଂ ଆଇପିସିର ଧାରା ୧୨୦ବି'ରେ ମାମଲା ହୋଇଛି। ଏଲ୍‌ଭିଶ୍‌ଙ୍କୁ ଗିରଫ କରିବା ପାଇଁ ଭାଜପା ନେତ୍ରୀ ମାନେକା ଗାନ୍ଧୀ ଦାବି କରିଛନ୍ତି। ଏଲ୍‌ଭିଶ୍ ଏକ ସାପ ଧରି ଖେଳୁଥିବାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ପ୍ରକାଶ ପାଇଛି।

ବିଗ୍ ବସ୍ ରିଏଲିଟି ଶୋ' ବିଜୟୀ ହେବା ପରେ ଏଲ୍‌ଭିଶ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିଥିଲେ। ସାପବିଷ ଯୋଗାଣ କରି ସେ ଅଡୁଆରେ ପଡ଼ିଛନ୍ତି। ପିପୁଲ୍ ଫର୍ ଆନିମଲ୍ (ପିଏଫ୍‌ଏ) ନାମକ ଏନ୍‌ଜିଓ ତାଙ୍କ ବିରୋଧରେ ଏତଲା ଦେଇଥିଲା। ବେଆଇନ ସାପବିଷ ଯୋଗାଣକାରୀ ଗ୍ୟାଙ୍ଗ୍ ବିରୋଧରେ ନୋଏଡ଼ା ପୋଲିସ, ବନ ବିଭାଗ ଅଧିକାରୀ ଏବଂ ପିଏଫ୍‌ଏ ପକ୍ଷରୁ ଚଢ଼ାଉ କରାଯାଇଥିଲା। ୫ ଅଭିଯୁକ୍ତଙ୍କୁ ଗିରଫ ପରେ ପଚରାଉଚରା କରାଯିବାରୁ ଗ୍ୟାଙ୍ଗ୍‌ରେ ଏଲ୍‌ଭିଶ ସାମିଲ ଥିବା ସେମାନେ କହିଥିଲେ। ଚଢ଼ାଉ ବେଳେ ସେମାନଙ୍କଠାରୁ ୫ଟି ନାଗ, ଦୁଇଟି ଦୋମୁଣ୍ଡିଆ ସାପ, ଗୋଟିଏ ନାଲି ସାପ ଓ ଗୋଟିଏ ଅଜଗର ଜବତ ହୋଇଛି। ଏଥିସହିତ ଉକ୍ତ ପାର୍ଟିରୁ ୨୦ରୁ ୨୫ ମିଲିଗ୍ରାମ୍ ସାପବିଷ ଥିବା ଏକ ପ୍ଲାଷ୍ଟିକ୍ ବୋତଲ ମଧ୍ୟ ମିଳିଛି। ଅନ୍ୟ ପକ୍ଷେ ସାପବିଷ ଯୋଗାଣ ଅଭିଯୋଗକୁ ଭିତ୍ତିହୀନ ଓ ମିଛ ବୋଲି ଏଲ୍‌ଭିଶ ସୋସିଆଲ ମିଡିଆରେ କହିଛନ୍ତି। ସେ ତଦନ୍ତରେ ୟୁପି ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତୁତ ଏବଂ ତାଙ୍କ ସମ୍ପୃକ୍ତି ପ୍ରମାଣିତ ହେଲେ ସେ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ୟୁଟ୍ୟୁବର କହିଛନ୍ତି।



ଏଲ୍‌ଭିଶ ଯାଦବ

# ତାମ୍ପରାରେ ଡଙ୍ଗା ବୁଡ଼ି: ମହିଳା ମୃତ

**ଛତ୍ରପୁର,୩।୧୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ନିକଟ ତାମ୍ପରା ହ୍ରଦରେ ଶୁକ୍ରବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଦେଶୀ ଡଙ୍ଗାରେ କାଠ ସଂଗ୍ରହ କରି ଫେରୁଥିବା ବେଳେ ଡଙ୍ଗା ଓଲଟି ଭାଉଜଙ୍କ ମୃତ୍ୟୁ ଘଟିଥିବା ବେଳେ ନଣନ୍ଦଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମୃତ ଭାଉଜ ହେଲେ ହୁମର ଗ୍ରାମର ପୁଷ୍ପା ବେହେରା ଓ ନଣନ୍ଦ ବନିତା ବେହେରା।

ସକାଳେ ପୁଷ୍ପା ଓ ବନିତା ତାମ୍ପରା ହ୍ରଦର ଅପରପାର୍ଶ୍ୱ ଝାଉଁ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଅପରାହ୍ନରେ କାଠ ଧରି ଦେଶୀ ଡଙ୍ଗାରେ ଘରକୁ ଫେରୁଥିଲା ବେଳେ ଡଙ୍ଗାଟି ହ୍ରଦ ମଧ୍ୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ସହିତ ବନିତାଙ୍କୁ ☞ପୃଷ୍ଠା-୨





କୋରାପୁଟ ଜିଲା ବୋରିଗୁମ୍ମା ଭୈରବୀ ମନ୍ଦିରରୁ ଶୁକ୍ରବାର ପରବ-୨୦୨୩ ଉଦ୍‌ଘାଟନ ପରେ ଅତିଥିମାନେ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଉଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଆହତ ଯୁବତୀଙ୍କ ମୃତ୍ୟୁ

**ରେଞ୍ଜ ରୋଭର କାର୍ ଧକ୍କାରେ ୨ ଗୁରୁତର ଘଟଣା**

ପୋଲିସ ତଦନ୍ତରେ ଭରସା ନ ଥିବା କହିଲେ ମୃତାଙ୍କ ଭାଇ



ଲୋପାମୁଦ୍ରା ସାହୁ

ଭୁବନେଶ୍ୱର,୩।୧୧
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ପାୱାର ହାଉସ ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ରେଞ୍ଜ ରୋଭର କାର ଧକ୍କାରେ ଗୁରୁତର ଆହତ ହୋଇଥିବା ଯୁବତୀଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଜିଲା ବରୀ ଅଞ୍ଚଳର ଲୋପାମୁଦ୍ରା ସାହୁ। ତେବେ ଲୋପାମୁଦ୍ରାଙ୍କ ମୃତ୍ୟୁ ପରେ ତଦନ୍ତକୁ ନେଇ ତାଙ୍କ ଭାଇ ସୁନୀଲ ସାହୁ ପ୍ରଶ୍ନ ଉଠାଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅ ବିଶାଲ୍ ଦାସ ପରିଚାଳନା ନିର୍ଦ୍ଦେଶକ ଥିବା ଏକ ସଂସ୍ଥା ନାଁରେ ଥିବାରୁ ପୋଲିସ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଛି। ପ୍ରଥମେ ଜବତ ଗାଡ଼ିର ଗୋଟିଏ ନମ୍ବର ଦେଇଥିବା ବେଳେ ପରେ ଆଉ ଏକ ନମ୍ବର ଦେଇଥିଲା। ତେଣୁ ତଦନ୍ତ ଯେଭଳି ଚାଲିଛି ପୋଲିସଠାରୁ କିଛି ଆଶା ନାହିଁ। ଆମକୁ ନ୍ୟାୟ ଦରକାର ଓ ଦୋଷୀକୁ ଦଣ୍ଡ ମିଳୁ ବୋଲି ମୃତା ଯୁବତୀଙ୍କ ଭାଇ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି ଏହି ଦୁର୍ଘଟଣାରେ ଆହତ ଅବସରପ୍ରାପ୍ତ ସିଆଇଏସ୍‌ଏଫ୍ ଯବାନ କାହ୍ନୁ ଚରଣ ନାୟକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। କାହ୍ନୁଙ୍କ ଚିକିତ୍ସା ପାଇଁ ଅଧିକ ଟଙ୍କା ଆବଶ୍ୟକ ପଡୁଥିବାରୁ ଅନ୍ୟ କିଛି ଉପାୟ ନ ପାଇ କ୍ରାଉଡ୍ ଫଣ୍ଡିଂର ସାହାରା ନେଇଥିବା ତାଙ୍କ ଭାଇ ରଞ୍ଜିତ ନାୟକ କହିଛନ୍ତି। ଅନ୍ୟପକ୍ଷେ ଲୋପାମୁଦ୍ରାଙ୍କ ଅଙ୍ଗଦାନ ପାଇଁ ପରିବାର ଲୋକ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ କୌଣସି କାରଣ ପାଇଁ ସମ୍ଭବ ହୋଇପାରି ନାହିଁ। ସେହିଭଳି ପୂର୍ବରୁ ମଧ୍ୟ ଜବତ ଗାଡ଼ିର ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ତିନି ଥର ଫାଇନ କରିଥିବା ପରିବହନ ବିଭାଗର ଦସ୍ତାବିଜରୁ ସ୍ପଷ୍ଟ ହୋଇଛି।

ସୂଚନାନୁସାରେ ୩୧ ଅକ୍ଟୋବର ଅପରାହ୍ନ ସାଢେ ୩ଟା ସମୟରେ ରେଞ୍ଜ ରୋଭର କାର ୧୨୦ ବାଟାଲିଅନ ପାର୍ଶ୍ୱରୁ ବେପରୁଆ ଭାବେ ଗାଡ଼ି ଚାଳନା କରି ପାୱାର ହାଉସ ଛକ ଆଡକୁ ଆସୁଥିବା ସମୟରେ ଏକ ମୋଟରସାଇକେଲକୁ ଧକ୍କା ଦେଇଥିଲା। ଏଥିରେ ଲୋପାମୁଦ୍ରା ଏବଂ କାହ୍ନୁ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ କାର ଚାଳକଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରିଥିଲା।

# ମହିଳା ଖବରଦାତାଙ୍କୁ ପ୍ରଯୋଜକ ଟୁଟୁ ନାୟକଙ୍କ ଚାପୁଡ଼ା

**ଖାରବେଳନଗର ଥାନାରେ ମାମଲା**

ଭୁବନେଶ୍ୱର,୩।୧୧(ସତ୍ୟଜିତ୍ ରାଉତ)

ଓଲିଉଡ୍ ପ୍ରଯୋଜକ ଟୁଟୁ ନାୟକ ଓରଫ ସଞ୍ଜୟ ପୁଣି ବିବାଦରେ ଛନ୍ଦି ହୋଇଛନ୍ତି। ଇଟିଭି ଭାରତରେ କାର୍ଯ୍ୟରତ ମହିଳା ଖବରଦାତା ଦେବସ୍ମିତା ରାଉତଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଶ୍ୱାତୀ ସିନେମା ହଲ୍‌ରେ ଟୁଟୁ ଚାପୁଡ଼ା ମାରିବା ସହ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ଦେବସ୍ମିତା ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଟୁଟୁଙ୍କ ବିରୋଧରେ ଆଇପିସି ଦଫା ୩୪୧, ୩୨୩, ୩୫୪, ୨୯୪ରେ ଏକ ମାମଲା (ନଂ.୫୫୩./୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ନୂଆ ଓଡ଼ିଆ ସିନେମା 'ପ୍ରଥା'ର ପ୍ରିମିୟର ଶୋ' ଖବର ସଂଗ୍ରହ କରିବାକୁ ଦେବସ୍ମିତା ଦିନ ପ୍ରାୟ ୧୨ଟା ୪୫ରେ ଶ୍ୱାତୀ ସିନେମା ହଲ୍‌କୁ ଯାଇଥିଲେ। ହଲ୍ ପ୍ରବେଶପଥରେ ସେ ଅନ୍ୟ ସହଯୋଗୀଙ୍କ ସହ ଠିଆ ହୋଇଥିବାବେଳେ ଟୁଟୁ ହଠାତ୍ ତାଙ୍କ ବାମପଟ ଗାଲକୁ ଏକ ଚାପୁଡ଼ା ମାରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ଫଳରେ ଦେବସ୍ମିତାଙ୍କ ହାତରୁ ବୁମ୍ ଓ ଫୋନ୍ ତଳେ ପଡ଼ିଯାଇଥିଲା। ଏହାକୁ ସେ ଉଠାଉଥିବା ସମୟରେ ପୁଣିଥରେ ତାଙ୍କ ପିଠିକୁ ଟୁଟୁ ମାଡ଼ ମାରିଥିଲେ। ଟୁଟୁଙ୍କ ଏଭଳି ବ୍ୟବହାର ସର୍ବସମ୍ମୁଖରେ ମର୍ଯ୍ୟାଦା ହାନି କରିବା ସହ ତାଙ୍କୁ ଗଭୀର ଆଘାତ ଦେଇଛି। ଆଇନ ଅନୁଯାୟୀ ଟୁଟୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେବସ୍ମିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ତେବେ ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଟୁଟୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ଆନ୍ଦୋଳନ କରାଯିବ ବୋଲି ଖବରଦାତାମାନେ କହିଛନ୍ତି। ତେବେ ଏନେଇ ଟୁଟୁ ପ୍ରେସ ବିଜ୍ଞପ୍ତିରେ ଦେବସ୍ମିତାଙ୍କୁ କ୍ଷମା ମାଗିଛନ୍ତି। ଟୁଟୁ କହିଛନ୍ତି, ସବୁ ମିଡ଼ିଆ ଭାଇ ଭଉଣୀଙ୍କ ପରି ଦେବସ୍ମିତାଙ୍କୁ ସେ ପରିବାର ସଦସ୍ୟ ଭାବନ୍ତି ଏବଂ ସେଭଳି ବ୍ୟବହାର କରନ୍ତି। ସେ ସ୍ୱାତୀ ସିନେମା ହଲ୍‌ରୁ ମହାରାଜା ସିନେମା ହଲ୍‌କୁ ଆଉ ଏକ ପ୍ରିମିୟର ଶୋକୁ ଯିବାବେଳେ ଦେବସ୍ମିତା ମେନଗେଟ୍ ମଝିରେ ଠିଆ ହୋଇଥିଲେ। ସେ ତାଙ୍କୁ ଡାକିଥିଲେ ମଧ୍ୟ ବାଜା ବାଜୁଥିବାରୁ ଦେବସ୍ମିତାଙ୍କୁ ଶୁଭି ନ ଥିଲା। ତେଣୁ ସେ ଦେବସ୍ମିତାଙ୍କ ପିଠି ଥାପୁଡ଼େଇ ସାଇଡ୍ କରିଥିଲେ। ଏହି ସମୟରେ ତାଙ୍କ ହାତରୁ ବୁମ୍ ଖସିପଡ଼ିଥିଲା। ସେ ତାହାକୁ ଉଠେଇବା ସମୟରେ ମିଡ଼ିଆ ଭାଇମାନେ ଉଠେଇ ଦେଇଥିଲେ। ସେହି ସମୟରେ ସେ ସ୍ନେହରେ ଦେବସ୍ମିତାଙ୍କ ଗାଲକୁ ଥାପୁଡ଼େଇ ଖାଇନୁ କି ବୋଲି ପଚାରିଥିଲେ। ହସିକି ହଁ ଭାଇ ଖାଇଛି ବୋଲି ଦେବସ୍ମିତା କହିଥିଲେ। ଏହାପରେ ଟୁଟୁ ସେଠାରୁ ଚାଲି ଯାଇଥିଲେ। ଯଦି ଏହା ଦେବସ୍ମିତାଙ୍କ ମନରେ ଆଘାତ ଦେଇଛି ତାଙ୍କୁ ସରି ମାଗୁଛି ବୋଲି ଟୁଟୁ କହିଛନ୍ତି। ଏଥିସହ ସେ ତାଙ୍କର ମଙ୍ଗଳ କାମନା କରିଛନ୍ତି।

# ଜଳିଗଲା ଟର୍ମିନାଲରେ ଥିବା ସିଟି ବସ୍

ଜୟପୁର,୩।୧୧(ପବନ ପାଣିଗ୍ରାହୀ)





କୋରାପୁଟ ଜିଲା ଜୟପୁର ସିଟି ବସ୍ ଟର୍ମିନାଲରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଫଳରେ କୋରାପୁଟ ଜିଲା ପାଇଁ ଆସିଥିବା ସିଟି ବସ୍ ଲୋକଙ୍କ କାମରେ ଲାଗିପାରିନି। ଦୀର୍ଘ ଦିନ ଧରି ଜୟପୁର ସିଟି ଟର୍ମିନାଲରେ ଛିଡ଼ା ହୋଇଥିବା ଏହି ବସ୍‌ଗୁଡ଼ିକରେ କେହି ଯୋଜନାବଦ୍ଧ ଭାବେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଏହି ଅଗ୍ନିକାଣ୍ଡ ଯୋଗୁ ଟର୍ମିନାଲରେ ରହିଥିବା ୨ଟି ବସ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଘଟଣାରେ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ସନ୍ଦେହ ଘେରକୁ ଆସିଛି। ଖବରରୁ ଜଣାପଡିଛି, ୨୦୧୬ରେ କୋରାପୁଟ ଜିଲା ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ଟି ବସ୍ ଆସିଥିଲା। ଉକ୍ତ ବସ୍‌ଗୁଡିକ କୋଟପାଡ଼, ଜୟପୁର, କୋରାପୁଟ, ସୁନାବେଡା, ଦାମନଯାଡି ମଧ୍ୟରେ ଚଳପ୍ରଚଳ କରିବାକୁ ସ୍ଥିର ହୋଇଥିଲା। ଏନେଇ ଏକ ଠିକସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପର୍ଯ୍ୟାୟକ୍ରମେ କେନ୍ଦ୍ର ସରକାରଙ୍କ ଜବାହର ଜାତୀୟ ସହରାଞ୍ଚଳ ନବୀକରଣ ଯୋଜନାରେ ୮୦ଟି ବସ୍ ଅଣାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ବସ୍‌ଗୁଡିକ ସରକାରୀ ଏବଂ ଘରୋଇ ସହଭାଗିତାରେ ଚଲାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଗୀତାଞ୍ଜଳି ସର୍‌ଫେକ୍ସ ଟ୍ରାନ୍ସପୋର୍ଟ ନାମକ ଜୟପୁରର ଏକ ଠିକାସଂସ୍ଥା ସହ କୋରାପୁଟ ଜିଲା ପ୍ରଶାସନ ଚୁକ୍ତି କରିଥିଲା। ମାତ୍ର ଅଳ୍ପ ଦିନ ଚାଲିବା ପରେ କୌଣସି କାରଣରୁ ବସ୍‌ଗୁଡିକ ନ ଚାଲି ଟର୍ମିନାଲରେ ପଡି ରହିଥିଲା। ବସ୍ ଚଳାଚଳ ନେଇ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ତେବେ ବସ୍ ଚଳାଚଳ ବନ୍ଦ ହେବାରୁ ପ୍ରଶାସନ ଠିକା ସଂସ୍ଥାକୁ ଦାୟୀ କରୁଥିବା ବେଳେ ଠିକାସଂସ୍ଥା ଏଥିପାଇଁ ଘରୋଇ ବସ୍ ମାଲିକ ସଂଘ ଏବଂ ଆର୍‌ଟିଓଙ୍କୁ ଦାୟୀ କରୁଥିଲା। ୭ ବର୍ଷ ଟର୍ମିନାଲରେ ବସ୍‌ଗୁଡିକ ପଡି ରହିବା ପରେ ଏହା ଅଚଳ ଅବସ୍ଥାକୁ ଆସିଯାଇଥିଲା। ଫଳରେ କିଛି ଦିନ ତଳେ ଜୟପୁର ପୌର ସଂସ୍ଥା ପକ୍ଷରୁ ଅଚଳ ବସ୍‌ଗୁଡିକୁ ସ୍କ୍ରାପ୍ ଦରରେ ବିକ୍ରି ଲାଗି ଉଦ୍ୟମ ହୋଇଥିଲା।

**ସନ୍ଦେହରେ ଠିକାସଂସ୍ଥା**

# ମାଓବାଦୀ ଜାଳି ଦେଲେ ୨ ଗାଡ଼ି

ମାଲକାନଗିରି, ୩।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲାର କୋଣ୍ଟା ଅଞ୍ଚଳରେ ମାଓବାଦୀମାନେ ଶୁକ୍ରବାର କେତେକ ଗାଡିମୋଟର ଜାଳି ଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରି ସେମାନେ ଏପରି ଘଟାଇଥିବା ଜଣାପଡିଛି। ଛତିଶଗଡ଼ରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ମାଓବାଦୀମାନେ ସେମାନଙ୍କ କାର୍ଯ୍ୟକଳାପକୁ ତୀବ୍ର କରିଛନ୍ତି। ଶୁକ୍ରବାର ମାଓବାଦୀମାନେ ସୁକମା ଜିଲା କୋଣ୍ଟା ଅଞ୍ଚଳର ସପ୍ତାହିକ ବଜାରରୁ ଗ୍ରାମବାସୀଙ୍କୁ ନେଇ ଦୁଇଟି ଟାଟା ମ୍ୟାଜିକ ଗାଡି ଫେରୁଥିବା ସମୟରେ କୋଣ୍ଟା ନିକଟସ୍ଥ ବେଲପାଞ୍ଚା ଗ୍ରାମରେ ଗାଡି ଦୁଇଟିକୁ ଅଟକାଇ ସେଥିରେ ଥିବା ଯାତ୍ରୀଙ୍କୁ ଓହ୍ଲାଇ ଦେଇ ନିଆଁ ଲଗାଇ ଦେଇଥିଲେ। ତେବେ ଏଥିରେ ଯାତ୍ରୀଙ୍କ କୌଣସି କ୍ଷତି ହୋଇନାହିଁ। ଘଟଣା ପରେ ମାଓବାଦୀମାନେ ସେଠାରେ ଏକ ହାତ ଲେଖା ଚିଠି ଛାଡି ଯାଇଛନ୍ତି।

# ଏନ୍‌ଏସ୍‌ଡିସି, ଡିପି ୱାର୍ଲ୍ଡର ୱି ୱାନ୍ ମଧ୍ୟରେ ଚୁକ୍ତିକୁ ଧର୍ମେନ୍ଦ୍ରଙ୍କ ପ୍ରଶଂସା



**ଶେଷ ହେଲା କେନ୍ଦ୍ରମନ୍ତ୍ରୀଙ୍କ ୟୁଏଇ ଗସ୍ତ**

ଭୁବନେଶ୍ୱର,
୩।୧୧(ସୁନିତ୍ ମିଶ୍ର)

ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ୟୁଏଇ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସାରି ଶୁକ୍ରବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଗସ୍ତ କାଳରେ ଭାରତୀୟ ଯୁବକଙ୍କୁ ଦକ୍ଷତା ତାଲିମ ଦେବା ସହ ବିଦେଶରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ଏନ୍‌ଏସ୍‌ଡିସି ଏବଂ ଡିପି ୱାର୍ଲ୍ଡର ୱି ୱାନ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବା ନେଇ ଧର୍ମେନ୍ଦ୍ର ଖୁସି ବ୍ୟକ୍ତ କରିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତର ଅନ୍ତିମ ଦିନରେ ଟେକ୍ନୋଲୋଜି କମ୍ପାନୀ ଭିଏଫ୍‌ଏସ୍ ଗ୍ଲୋବାଲ ଏବଂ ଲଜିଷ୍ଟିକ୍ କମ୍ପାନୀ ଟ୍ରାନ୍ସ ୱାର୍ଲ୍ଡର ଟିମ୍‌ଗୁଡିକ ମଧ୍ୟରେ ଅନୁଷ୍ଠିତ ବୈଠକ ଫଳପ୍ରଦ ହୋଇଥିବା ଜଣାପଡ଼ିଛି। ବୈଠକରେ ଭାରତର ଯୁବକଙ୍କୁ ବିଦେଶରେ ସୁଯୋଗ ସହ ଯୋଡ଼ିବା, ପ୍ରଶିକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଦକ୍ଷତା ବିକାଶରେ କ୍ଷମତା ଗଠନ ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା। ଭବିଷ୍ୟତକୁ ସୁରକ୍ଷିତ, ଯୁବକମାନଙ୍କୁ ସଶକ୍ତ କରିବା ଏବଂ ଆମର ଦକ୍ଷତା କ୍ଷେତ୍ରକୁ ଅଧିକ ଜୀବନ୍ତ କରିବାରେ ଭାରତର ସହଯୋଗୀ ହେବା ନେଇ ଭିଏଫ୍‌ଏସ୍ ଗ୍ଲୋବାଲ ଓ ଟ୍ରାନ୍ସ ୱାର୍ଲ୍ଡର ଉଭୟ କମ୍ପାନୀ ମଧ୍ୟରେ ଥିବା ଆଗ୍ରହକୁ ନେଇ ଧର୍ମେନ୍ଦ୍ର ପ୍ରଶଂସା କରିଛନ୍ତି। ଏହି ଗସ୍ତକାଳରେ ଧର୍ମେନ୍ଦ୍ର ଦୁବାଇ ସ୍ଥିତ ଲଜିଷ୍ଟିକ୍ କମ୍ପାନୀ ଡିପି ୱାର୍ଲ୍ଡ ପରିଦର୍ଶନ କରିଥିଲେ। ବିଶ୍ୱସ୍ତରୀୟ ପ୍ରତିଭା ପାଇଁ ଅଧିକ ସୁଯୋଗ ସୃଷ୍ଟି ସହ ଭାରତୀୟ ଯୁବକମାନଙ୍କୁ ଦକ୍ଷ ତାଲିମ ଏବଂ ସଂପୃକ୍ତ ବିଦେଶୀ ନିଯୁକ୍ତି ସୁଯୋଗ ସହିତ ଯୋଡ଼ିବା ପାଇଁ ଏନ୍‌ଏସ୍‌ଡିସି ଏବଂ ଡିପି ୱାର୍ଲ୍ଡର ସହାୟକ ସଂସ୍ଥା ୱି ୱାନ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିବାରୁ ଧର୍ମେନ୍ଦ୍ର ଖୁସିବ୍ୟକ୍ତ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**





## ତାମ୍ପରାରେ ଡଙ୍ଗା...

ଉଦ୍ଧାର କରିଥିଲେ। ପୁଷ୍ପା ପାଣିରେ ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହାୟତାରେ ଖୋଜାଖୋଜି କରିବା ପରେ ପୁଷ୍ପାଙ୍କ ମୃତଦେହ ମିଳିଥିଲା। ଛତ୍ରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମୃତ ମହିଳାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି। ଶୋକସନ୍ତପ୍ତ ପରିବାରକୁ ବିଧାୟକ ଭେଟି ସମବେଦନା ଜଣାଇଛନ୍ତି।

## ସଙ୍ଗୀତରେ ଭୁବନେଶ୍ୱର...

ଓ ଆକାଶ ବାଘର୍‌ଙ୍କୁ ଦେଖିବାକୁ ମିଳିଥିଲା। ଉଭୟ ସମର ଓ ଆକାଶ ଏହି ଗୀତ ଲେଖିବା, ଗାଇବା ସହ ହୋଷ୍ଟ ମଧ୍ୟ କରିଥିଲେ। ଏହାର ସମ୍ପାଦନା ଓ ନିର୍ଦ୍ଦେଶନା ସୌମ୍ୟରଞ୍ଜନ ଶତପଥୀ କରିଥିଲେ। ଏହା ମଧ୍ୟ ସେହି ସମୟରେ ଅନେକ ସଫଳତା ପାଇଥିଲା।

### ହାଏରେ ଭୁବନେଶ୍ୱର

'ହାଏରେ ଭୁବନେଶ୍ୱର' ଗୀତକୁ ୨୦୧୯ରେ କଣ୍ଠଶିଳ୍ପୀ ଟି ସୌରୀ ଗାଇଥିଲେ। ଏହାର ଭିଡିଓ ଆଲ୍‌ବମ୍ ଦର୍ଶକଙ୍କ ପାଖକୁ ଆସିଥିଲା। ଅଭିନେତା ବବି ମିଶ୍ର ଓ ଅଭିନେତ୍ରୀ ମିଠିଙ୍କ ରୋମାନ୍ସକୁ ନେଇ ଏକ ସୁନ୍ଦର ରୋମାଣ୍ଟିକ ଆଲବମ୍ ହେଉଛି ହାଏରେ ଭୁବନେଶ୍ୱର। ଏହି ସଙ୍ଗୀତର ନିର୍ଦ୍ଦେଶନା ଜ୍ୟୋତିନ୍ଦ୍ର ଦତ୍ତ ଦେଇଥିବା ବେଳେ ଲିରିକ୍ସରେ ନିଜାମ୍ ରହିଥିଲେ। ଉଭୟ ଗୀତ ଓ ଆଲ୍‌ବମ୍ ଲୋକଙ୍କ ହୃଦୟ ଜିଣିଥିଲା।





### ଭୁବନେଶ୍ୱର-ଏକ ସ୍ମୃତି

ଗତ ଏପ୍ରିଲ ୧୭ରେ 'ଭୁବନେଶ୍ୱର- ଏକ ସ୍ମୃତି' ମ୍ୟୁଜିକ ଭିଡିଓ ରିଲିଜ ହୋଇଥିଲା। ଦ ଭୋମ୍ବର କାର୍ନିଭାଲ ପକ୍ଷରୁ ପ୍ରତିଷ୍ଠାତା ପୁଣ୍ୟଶ୍ଳୋକ ପଣ୍ଡାଙ୍କ ଚେଷ୍ଟାରେ ଏହି ମ୍ୟୁଜିକ ଭିଡିଓ ପ୍ରସ୍ତୁତ କରାଯାଇଥିଲା। ଗୀତଟିକୁ ସୁମିତ ପଣ୍ଡା ଲେଖିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ବନି ମହାନ୍ତି ଦେଇଥିଲେ। ଗୌରବ ଆନନ୍ଦଙ୍କ କଣ୍ଠରୁ ଏହି ଗୀତ ଶ୍ରୋତାଙ୍କୁ ବେଶ୍ ଛୁଇଁପାରିଥିବାବେଳେ ଭିଡିଓରେ ଅଭିଜିତ୍, ବର୍ଷା, ଶୁଭଜିତ୍, ଶୁଭମ୍‌ଙ୍କ ଅଭିନୟ ଭୁବନେଶ୍ୱରର ସ୍ମୃତିକୁ ଆହୁରି ତାଜା କରିଥିଲା।

### ମୋ ସହର ଭୁବନେଶ୍ୱର

ଭୁବନେଶ୍ୱରର ୭୫ବର୍ଷ ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏପ୍ରିଲ ୧୫ରେ 'ମୋ ସହର ଭୁବନେଶ୍ୱର' ମ୍ୟୁଜିକ ଭିଡିଓ ରିଲିଜ ହୋଇଥିଲା। ଏହାର ଲିରିକ୍ସରେ ସୁମିତ ପଣ୍ଡା ଥିବାବେଳେ ଗୀତର କମ୍ପୋଜ୍ କସ୍ତୁରୀ କୌଶିକ କରିଥିଲେ। ଅନୁରାଗ ଦାସ, ଗୌରବ ଆନନ୍ଦ ଓ ଅର୍ପିତା ଚୌଧୁରୀ ଏଥିରେ ସ୍ୱର ଦେଇଛନ୍ତି। ସୋମେଶ ଶତପଥୀ ମିକ୍ସ ଆଣ୍ଡ ମାଷ୍ଟରରେ ରହିଛନ୍ତି।

### ଭୁବନେଶ୍ୱର ଫାଷ୍ଟ

ବର୍ତ୍ତମାନ ଓଡ଼ିଶାରେ ରାପ ଗୀତର କ୍ରେଜ୍ ଭଲ ଥିବାରୁ ବିଏମ୍‌ସି ପକ୍ଷରୁ ୭୫ବର୍ଷ ଉପଲକ୍ଷେ 'ଭୁବନେଶ୍ୱର ଫାଷ୍ଟ' ନାମରେ ରାପ ମ୍ୟୁଜିକ୍ ଭିଡିଓ ରିଲିଜ ହୋଇଥିଲା। ଏହାର ଲିରିକ୍ସ ଓ ମ୍ୟୁଜିକରେ ରାପର୍ ବିଗ୍ ଡିଲ୍ ରହିଛନ୍ତି। ସଞ୍ଜିତ ରାଉତ ସିନେମାଟୋଗ୍ରାଫି କରିଥିବା ବେଳେ କୋରିୟଗ୍ରାଫିରେ ଆଶୁତୋଷ ସାହୁ ରହିଥିଲେ। ମାନବ ରଥଙ୍କ ଦ୍ୱାରା ପ୍ରଯୋଜିତ ଏହି ମ୍ୟୁଜିକ୍ ଭିଡିଓର ସ୍କ୍ରିନ୍ ପ୍ଲେ ଓ ନିର୍ଦ୍ଦେଶନା ଦେଇଛନ୍ତି ଜଗଦୀଶ ମିଶ୍ର।









# ଟଙ୍କା ପାଇଁ ଜେଜେବାପାଙ୍କୁ ହତ୍ୟାକଲା ନାତି

ରାୟଗଡ଼ା,୩।୧୧
(ଆଶିଷ ରଞ୍ଜନ ପଣ୍ଡା)

ଟଙ୍କା ପାଇଁ ନିଜ ଜେଜେବାପାଙ୍କୁ ହତ୍ୟା କଲା ନାତି। ରାୟଗଡ଼ା ଜିଲା କାଶୀପୁର ଥାନା ପରଜାସିଲା ଗାଁରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତକ ହେଲେ ଗୋବର୍ଦ୍ଧନ ନାୟକ। ଅଭିଯୁକ୍ତ ନାତି ମୋହନ ନାୟକଙ୍କୁ ପୋଲିସ ଗିରଫ କରିଛି।

କାଶୀପୁର ଥାନା ପରଜାସିଲା ଗାଁରେ ଗୋବର୍ଦ୍ଧନ ନାୟକ (୬୫) ତାଙ୍କ ପରିବାର ସହ ରୁହନ୍ତି। ନାତି ମୋହନ ସବୁବେଳେ ଜେଜେବାପା ଗୋବର୍ଦ୍ଧନଙ୍କୁ ଟଙ୍କା ମାଗିଥାଏ। କେତେବେଳେ ଗାଡ଼ି କିଣିବା ପାଇଁ ତ ପୁଣି କେତେବେଳେ ମୋବାଇଲ କିଣିବା ପାଇଁ ଟଙ୍କା ମାଗେ। ଶୁକ୍ରବାର ସକାଳେ ଗୋବର୍ଦ୍ଧନ ଘର ପିଣ୍ଡାରେ ବସିଥିବା ବେଳେ ମୋହନ ତାଙ୍କୁ ଟଙ୍କା ମାଗିଥିଲେ। ଗୋବର୍ଦ୍ଧନ ଟଙ୍କା ଦେବାକୁ ମନା କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ମୋହନ ଗୋବର୍ଦ୍ଧନଙ୍କୁ ମାଡ଼ ମାରିଥିଲେ। ଗୋବର୍ଦ୍ଧନ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଏକ ପଥରରେ ବାଜିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ଏ ନେଇ କାଶୀପୁର ଥାନାରେ ପରିବାର ଲୋକେ ଏତଲା ଦେବା ପରେ ଆଇଆଇସି କେ.ସି.ଏଚ୍. ନାୟକ ମୋହନଙ୍କୁ ଗିରଫକରି ଘଟଣାର ତଦନ୍ତ କରୁଥିବା କହିଛନ୍ତି।

# ବେଙ୍ଗାଲୁରୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,୩।୧୧
(ଆଶିଷ ରଞ୍ଜନ ପଣ୍ଡା)

ବେଙ୍ଗାଲୁରୁ ନିକଟସ୍ଥ କେତାବାଲିଠାରେ ଥିବା ଏକ ନର୍ସରିରେ ଶ୍ରମିକ ଭାବେ କାମ କରୁଥିବା ରାୟଗଡ଼ା ବ୍ଲକ ଅନ୍ତର୍ଗତ ମିରାବାଲି ପଞ୍ଚାୟତ ଜୀମୱାକୁଟି ଗ୍ରାମର ଜୁମ୍ବାରା ବିଡ଼ିକାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ମାସରେ ଏକ ମାକ୍ସ ପିକ୍‌ଅପ୍ ତାଙ୍କୁ ଧକ୍କାଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ଅର୍ଥ ଅଭାବ ଯୋଗୁ ପରିବାର ଲୋକେ ମୃତଦେହ ନିଜ ଗାଁକୁ ଆଣି ନ ପାରିବାରୁ ସେଠାରେ ଅନ୍ତିମ ସତ୍କାର କରାଯାଇଥିବା ଜଣାପଡ଼ିଛି।

ମୃତକଙ୍କ ପୁଅ ମୀନା ରାଓ ବିଡ଼ିକାଙ୍କ କହିବା ଅନୁଯାୟୀ, ତାଙ୍କ ପରିବାର ଅତି ଗରିବ ହୋଇଥିବାରୁ ଗାଁରେ କିଛି କାମ ନ ପାଇ ବାପା ଜୁମ୍ବାରା ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ ଅର୍ଥ ଅଭାବରୁ ତାଙ୍କୁ ଗାଁକୁ ଆଣିବା ଆମ ପକ୍ଷେ ସମ୍ଭବ ନ ଥିଲା। ସୂଚନା ଥାଉକି, ରାୟଗଡ଼ା ଜିଲାରୁ ଅଧିକାଂଶ ଲୋକ ନିଜ ପରିବାର ପ୍ରତିପୋଷଣ କରିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ସେଠାରେ ବିଭିନ୍ନ କାରଣରୁ ପ୍ରାଣ ହରାଉଛନ୍ତି। ଏପରି କି ଅନେକ ପରିବାରଙ୍କ ପକ୍ଷେ ତାଙ୍କ ସମ୍ପର୍କୀୟଙ୍କ ମୃତଦେହ ଆଣିବା ମଧ୍ୟ ସମ୍ଭବପର ହୋଇପାରୁନାହିଁ। ଏ ନେଇ ରାଜ୍ୟ ସରକାର ହସ୍ତକ୍ଷେପ କଲେ ଦାଦନ ଶ୍ରମିକଙ୍କ ମରଶରୀର ଗାଁକୁ ଆସି ପାରିବ ବୋଲି ସାମାଜିକ କର୍ମୀ ତଥା ଯୁବନେତା ପ୍ରତାପ ପୁଆଲା କହିଛନ୍ତି।

ଆମ ଓଡ଼ିଶା ନବୀନ ଓଡ଼ିଶା

# କଳାହାଣ୍ଡିକୁ ୧୫୫ କୋଟି, ନବରଙ୍ଗପୁର ଜିଲାକୁ ୯୪.୫୦ କୋଟି




## ■ ନବୀନ ଓଡ଼ିଶାରେ ଗାଁ ହେବ ରୂପାନ୍ତରର ପ୍ରକୃତ କେନ୍ଦ୍ର: ମୁଖ୍ୟମନ୍ତ୍ରୀ
## ■ ୫ମ ପାଳିରେ ମା'ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫ ସୁନ୍ଦର ଉପହାର: ପାଣ୍ଡିଆନ

ଭୁବନେଶ୍ୱର,୩।୧୧(ଅନିଲ ଦାସ)

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ନବମ ଦିବସରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। କଳାହାଣ୍ଡି ଜିଲାର ଜୁନାଗଡ଼, ଲାଞ୍ଜିଗଡ଼, ନର୍ଲା, ଧର୍ମଗଡ଼, ଭବାନୀପାଟଣା ନିର୍ବାଚନମଣ୍ଡଳୀକୁ ୧୫୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହିସବୁ ନିର୍ବାଚନମଣ୍ଡଳୀର ୧୩ ବ୍ଲକର ୩୧୦ ପଞ୍ଚାୟତରେ ୪୬୭୮ଟି ପ୍ରକଳ୍ପ ହେବ। ସେହିପରି ନବରଙ୍ଗପୁର ଜିଲାର ଡାବୁଗାଁ, ନବରଙ୍ଗପୁର, ଉମରକୋଟ, ଝରିଗାଁ ନିର୍ବାଚନମଣ୍ଡଳୀ ପାଇଁ ୯୪.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୧୦ ବ୍ଲକର ୧୮୯ ପଞ୍ଚାୟତରେ ୨୯୪୨ଟି ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଗାଁଗୁଡ଼ିକ ହେବ ରୂପାନ୍ତରର ପ୍ରକୃତ କେନ୍ଦ୍ର। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ୫ମ ପାଳି। ଏହି ପାଳିରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ରୂପାନ୍ତରର ଯୁଗ ଆରମ୍ଭ କରିବା ସହିତ ମା'ମାନଙ୍କୁ ୫ଟି ସୁନ୍ଦର ଉପହାର ଦେଉଛନ୍ତି। ୫ ଟଙ୍କାରେ ଆହାର, ମମତା ଯୋଜନାରେ ଗର୍ଭବତୀ ମା'ମାନଙ୍କୁ ୫ ହଜାର ଟଙ୍କା ସହାୟତା, ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କୁ ୫ ଟଙ୍କାରେ ବସ୍‌ରେ ଯିବାଆସିବାର ସୁବିଧା ମିଳିପାରିଛି। ସେହିପରି ମିଶନ ଶକ୍ତିରେ ମା'ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବା ବେଳେ ମା' ମାନଙ୍କ ପାଇଁ ଆଉ ଅଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

କଳାହାଣ୍ଡି ଜିଲାର ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୩୩ କୋଟି ଏବଂ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ୧୭ ପ୍ରକଳ୍ପ ନିମନ୍ତେ ୬୦.୨୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ନର୍ଲା ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ପାଇଁ ୧୨.୪୬ କୋଟି, ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ନିମନ୍ତେ ୧୦.୪୮ କୋଟି ଏବଂ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ଲାଗି ୨୦.୪୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କଳାହାଣ୍ଡି ଜିଲାର ୫ ନିର୍ବାଚନମଣ୍ଡଳୀରେ ସମୁଦାୟ ୪୧ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୩୬.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ନବରଙ୍ଗପୁର ଜିଲାର ଡାବୁଗାଁ ନିର୍ବାଚନମଣ୍ଡଳୀରେ ୧୦ ପ୍ରକଳ୍ପ ପାଇଁ ୨୭.୯୨ କୋଟି ଟଙ୍କା, ଝରିଗାଁ ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ଲାଗି ୧୧୧.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉମରକୋଟ ନିର୍ବାଚନମଣ୍ଡଳୀରେ ୯ ପ୍ରକଳ୍ପ ପାଇଁ ୧୬ କୋଟି ଏବଂ ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ୭ ପ୍ରକଳ୍ପ ନିମନ୍ତେ ୧୩.୧୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ନବରଙ୍ଗପୁର ଜିଲାର ୪ ନିର୍ବାଚନମଣ୍ଡଳୀରେ ସମୁଦାୟ ୩୪ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୬୮.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ପାଣ୍ଡିଆନ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରି, ଭୂପିନ୍ଦର ସିଂ, ମୌଷଧି ବାଗ, ମନୋହର ରନ୍ଧାରି, ପ୍ରକାଶ ଚନ୍ଦ୍ର ମାଝି, ସଦାଶିବ ପ୍ରଧାନୀଙ୍କ ସମେତ ଜିଲା ପରିଷଦ ସଭାପତି, ସଦସ୍ୟଗଣ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ନିଯୁକ୍ତି ନେଇ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଜାରି

ଭୁବନେଶ୍ୱର,୩।୧୧ (ଅନୁରାଧା ମହାରଣା)

ରାଜ୍ୟରେ ସରକାରୀ ହାଇସ୍କୁଲଗୁଡ଼ିକରେ ବିଭିନ୍ନ ବର୍ଗର ୭୫୪୦ଟି ଶିକ୍ଷକ ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ମାଧ୍ୟମରେ ଚୟନ ପ୍ରକ୍ରିୟା ଜାରି ରହିଛି। ଏହି ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ପୂର୍ବରୁ ବିଭିନ୍ନ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଓଏସ୍ଏସ୍‌ସି ଅଫିସ ସହ ୩୦ ଜିଲାରେ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଚାଲୁଛି। ସମସ୍ତ ଜିଲାରେ ଟିଜିଟି ପିସିଏମ୍ ଓ ଟିଜିଟି ସିବିଜେଡ୍ ଶିକ୍ଷକଙ୍କ ନିଯୁକ୍ତି ପାଇଁ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ। ଓଏସ୍ଏସ୍‌ସି ଅଫିସ୍‌ରେ ପିଇଟି ଓ ତେଲୁଗୁ ବର୍ଗର ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉଛି। ଉକ୍ତ ଯାଞ୍ଚ ପ୍ରକ୍ରିୟାକୁ ସ୍ୱଚ୍ଛତା ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚ ସମୟରେ ଯଦି କୌଣସି ଶଙ୍କା ଉପୁଜେ ତେବେ ତାହାକୁ ଦୂରୀଭୂତ କରିବା ପାଇଁ ଓଏସ୍ଏସ୍‌ସି ଅଫିସ ତଥା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି। ଉକ୍ତ ଯାଞ୍ଚ ପ୍ରକ୍ରିୟା ଓଏସ୍ଏସସି ଅଫିସ ତଥା ସମଗ୍ର ୩୦ ଜିଲାର ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ସମ୍ପାଦନ କରାଯାଉଥିବାବେଳେ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ସରିବା ପରେ ଖାଲିଥିବା ପଦବୀ ଅନୁଯାୟୀ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ।

# ସବୁ କଲେଜରେ ଏନ୍ଏସ୍ଏସ୍ ଶାଖା ଖୋଲିବ




ଭୁବନେଶ୍ୱର,୩।୧୧ (ଅନୁରାଧା ମହାରଣା)

ରାଜ୍ୟର ସମସ୍ତ କଲେଜରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଶାଖା ଖୋଲିବ। ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଶୁକ୍ରବାର ଜାତୀୟ ସେବା ଯୋଜନା ରାଜ୍ୟ ପରାମର୍ଶଦାତା କମିଟିର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ନାୟକ କହିଲେ, ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜାତିର ଜନକଙ୍କ ପ୍ରତି କୃତଜ୍ଞତା ପୂର୍ବକ ଏନ୍ଏସ୍ଏସ୍ ଆରମ୍ଭ ହୋଇଥିଲା। ୫୦ ବର୍ଷ ଭିତରେ ଓଡିଶାର ବହୁ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଓ ଅଧିକାରୀ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଏହି ଧାରାକୁ ଅବ୍ୟାହତ ରଖିବା ଲାଗି ବିଭିନ୍ନ ବିଶ୍ୱବିଦ୍ୟାଳୟ କୁଳପତି, ଉଚ୍ଚଶିକ୍ଷା ପରିଷଦ, ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଏନ୍ଏସ୍ଏସ୍ ଅଧିକାରୀମାନେ ସମର୍ପିତ ହୋଇ କାର୍ଯ୍ୟ କରିବା ସହ ଯୁବ ଓ ଛାତ୍ର ସମାଜକୁ ସଂସ୍କାର ମୂଳକ କାର୍ଯ୍ୟରେ ବିନିଯୋଗ ମାଧ୍ୟମରେ ବ୍ୟକ୍ତି ଓ ସାମାଜିକ ଜୀବନରେ ପରିବର୍ତ୍ତନ ଆଣିପାରିବେ। ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କହିହଲେ, ବର୍ତ୍ତମାନ ଓଡ଼ିଶାର ୨୫ଟି ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ସମେତ ଉଚ୍ଚଶିକ୍ଷା ପରିଷଦ ନିୟନ୍ତ୍ରଣରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ୧୨୪୧ଟି ଏନ୍ଏସ୍ଏସ୍ ୟୁନିଟ୍‌ରେ ୧ଲକ୍ଷ ୨୪ହଜାରରୁ ଅଧିକ ସ୍ୱେଚ୍ଛାସେବକ ଅଛନ୍ତି। ନିଜ ଅଞ୍ଚଳରେ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଶିବିରମାନ କରାଯିବା ସହ ନିଶାର ବିଲୋପ, ପରିବେଶ ସୁରକ୍ଷା, ମହିଳା ସଶକ୍ତୀକରଣ,ରକ୍ତ ଦାନ, ସଡକ ସୁରକ୍ଷା, ସ୍ୱଚ୍ଛତା ଓ ଶୃଙ୍ଖଳାକୁ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଅଧିକ କ୍ରିୟାଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ। ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସରିତା ପଟେଲ, ରାଜ୍ୟ ସରକାରଙ୍କ ଏନ୍ଏସ୍ଏସ୍ ସଂଯୋଜକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ କୁଳପତି, ଏନ୍ଏସ୍ଏସ୍ ଅଧିକାରୀମାନେ ମତ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଦ୍ମଶ୍ରୀ ସାବରମତି ଓ ଅନ୍ୟତମ ଗାନ୍ଧୀବାଦୀ ଚିନ୍ତକ ପ୍ରହଲାଦ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।







କୋରାପୁଟ ଜିଲାର ଲୋକ ମହୋତ୍ସବ ପରବ ଉଦ୍‌ଘାଟନ ଅବସରରେ ବୋରିଗୁମ୍ମା ଓ ନନ୍ଦପୁରରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଭୈରବୀ ମନ୍ଦିରରୁ 'ପରବ' ଆରମ୍ଭ

**ନନ୍ଦପୁର/ବୋରିଗୁମ୍ମା, ୩।୧୧ (ଶଙ୍କର ପୂଜାରୀ/ବିଜୟ ନାୟକ)**

କୋରାପୁଟ ଜିଲା ବୋରିଗୁମ୍ମା ଭୈରବୀ ମନ୍ଦିରରୁ ଶୁକ୍ରବାର କୋରାପୁଟ ଜିଲାର ଲୋକ ମହୋତ୍ସବ ପରବର ଶୁଭାରମ୍ଭ ହୋଇଛି। ଏଥିରେ ଜିଲାର ୧୪ ବ୍ଲକ୍, ୩ ଏନ୍‌ଏସି ଓ ଗୋଟିଏ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ, ଲୋକ ପ୍ରତିନିଧିମାନେ ସାମିଲ ହୋଇଥିଲେ। ଅତିଥିମାନେ ଭୈରବୀ ପୀଠରୁ ପୂଜାର୍ଚ୍ଚନା ପରେ ପରବ ମଶାଲରେ ଅଗ୍ନି ସଂଯୋଗ କରି ଏହାକୁ ନିଜ ନିଜ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳକୁ ଆଣିଥିଲେ। ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ଅବଦୁଲ ମହମ୍ମଦ ଅଖତରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପ୍ରିତମ ପାଢ଼ୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକାଙ୍କ ସମେତ ଜିଲା ଓ ବ୍ଲକର ସମସ୍ତ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭୈରବୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ବାହାରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ବୋରିଗୁମ୍ମା ସହର ପରିକ୍ରମା କରିଥିଲା। ଦାସିରିସାହି, ନୂଆ ବସଷ୍ଟାଣ୍ଡ, ଥାନା ସମ୍ମୁଖ ହୋଇ କୋଟପାଡ଼ ରୋଡ଼ ଦେଇ ମିନି ଷ୍ଟାଡିୟମଠାରେ ମଶାଲ ପହଞ୍ଚିଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ରଘୁରାମ ପଡାଲ, ସମ୍ମାନିତ ଅତିଥି ଭାବେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଯାନୀ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ମୁନି ସାମନ୍ତରାୟ, ଏସ୍‌ପି ଅବିନାଶ ସୋନକର ପ୍ରମୁଖ ଉପସ୍ଥିତ ଥିଲେ।



କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଜିଲାପାଳ ଅବ୍‌ଦାଲ ଏମ୍. ଆକ୍ତର ମଶାଲ ଆଣୁଛନ୍ତି।

ପରେ ନନ୍ଦପୁର ବ୍ଲକ ପକ୍ଷରୁ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ତତ୍ତ୍ୱାବଧାନରେ ନାଚ ଗୀତର ଆସରରେ ପରବ ମଶାଲ ନନ୍ଦପୁର ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇ ଏହା ପରିସରରେ ସ୍ଥାପନ କରାଯାଇଥିଲା। ଆସନ୍ତା ୬ ତାରିଖରୁ ୧୦ ତାରିଖ ଯାଏ ପଞ୍ଚାୟତ ସ୍ତରରେ ଓ ୧୨ରୁ ୧୫ ତାରିଖ ଯାଏ ବ୍ଲକ ସ୍ତରରେ ପରବ ପାଳନ କରାଯିବ। ନନ୍ଦପୁର ବ୍ଲକ ୨୩ ପଞ୍ଚାୟତର କଳାକାରମାନଙ୍କୁ ନେଇ ସାଂସ୍କୃତିକ ପ୍ରତିଯୋଗିତା ହେବ। କ୍ରୀଡାବିତମାନଙ୍କୁ ନେଇ ମଧ୍ୟ କ୍ରୀଡା ପ୍ରତିଯୋଗିତା ହେବ। ବ୍ଲକସ୍ତରର କୃତି ପ୍ରତିଯୋଗୀ ଆସନ୍ତା ୧୮ରୁ ୨୦ ମଧ୍ୟରେ ହେବାକୁ ଥିବା ଜିଲାସ୍ତରୀୟ ପରବରେ ଭାଗ ନେବେ। ୨୫ରୁ ୨୯ ତାରିଖ ମଧ୍ୟରେ ପରବର ମୁଖ୍ୟ ମଞ୍ଚରେ ଜିଲାସ୍ତରର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଡିଓ ଦୋରା କହିଛନ୍ତି। ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ଦୁଇ ଜିଲା ପରିଷଦ ସଦସ୍ୟା, ୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ, ସମସ୍ତ ରାଜନୈତିକ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ଜସ କେତନ ବେହେରା, ବିଏସଏସଓ ସରିତା ଓରାମ, ବିପିଏମ ବିଚିତ୍ର ରାଉତ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପରବ କୋରାପୁଟ ଜିଲାରେ ୨୫ ବର୍ଷ ପୂର୍ତ୍ତି ହୋଇ ଚଳିତବର୍ଷ ୨୬ ବର୍ଷରେ ପଦାର୍ପଣ କରଛି।



ମଶାଲ ଶୋଭାଯାତ୍ରାରେ କଣ୍ଢେଇ ନାଚ।

## ଆବାସ ଯୋଜନାର ସମୀକ୍ଷା କଲେ ଏସଏଲଟିସି



**ବାଲିମେଳା, ୩।୧୧ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସି କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ତୁଡା ଏକ୍ସପର୍ଟ ରଶ୍ମି ରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ। ଓଡିଶା ଅର୍ବାନ ହାଉସିଂ ମିଶନର ଏସଏଲଟିସି ପାର୍ଥ ସାରଥୀ ସାହୁ ଯୋଗଦେଇ ଆବାସ ଯୋଜନାର ସମୀକ୍ଷା କରିଛନ୍ତି। ଏହାର ନିୟମାବଳୀ, ହିତାଧିକାରୀ ଚୟନଠାରୁ ଆରମ୍ଭ କରି ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ଦିଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବାଲିମେଳା ଏନ୍‌ଏସିର ୧୨ଟି ୱାର୍ଡରେ ମୋଟ ୧୨୧୫ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୪୦୮ ଜଣ ଗୃହକାର୍ଯ୍ୟ ସମ୍ପନ୍ନ କରିଛନ୍ତି। ୭୫୦ ଜଣ ହିତାଧିକାରୀଙ୍କ ଗୃହ କାର୍ଯ୍ୟ ଚାଲିଥିବା ବେଳେ ୫୭ ଜଣ ହିତାଧିକାରୀ ଏପର୍ଯ୍ୟନ୍ତ ନିଜର ଆବାସ ଗୃହ କାର୍ଯ୍ୟାରମ୍ଭ କରିପାରି ନ ଥିବା ସମୀକ୍ଷା ବେଳେ ଜଣାପଡିଥିଲା। ପରେ ଏସଏଲଟିସି ମୁଖ୍ୟ ସାହୁ ଏନ୍‌ଏସିର ୫ ନଂ. ୱାର୍ଡ ଏବଂ ୮ ନଂ ୱାର୍ଡ ପରିଦର୍ଶନ କରତି ହିତାଧିକାରୀମାନଙ୍କୁ ତୁରନ୍ତ ଆବାସ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଯନ୍ତ୍ରୀ ବିକାଶ କର ପରିଚାଳନା କରିଥିଲେ। ଏମଆଇଏସ୍ ସୁଶାନ୍ତ ଦାସ ସହଯୋଗ କରିଥିଲେ।

## ମା'ଙ୍କୁ ମାଡ଼ମାରି ପୁଅ ଗିରଫ

**ଜୟପୁର, ୩।୧୧ (ପବନ ପାଣିଗ୍ରାହୀ)**

ଏକ ଟଙ୍କା ଲୁଟ୍ ମାମଲାରେ ମା'ଙ୍କୁ ଗାଳିଗୁଲଜ କରି ପୁଅ ଗିରଫ ହୋଇଛନ୍ତି। ସେ ହେଲେ ଜୟପୁର ଟାଉନ ଅଞ୍ଚଳ ଓଡ଼ିଆ ମେଦ୍ରିସାହିର ମହେଶ ପାଙ୍ଗୀ (୨୮)। ଏନେଇ ମେଦ୍ରିସାହିର ପ୍ରମିଳା ଅଭିଯୋଗ କରିଥିଲେ ଯେ, ତାଙ୍କ ପୁଅ ମହେଶ ପ୍ରତ୍ୟେକ ଦିନ ତାଙ୍କୁ ଗାଳିଗୁଲଜ କରୁଛନ୍ତି। ଏଥିଯୋଗୁ ସେ ପଞ୍ଚମ ଲାଇନରେ ରହୁଛନ୍ତି। ଗତ ୩୧ ତାରିଖରେ ସେ ଝିଅଘର ଗୋପବନ୍ଧୁନଗରକୁ ଯାଇଥିବା ବେଳେ ମହେଶ ତାଙ୍କୁ ଗାଳି ଗୁଲଜ କରି ଟଙ୍କା ଛଡ଼ାଇ ନେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତର ଅଭିଯୋଗରେ ସତ୍ୟତା ଥିବାରୁ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

## କୋରାପୁଟ ଜିଲା ପାଇଁ ଗୌରବ ବଢ଼ାଇଲେ ଶିକ୍ଷକ ଧନେଶ୍ୱର

**କୋରାପୁଟ, ୩।୧୧ (ଅମିତାଭ ବେହେରା)**

ଉତ୍ତରାଞ୍ଚଳର ଡେରାଡୁନ୍‌ଠାରେ ଅନୁଷ୍ଠିତ ୧୭ତମ ଆନ୍ତର୍ଜାତିକ ଇଂରାଜୀ ସମ୍ମିଳନୀରେ ଯୋଗଦେଇ କୋରାପୁଟ ଜିଲାର ଗୌରବ ବଢ଼ାଇଛନ୍ତି ଦାମନଯୋଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ଡ. ଧନେଶ୍ୱର ମହାପାତ୍ର। ରାଷ୍ଟ୍ରୀୟ ଶିକ୍ଷାନୀତି–୨୦୨୦ ଅବସରରେ ବିଦ୍ୟାଳୟରେ ଇଂରାଜୀ ଶିକ୍ଷାଦାନ କିପରି କରାଯିବ ସେ ସମ୍ପର୍କରେ ଜ୍ଞାନ ହାସଲ ଲାଗି ମହାପାତ୍ର ମନୋନୀତ ହୋଇଥିଲେ। ଏହି ସମ୍ମିଳନୀରେ ସର୍ବଭାରତୀୟ ସ୍ତରରେ ୯୩୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକମାନଙ୍କ ମଧ୍ୟରୁ ଡ. ମହାପାତ୍ର ଅନ୍ୟତମ ଥିଲେ।

## ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା

**ପଟ୍ଟାଙ୍ଗି, ୩।୧୧ (ଶରତ ଧଳ)**

ଦୁର୍ନୀତିନିବାରଣ ସପ୍ତାହ ପାଳନ ଅବସରରେ ଶୁକ୍ରବାର ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଜନ୍ମେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଅମିୟ ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ପରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟକ୍ଷ ସାହୁ ଦୁର୍ନୀତି ନିବାରଣ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟତମ ଅତିଥି

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

ଭାବେ ଅଧ୍ୟାପିକା ଝିଲିରାଣୀ ସାମନ୍ତରାୟ ଯୋଗଦେଇ ଦେଶର ଅର୍ଥନୀତି, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଦୁର୍ନୀତିର ମୂଳୋତ୍ପାଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଜେମେସ ଫ୍ରାଙ୍କ୍ଲିନ ଖୁରା, ଅଧ୍ୟାପିକା ସରିତା ସାହୁ, ଅବନୀ ମହାରଣା, ଗୀତାଞ୍ଜଳି ବିଶୋୟୀ, ଅଶୋକ ମିଶ୍ର, ପ୍ରଶାନ୍ତ ଦାଶ, ଆଶିଷ ମହାରଣା, ଦାଶରଥି ନାୟକ, ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।




ପଟ୍ଟାଙ୍ଗିରେ ଛାତ୍ରୀଛାତ୍ରଙ୍କ ବାହାରିଥିବା ଶୋଭାଯାତ୍ରା।

## ପୋଖରୀରୁ ଯୁବତୀଙ୍କ ମୃତଦେହ ଜବତ

**କୋରାପୁଟ/ନାରାୟଣପାଟଣା, ୩।୧୧ (ଅମିତାଭ ବେହେରା/ରାଜକିଶୋର ଜେନା)**

କୋରାପୁଟ ଜିଲା ନାରାୟଣପାଟଣାର ଡୁମସିଲ ଗ୍ରାମ ପୋଖରୀରୁ ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଛି। ଯୁବତୀ ଜଣକ ଡୁମସିଲ ଗ୍ରାମର ସାନୁ କେନ୍ଦୁକାଙ୍କ ଝିଅ ଲକ୍ଷ୍ମୀ (୨୨) ବୋଲି ଜଣାପଡିଛି। ପୋଖରୀରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ନାରାୟଣପାଟଣା ପୋଲିସକୁ ଖବର ଦେଇଥିଲେ। ପୋଲିସ ପୋଖରୀରୁ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ନାରାୟଣପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଲକ୍ଷ୍ମୀଙ୍କ କେଉଁ କାରଣରୁ ମୃତ୍ୟୁ ହୋଇଛି ତାହା ଜଣାପଡିନାହିଁ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ବଦଲିଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର, ୩।୧୧ (ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅନ୍ତର୍ଗତ ବଦଲିଗୁଡ଼ା ଜଙ୍ଗଲରେ ଶୁକ୍ରବାର ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରି ମଦବ୍ୟବସାୟୀମାନେ ଲୁଚାଇ ରଖିଥିବା ୯ ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀମଦ ଜବତ କରିଛନ୍ତି। ଏନେଇ ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କେବଳ କେତେକ ମଦଭାଟି ଭାଙ୍ଗି କର୍ମଚାରୀମାନେ ଫେରିଥିବା ଜଣାପଡିଛି।

## ଆନ୍ଧ୍ରର ଅନୁପ୍ରବେଶରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଚର୍ଚ୍ଚା

**ପଟ୍ଟାଙ୍ଗି, ୩।୧୧ (ଶରତ ଧଳ)**

ପଡ଼ୋଶୀ ଆନ୍ଧ୍ର ସରକାର ଓଡ଼ିଶାର ସୀମାନ୍ତ ଗ୍ରାମରେ ଅନଧିକାର ଭାବେ ବାରମ୍ବାର ଅନୁପ୍ରବେଶ କରି ଅଯଥା ବିଶୃଙ୍ଖଳା ସୃଷ୍ଟି କରୁଥିଲେ ମଧ୍ୟ ଏଥିପ୍ରତି କେହି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିପାଇଁ ଆନ୍ଧ୍ରକୁ କିଏ ପ୍ରଶ୍ରୟ ଦେଉଛି ବୋଲି ପ୍ରଶ୍ନ ଉଠିଛି। ଶୁକ୍ରବାର ଆନ୍ଧ୍ରର ଏପରି କିଛି କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ଫଗୁଣସିନେରିରେ। ଉକ୍ତ ଗ୍ରାମରେ ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ଦୁଇଟି ସ୍ଥାନରେ ସିସି ରାସ୍ତା ହୋଇଥିବା ବେଳେ ରାସ୍ତା ପାର୍ଶ୍ୱ ଡ୍ରେନ୍ ନିକଟରେ ପ୍ରୋଟେକ୍ସନ୍ ୱାଲ୍ ହୋଇଥିବା ଦେଖିବାକୁ ମିଳିଛି। ଏହି ଦୁଇ କାର୍ଯ୍ୟରେ ୨୦ ଲକ୍ଷ ଟଙ୍କା ବ୍ୟୟ ହୋଇ ଥିବାବେଳେ ନିର୍ମାଣ କାର୍ଯ୍ୟ ପ୍ରାୟ ୧୦ଦିନ ତଳୁ ସରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ବ୍ଲକ ପ୍ରଶାସନ ନିକଟରେ ଅନେକ ସମୟରେ ତଥ୍ୟ ରହୁ ନ ଥିବା ବେଳେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ବିଡିଓ ସୁକାନ୍ତ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ପଡ଼ୋଶୀ ଆନ୍ଧ୍ରର ସାଲୁର ବ୍ଲକ ପ୍ରଶାସନ ଗତ ମାସକ ମଧ୍ୟରେ କୋଟିଆ ପଞ୍ଚାୟତରେ ତିନିଥର ଅନୁପ୍ରବେଶ କଲାଣି। ଫାଟୁସିନେରି, ଧୂଳିପଦର ଗ୍ରାମ ସହ ନୂଆଗାଁ ପଞ୍ଚାୟତ ଗାଲିଗାବଡାର ଗ୍ରାମରେ ଆନ୍ଧ୍ର ଅନଧିକାର ଅନୁପ୍ରବେଶ କରି ମେଗା ସ୍ୱାସ୍ଥ୍ୟସେବା ଶିବିର କରୁଛି।



ଆନ୍ଧ୍ର ନିର୍ମାଣ କରିଥିବା ପ୍ରୋଟେକ୍ସନ ୱାଲ୍।

## ପୁନରୁଦ୍ଧାର ହେବ ଦମୟନ୍ତୀ ସାଗର, ଦେବାନମୁଣ୍ଡା ପୋଖରୀ

**କୋଟପାଡ଼, ୩।୧୧ (କେ.ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ପୁରାତନ ଜଳାଶୟ ଦମୟନ୍ତୀ ସାଗର ଓ ଦେବାନମୁଣ୍ଡା ପୋଖରୀ ପୁନରୁଦ୍ଧାର ହେବ। ଏଥିପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଏହାକୁ ନେଇ ମୋ ଦମୟନ୍ତୀ ସାଗର କମିଟି ଓ ସହରବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଦୀର୍ଘ ଦିନଧରି ଦମୟନ୍ତୀ ସାଗର ଓ ଦେବାନ ମୁଣ୍ଡା ପୋଖରୀ ପଙ୍କ ଓ କାଦୁଅରେ ପୋତିହୋଇ ରହିଥିଲା। ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ଏହାର ପୁନରୁଦ୍ଧାର ସକାଶେ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଦାବିକରି ଆସୁଥିଲେ। ସୋସିଆଲ ମିଡିଆରେ ଦମୟନ୍ତୀ ସାଗର ଓ ଦେବାନ ମୁଣ୍ଡା ପୋଖରୀର ଫଟୋ ଭାଇରାଲ ହେବା ପରେ ପୋଖରୀ ପରିଦର୍ଶନ ସକାଶେ ଜିଲା ଓ ରାଜ୍ୟସ୍ତରୀୟ ପ୍ରତିନିଧି ଅନୁଧ୍ୟାନରେ ଆସିବା ସହ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲେକ୍‌ମ୍ୟାନ ରୂପେ ପରିଚିତ ବରିଷ୍ଠ ଜଳ ସଂରକ୍ଷଣବିତ୍ ମାଲି ଗାଭିଡ଼ ଆନନ୍ଦ ଗତ ଜୁଲାଇ ୭ରେ କୋଟପାଡ଼ ଆସି ଉଭୟ ସାଗର ଓ ପୋଖରୀ ପରିଦର୍ଶନ କରିଯାଇଥିଲେ। ଏହାର ପୁନରୁଦ୍ଧାର ଲାଗି ସେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ଫଳରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦମୟନ୍ତୀ ସାଗର ପୁନରୁଦ୍ଧାର ସକାଶେ ୧୬ କୋଟି ୭୨ ଲକ୍ଷ ୫୬ ହଜାର ଓ ଦେବାନ ମୁଣ୍ଡା ପୋଖରୀ ପୁନରୁଦ୍ଧାର ସକାଶେ ୨ କୋଟି ୫୭ ଲକ୍ଷ ୭୪ ହଜାର ଟଙ୍କା ମଞ୍ଜୁର କରିଛି। ଏହି ପୁନରୁଦ୍ଧାର କାର୍ଯ୍ୟ ଏସ୍‌ଏଫ୍‌ସି, ସିଏଫ୍‌ସି ଏବଂ ମୁକ୍ତା ଯୋଜନାରେ ହେବ। ପରିଚାଳନା ଦାୟିତ୍ୱ କୋଟପାଡ ବିଜ୍ଞାପିତ ଅଞ୍ଚଳ ପରିଷଦ ନେବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିକଟରେ କଲ୍ୟାଣ ମଣ୍ଡପଠାରେ ଏକ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ପରିଷଦ ଅଧ୍ୟକ୍ଷ ଏମ୍.ଶଙ୍କର ରାଓ, ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା, ରାଜ୍ୟ ଜଳଶୟ ରୂପାନ୍ତରୀକରଣ ଉପଦେଷ୍ଟା ଦେବସୁନ୍ଦର ମହାପାତ୍ର, ସିଟି ମିଶନ ମ୍ୟାନେଜର ସନ୍ତୋଷ ମହାନ୍ତି, ରାଜ୍ୟ ମିଶନ ଶକ୍ତି ମ୍ୟାନେଜର ସ୍ମୃତିରଞ୍ଜନ ସିଂ, ବିକାଶ ମହାରଣା, କାର୍ତ୍ତିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଦୂଷିତ ହୋଇପଡ଼ିଥିବା ୨ ଜଳାଶୟ।

## ସଂକ୍ଷେପରେ

### ଶିବିରରେ ୭୧ ୟୁନିଟ୍ ରକ୍ତ ସଂଗ୍ରହ

ଉମରକୋଟ,୩।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ କର୍ମୀ ଲୋକେଶ କଲାର ଜନ୍ମ ଦିନରେ ଏହି ରକ୍ତଦାନ ଶିବିର ଆୟୋଜନ କରିଛନ୍ତି। ନବରଙ୍ଗପୁର ଜିଲାର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଓ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତାକୁ ଅନୁଭବ କରି ଏହି ରକ୍ତ ଦାନ ଶିବିର କରାଯାଇଛି। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରକ୍ତ ଦାନ ଶିବିରରେ ୭୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌରାଧ୍ୟକ୍ଷା ରାଧା ଭତ୍ରା, ବ୍ଲକ ଅଧ୍ୟକ୍ଷା ସୁଶିଳା ଭତ୍ରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶରତ ଚନ୍ଦ୍ର ସେଠୀ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁମନ୍ତ ରାଉଳ, ଶିଶୁ ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡା, ଡାକ୍ତର ସବ୍ୟସାଚୀ ଦାସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ଦାନ ଶିବିରରେ ସୋହଯୋଗ କରିଥିଲେ।

### ରାମମନ୍ଦିରରୁ ଚୋରି

ଉମରକୋଟ,୩।୧୧(ସନ୍ତୋଷ ଶତପଥୀ)

ଉମରକୋଟ ପୌର ପରିଷଦର ହାଟପଦା ନିକଟରେ ଥିବା ରାମ ମନ୍ଦିରର ଦାନ ପେଟିର ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ ମନ୍ଦିର ପୂଜକ ମନ୍ଦିର କମିଟିକୁ ଅବଗତ କରାଇଥିଲେ। ମନ୍ଦିର କମିଟି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦୃର୍ବୃତ୍ତମାନେ ପାଚେରୀ ଡେଇଁ ମନ୍ଦିର ବେଢ଼ାରେ ପ୍ରବେଶ କରିଥିଲେ। ଉତ୍ତର ପାର୍ଶ୍ୱରେ ଥିବା କବାଟ ଭାଙ୍ଗି ମନ୍ଦିର ଭିତରେ ପଶି ଚୋରି କରିଥିଲେ। ମନ୍ଦିର ଦାନପେଟିରେ ପ୍ରାୟ ପଚାଶ ରୁ ଷାଠିଏ ହଜାର ଟଙ୍କା ଥିବା ପୂଜକ କହିଛନ୍ତି। ଗତ ଛଅ ମାସ ହେବ ମନ୍ଦିରର ଦାନପେଟି ଖୋଲା ଯାଇନଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଜଳାଶୟ ରୂପାନ୍ତରଣ ନେଇ ଦକ୍ଷତା ବୃଦ୍ଧି କର୍ମଶାଳା

ମାଲକାନଗିରି, ୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲାକନଗିରି ଜିଲାରେ ମିଶନ ଶକ୍ତି ସହଭାଗିତାରେ ସହରରେ ଥିବା ଜଳାଶୟଗୁଡିକର ନବୀକରଣ ତଥା ରୁପାନ୍ତରଣ ନିମନ୍ତେ ସ୍ଥାନୀୟ ସଂସ୍କୃତି ଭବନରେ ଏକ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଜିଲା ସଦରରେ ଥିବା ବିଭିନ୍ନ ଜଳାଶୟ ତଥା ପୁଷ୍କରଣୀ, ବନ୍ଧ ଆଦିଗୁଡିକର ରୁପାନ୍ତରଣ ପାଇଁ ଏହି କର୍ମଶାଳାରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ପୌରାଧ୍ୟକ୍ଷ ମନୋଜ କୁମାର ବାରିକ ଏବଂ ଭୁବନେଶ୍ୱରରୁ ଆସିଥିବା ଦେବସୁନ୍ଦର ମହାପାତ୍ର ତାଲିମ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷା କବିତା ମହନ୍ତ, ସହକାରୀ ଯନ୍ତ୍ରୀ ଇନ୍ଦୁମାଧବ ସରକାର ପ୍ରମୁଖ ଯୋଗ ଦେଇ ପୌରାଞ୍ଚଳର ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଜଳାଶୟ ରୁପାନ୍ତରଣ କରିବାକୁ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସହରର ମହିଳାମାନେ ଅଧିକ ସଶକ୍ତିକରଣ ହୋଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପୌରାଧ୍ୟକ୍ଷ ବାରିକ ଏହି ଅବସରରେ ପ୍ରକାଶ କରିଥିଲେ।

# ୨,୯୪୨ ପ୍ରକଳ୍ପ ପାଇଁ ୯୪.୫ କୋଟି ଟଙ୍କା ମଞ୍ଜୁର

## ନବରଙ୍ଗପୁର ଜିଲାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଶୁଭାରମ୍ଭ

ନବରଙ୍ଗପୁର (ସଦାଶିବ ପ୍ରହରାଜ)/ ଉମରକୋଟ ( ସନ୍ତୋଷ ଶତପଥୀ) / ଝରିଗାଁ (କିଶୋର ଚନ୍ଦ୍ର ମଣ୍ଡଳ)/ ନନ୍ଦାହାଣ୍ଡି (ପ୍ରତୀପ କୁମାର ଦାଶ)/ତେନ୍ତୁଳିଖୁଣ୍ଟି (ଚିଦାନନ୍ଦ ସାହୁ)/ପାପଡ଼ାହାଣ୍ଡି (ସ୍ୱପ୍ନଜିତ ପଟ୍ଟନାୟକ)/ ରାଇଘର (କିରଣ ପଟ୍ଟନାୟକ)/ ଡାବୁଗାଁ (ପ୍ରଜ୍ଞାରଞ୍ଜନ ପରିଡ଼ା)/ ଚନ୍ଦାହାଣ୍ଡି (ଦିଲୀପ ଦାସ), ୩।୧୧



ନବରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସଦାଶିବ ପ୍ରଧାନୀଙ୍କ ସହ ଉପସ୍ଥିତ ଅନ୍ୟ ଅତିଥିମାନେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ନବରଙ୍ଗପୁର ଜିଲାର ୧୦ ବ୍ଲକରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିଛନ୍ତି। ଜିଲାରେ ୨ ହଜାର ୯୪୨ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ୯୪ କୋଟି ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ମଞ୍ଜୁର କରାଯାଇଛି। ଉମରକୋଟ ନିର୍ବାଚନମଣ୍ଡଳୀରେ ୫୬୮ ପ୍ରକଳ୍ପ ପାଇଁ ୧୮ କୋଟି ୫୦ ଲକ୍ଷ, ଝରିଗାଁ ନିର୍ବାଚନ ମଣ୍ଡଳୀର ୭୩୭ ପ୍ରକଳ୍ପ ପାଇଁ ୨୬



ପାପଡ଼ାହାଣ୍ଡି କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

କୋଟି, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ୭୨୭ ପ୍ରକଳ୍ପ ପାଇଁ ୨୫ କୋଟି ଓ ଡାବୁଗାଁ ନିର୍ବାଚନ ମଣ୍ଡଳୀର ୯୧୦ ପ୍ରକଳ୍ପ ପାଇଁ ୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଜିଲାର ବିକାଶ ପାଇଁ ଏହିସବୁ ପ୍ରକଳ୍ପ ମଞ୍ଜୁର କରି ମୁଁ ବହୁତ ଖୁସି । ଆମ ଓଡ଼ିଶା ନବୀନ ଓଡ଼ିଶା ଆରମ୍ଭ ହେଲା। ଜଗନ୍ନାଥ ସଂସ୍କୃତିର ବାର୍ତ୍ତା ଓ ସଂରକ୍ଷଣ ଉପରେ ଜୋର ଦିଆଯାଇଛି। ଗାଁର ବିକାଶ ଓ ଉନ୍ନତି ପାଇଁ ସ୍ୱଚ୍ଛତାର ସହ ଏହି ଅନୁଦାନ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ନବରଙ୍ଗପୁର ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ମଞ୍ଜୁର କରିଥିବାରୁ ଜିଲାପାଳ କମଳ ଲୋଚନ ମିଶ୍ର ଜିଲା ପ୍ରଶାସନ ଓ ଜିଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଥିଲେ।

ନବରଙ୍ଗପୁର ବ୍ଲକ ପକ୍ଷରୁ ସ୍ଥାନୀୟ ପୋଲିସ ପଡ଼ିଆରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏଥିରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ କମଳଲୋଚନ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅନ୍ୟା ଦାଶ, ପୌରାଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷ ସୌମ୍ୟା ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଶରତ ଭତରା, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଡିଓ ସୁନୀଲ ଖରା, ବିଜେଡି ସମ୍ପାଦକ ରବି ପଟ୍ଟନାୟକ, କୋରାପୁଟ ଜୋନ୍ ଯୁବ ସଭାପତି ତାପସ ତ୍ରିପାଠୀ, ଏମ୍‌ପି ପ୍ରତିନିଧି ବାବୁଲି ମିଶ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ନବରଙ୍ଗପୁର ପ୍ରସିଦ୍ଧ ଲାଖ ହସ୍ତଶିଳ୍ପର ଉନ୍ନତି ଏବଂ ୧୯୭୦ର ସର୍ବପୁରାତନ ଲାଖଶିଳ୍ପ ଗୃହକୁ ଭାଙ୍ଗି ନୂତନ(ସିଏଫ୍‌ସି) ଗୃହ ନିର୍ମାଣ ନିମନ୍ତେ ୭୨ଲକ୍ଷ୯୧ହଜାର ଟଙ୍କା ମଞ୍ଜୁର କରିଥିବାରୁ ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ପରିଷଦ ସଦସ୍ୟା ସୁଶ୍ରୀ ପ୍ରଭାତୀ ପାତ୍ର ଏବଂ ସମସ୍ତ ଲାଖ ହସ୍ତଶିଳ୍ପୀ ପରିବାର ଧନ୍ୟବାଦ ଜଣାଇଛନ୍ତି।

ଉମରକୋଟ ଡିଏନ୍‌କେ ଖେଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ କରାଯାଇଛି। ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଉମରକୋଟ ବ୍ଲକ ଭାସ୍କେଲ ଡ୍ୟାମ୍ ପାଇଁ ୫.୫ କୋଟି, ପୋଡ଼ାଗଡ଼ର ଉନ୍ନତି ପାଇଁ ୩ କୋଟି, ମାଁ ପେଣ୍ଡ୍ରାଣୀ ମନ୍ଦିର ପାଇଁ ୩୦ ଲକ୍ଷ ପ୍ରଦାନ କରାଯାଇଥିବା କହିଥିଲେ। ବ୍ଲକର ୨୬ ପଞ୍ଚାୟତରେ ୩୯୪ ପ୍ରକଳ୍ପ ପାଇଁ ୧୩ କୋଟି ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ଉପାଧ୍ୟକ୍ଷ ଶ୍ୟାମଲ ସରକାର, ଜିଲା ପରିଷଦ ସଦସ୍ୟା ଡାଳିମ୍ବ ଭତ୍ରା, ଛାୟା ବିଶ୍ୱାସ ଓ ଚନ୍ଦନ ରାୟ , ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, ଦେବୀ ସିଂ ମାଝି, ଅକ୍ଷୟ ବିଷୋୟୀ, ବିଡିଓ ପ୍ରୀତିରଞ୍ଜନ ରଥ,ଅତିରିକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ, ଜିପିଓ ପୁନିତ ରାମ ଗଣ୍ଡ, ସରକାରୀ କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା ଓ ବିଜେଡି କର୍ମୀ ଉପସ୍ଥିତ ଥିଲେ।

ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ଜଳ ସେଚନ ସକାଶେ ୬୧କୋଟି ୪୫ ଲକ୍ଷ ଟଙ୍କା, ଭଇରାଘୁମର ଜଳପ୍ରପାତର ପର୍ଯ୍ୟଟନ ରୂପାନ୍ତରିକରଣ ସକାଶେ ୩କୋଟି ୨୦ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଅଧୀନ ସତୀଘାଟ ଜଳସେଚନ ସକାଶେ ୪୦କୋଟି, ଚନ୍ଦନଧାରା ଜଳପ୍ରପାତର ପର୍ଯ୍ୟଟନ ସ୍ଥଳୀର ରୂପାନ୍ତରିକରଣ ନେଇ ୩କୋଟି ୭୦ଲକ୍ଷ, ଧୋଡ୍ରାସ୍ଥିତ ମା ବିଡ୍ରୀ ଠାକୁରାଣୀ ମନ୍ଦିର ଉନ୍ନତିକରଣ ପାଇଁ ୮୦ଲକ୍ଷ, ମନ୍ଦିର ନିକଟରେ ଥିବା ଭସ୍କେଲ ନଦୀର ଉନ୍ନତି ପାଇଁ ୭୦ଲକ୍ଷ, ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଚନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରୂପାନ୍ତରିକରଣ ସକାଶେ ୫୦ ଲକ୍ଷ ଟଙ୍କା ଲେଖାଏ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହଜ ଏବଂ ସୁବିଧାରେ ଯେପରି ମିଳିବ ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆସନ୍ତା ବର୍ଷ ଝରିଗାଁ ସଦର ମହକୁମାରେ ଯୁକ୍ତ ୩ କଲେଜ ଖୋଲିବାକୁ ମଞ୍ଜୁର କରିଛନ୍ତି । ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଉପାଧ୍ୟକ୍ଷ ମନଦି ଭତ୍ରା, ୩ ଜୋନ୍‌ର ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ନାୟକ, ଯମୁନା ଗଣ୍ଡ, ତ୍ରିମୁଳା ପୂଜାରୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ସତ୍ୟନାରାୟଣ ମେହେର, ତହସିଲଦାର ଶଙ୍କର ପଟ୍ଟନାୟକଙ୍କ ସହ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନନ୍ଦାହାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୪୦୦୦ ଲୋକ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି ନିଜ ଅଭିଭାଷଣ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ତାଙ୍କ ବ୍ୟତୀତ ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସମସ୍ତ ସମିତି ସଭ୍ୟାସଭ୍ୟ, ଏମ୍‌ପିଙ୍କ ପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଡ. ବନମାଳୀ ମେହେର, ସମସ୍ତ ବିଭାଗର କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା ଏବଂ ହଜାର ହଜାର ଲୋକ ଉପସ୍ଥିତ ଥିଲେ।

ତେନ୍ତୁଳିଖୁଣ୍ଟି ନୋଡାଲ ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକକୁ ୭କୋଟି ୫୦ ଲକ୍ଷ ଅନୁଦାନ ଦେଇଥିବାରୁ ତେନ୍ତୁଳିଖୁଣ୍ଟି ବ୍ଲକ ଭାଇସ୍ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ମଙ୍ଗରଦରାର ଉନ୍ନତି ନିମନ୍ତେ ୩ କୋଟି ୨୦ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଅନୁଦାନ ଦେଇଛନ୍ତି। ବିଡିଓ ମନୋଜ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ନୀଳନ୍ଦ୍ରୀ ନାୟକ, ଜିଲା ପରିଷଦ ସଭ୍ୟା କୃଷ୍ଣ ମଞ୍ଜୁରୀ ବିଷୋୟୀ, ବିଧାୟକଙ୍କ ସ୍ତ୍ରୀ କୌଶଲ୍ୟା ପ୍ରଧାନୀ, ତହସିଲଦାର ଅଶୋକ ମୁଦୁଲି, ସିଏଚ୍‌ସି ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସମଲାଇ ପ୍ରସାଦ ପଣ୍ଡା, ପାତ୍ରପୁଟ ସରପଞ୍ଚ ଶିବାନନ୍ଦ ପ୍ରଧାନୀ, ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ବ୍ଲକର ସମସ୍ତ କର୍ମଚାରୀ ଓ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।



ଚନ୍ଦାହାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

ପାପଡ଼ାହାଣ୍ଡି ବ୍ଲକରେ ୨୩ ପଞ୍ଚାୟତରେ ୪୧୭ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ପାଇଁ ୧୧.୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟତଃ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ଉନ୍ନତି ସହ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ମିଶନ ଶକ୍ତି ଓ ନାରୀ ସଶକ୍ତୀକରଣ ଉପରେ ଧ୍ୟାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ପରେଶ ଜେନା, ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ବିଜେଡିର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ପାପଡ଼ାହାଣ୍ଡି ବ୍ଲକର ଏସ୍‌ଏଚ୍‌ଜି ମହିଳାଙ୍କ ସମେତ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ।

ରାଇଘର ବ୍ଲକରେ ଏବିଡିଓ ବିଜୟ କୁମାର ସେଠୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ବିଜୁ କେବିକେ ଉପଦେଷ୍ଟା ଶୁକଦେବ ଗଣ୍ଡ, ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ସ୍ଥାନୀୟ ବିଡିଓ ଲକ୍ଷ୍ମୀସାଗର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଡାବୁଗାଁ ବ୍ଲକ ପାଇଁ ୬ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରାଯାଇଛି। ଏହା ସହ କେଲିଆ ଶୈବପୀଠ ରୂପାନ୍ତରୀକରଣ ନିମନ୍ତେ ୫-ଟି ଯୋଜନାରେ ୫୦ ଲକ୍ଷ, ମୁଣ୍ଡିଗୁଡା କୁରୁପା ଗ୍ରାମ ମଧ୍ୟରେ ଥିବା ନାଳ ଉପରେ ସେତୁ ନିର୍ମାଣ ନିମନ୍ତେ ୫ କୋଟି ୫୦ ଲକ୍ଷ, ଡାବୁଗାଁ ଭୈରବ ମହାବିଦ୍ୟାଳୟର ରୂପାନ୍ତରୀକରଣ ନିମନ୍ତେ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ନେଇ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଘୋଷଣା କରିଥିଲେ। ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି ମୁଖ୍ୟମନ୍ତ୍ରୀ ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଧନସିଂ ଭତରା ଓ ଗୁପ୍ତ ବିଷୋୟୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ବିଡିଓ ଶରତ ମାଝି, ତହସିଲଦାର ସଦାଶିବ ଭତରା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାର ଯୋଗ ଦେଇଥିଲେ।



ଉମରକୋଟରେ ନବରଙ୍ଗପୁର ଏମ୍‌ପି ରମେଶ ମାଝିଙ୍କ ସହ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

ଚନ୍ଦାହାଣ୍ଡି ବ୍ଲକ ପାଇଁ ୭ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ମଞ୍ଜୁର ହୋଇଛି। ଏଥିସହ ଜଳସେଚନ ସମସ୍ୟାର ସମାଧାନ ପାଇଁ ବରେହି ଡ୍ୟାମ୍ ବ୍ୟାରେଜ କାର୍ଯ୍ୟ ନେଇ ୬୧ କୋଟି ମଞ୍ଜୁର କରାଯାଇଛି। ବିଡିଓ ରାମକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏଲ୍ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଜୋନ୍-୧/୨ ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, କେତକୀମଲି ଗୌଡ଼, ବ୍ଲକ ଅଧ୍ୟକ୍ଷ ସୁମିତ୍ରା ପୂଜାରୀ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ସମିତି ସଭ୍ୟ ଟେକରାମ ମାଝି, ପୂର୍ଣ୍ଣଚନ୍ଦ୍ର ସୋରି, ନିରୁପମା ଧ୍ରୁଆ, ଭାନୁମତି ମାଝି, ଗୌରୀ ନାଗ, ଗୌରୀ ନେଙ୍ଗୀ, କ୍ଷୀରଡେଇ ଚଣ୍ଡୀ, ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ, ହରଲାଲ ଝାଙ୍କର, ଜଳନ୍ଧର ମାଝି, ତହସିଲଦାର ପୁଷ୍ପାଞ୍ଜଳୀ ଚୌଧୁରୀ, ଥାନାଧିକାରୀ ପ୍ରଶାନ୍ତ କୋଲ୍ହାର୍ସ, ସହକାରୀ ଯନ୍ତ୍ରୀ ଥୟକୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ମତୁଆ ସମ୍ପ୍ରଦାୟର କେନ୍ଦ୍ରୀୟ ସମ୍ମିଳନୀ

ମାଲକାନଗିରି, ୩।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପେଟ୍ରୋଲ ପମ୍ପ ସଭାଗୃହରେ ମତୁଆ ସମ୍ପ୍ରଦାୟର କେନ୍ଦ୍ରୀୟ ସମ୍ମିଳନୀ ଓ ବଙ୍ଗୀୟ କବିତା ପାଠୋତ୍ସବ ଅନୁଷ୍ଠିତ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମତୁଆ ସମ୍ପ୍ରଦାୟ ସଦସ୍ୟମାନେ।

ହୋଇଛି। ଏହି ଅବସରରେ ନବରଙ୍ଗପୁର ଓ ମାଲକାନଗିରି ଜିଲାକୁ ନେଇ ଗଠିତ କେନ୍ଦ୍ରୀୟ ମତୁଆ ସଂଘର ଅଧ୍ୟକ୍ଷ ଭାବେ ଦୁର୍ଗା ତ୍ରିପାଠୀଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ମତୁଆ ସଂଘ ଆଚାର୍ଯ୍ୟ ରବୀନ୍ଦ୍ରନାଥ ବିଶ୍ୱାସ, ନବରଙ୍ଗପୁର କମିଟିର ସଭାପତି ଚିତରଞ୍ଜନ ଢାଲି, ମାଲକାନଗିରି କମିଟି ସଭାପତି ଅଶୋକ ହାଲଦାର, ଉପଦେଷ୍ଟା ଭୋଳାନାଥ ବିଶ୍ୱାସ, ସୁବପାଷ ଚନ୍ଦ୍ର ତାରଫଦାର, ସତ୍ୟନାରାୟଣ ଦେ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ମତୁଆ ସମାଜର ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବଙ୍ଗୀୟ ଭାଷାରେ ଏକ ସ୍ୱରଚିତ କବିତା ପାଠୋତ୍ସବ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନବରଙ୍ଗପୁର, ଉମରକୋଟ, ମାଲକାନଗିରି ଜିଲାର ଶତାଧିକ ମତୁଆ ସମ୍ପ୍ରଦାୟ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ।

# ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କଲେ ମନ୍ତ୍ରୀ, ବିଧାୟକ

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ରାୟଗଡ଼ା,୩।୧୧(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ଶୁକ୍ରବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ମାନିତ ବକ୍ତା ଭାବେ ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ ପ୍ରମୁଖ ଯୋଗଦେଇ ଭାରତ ଭଳି ବିରାଟ ଗଣତାନ୍ତ୍ରିକ ଦେଶରେ ଦୁର୍ନୀତି ଏକ ବଡ଼ ବ୍ୟାଧି ରୂପେ ଉଭା ହୋଇଛି। ଦେଶରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ରୋକିବାକୁ ସମାଜର ସବୁ ସ୍ତରରୁ ଲୋକେ ସଂଗଠିତ ହୋଇ ସଂଗ୍ରାମ କଲେ ଦେଶ ଆଗକୁ ଯିବ ବୋଲି ମତ ଦେଇଥିଲେ । ବୈଠକରେ ବରିଷ୍ଠ ନାଗରିକ, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ମିଶନ ଶକ୍ତି ମହିଳା, ପ୍ରେମ ପାହାଡ଼ ୱାକର୍ସ କ୍ଲବର ସଦସ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଗଜପତି ଛକଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାକୁ ଅନୁସୂଚିତ ଜନଜାତି, ଜାତି, ପଛୁଆବର୍ଗ ଓ ସଂଖ୍ୟା ଲଘୁ କଲ୍ୟାଣ, ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଓ ସ୍ଥାନୀୟ ବିଧାୟକ ମକରନ୍ଦ ମୁଦୁଲି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ରାୟଗଡ଼ା ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ୟୁଜିଏମ୍ଆଇଟି ଅନୁଷ୍ଠାନର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଦୁର୍ନୀତି ବିରୋଧରେ ସଚେତନତାମୂଳକ ବାର୍ତ୍ତା ଦେଇ ଗଜପତି ଛକରୁ ସ୍ଥାନୀୟ ସଂସ୍କୃତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ପ୍ରଧାନ ଉପସ୍ଥିତ ସଭିଙ୍କୁ ଶପଥ ପାଠ କରାଇଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଦୁର୍ନୀତି ନିବାରଣ ଶାଖା ଉପ ଆରକ୍ଷୀ ଅଧୀକ୍ଷକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ କାର୍ଯ୍ୟ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ।

# ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହ ଜବତ

ଟିଙ୍କିରି,୩।୧୧(ପ୍ରଫୁଲ୍ଲ କୁମାର ବେହେରା)

- ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜୀବନ ଗଲା
- ଗିରଫ ଭୟରେ ମାଟି ତଳେ ପୋତି ଦେଇଥିଲେ

ରାୟଗଡା ଜିଲା କାଶୀପୁର ଥାନା ଅନ୍ତର୍ଗତ ଚାରଯୋଡି ଗାଁ ନିକଟସ୍ଥ ଜାନୀକୁଡିରୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶୁକ୍ରବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ୧୩ ଦିନ ହେଲା ନିଖୋଜ ଥିବା ମଡପୁଟଖୁରି ଗାଁର ବିଶେଶ୍ୱର ମାଝି। ବାରହା ଶିକାର ପାଇଁ ଖଞ୍ଜା ଯାଇଥିବା ବିଦ୍ୟୁତ ତାର ଲାଗି ଯୁବକଙ୍କର ମୃତ୍ୟୁ ହେବା ପରେ ଗିରଫ ଭୟରେ ଅଭିଯୁକ୍ତମାନେ ମୃତଦେହକୁ ମାଟିତଳେ ପୋତି ଦେଇଥିଲେ। ୨ ସପ୍ତାହ ପରେ ଏହି ଘଟଣା ପଦାକୁ ଆସିବା ପରେ ପୋଲିସ ୨ ଜଣକୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଚାରଯୋଡି ଗ୍ରାମର ପଦନ ଖୋଡ଼ିଆ ଓ ଭୁବେନ ଖୋଡ଼ିଆ। ମିଳିଥିବା ସୂଚନା ଅନୁଯାୟୀ, ବିଶେଶ୍ୱର ଅକ୍ଟୋବର ୨୨ରୁ ନିଖୋଜ ଥିବା ବେଳେ ପରିବାର ପକ୍ଷରୁ ଗତ ୩୦ ତାରିଖରେ କାଶୀପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକଙ୍କ ନେତୃତ୍ୱରେ ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରିଥିଲେ। ଚାରଯୋଡି ଗ୍ରାମର ପଦନ ଖୋଡ଼ିଆ ଓ ଭୁବେନ ଖୋଡ଼ିଆଙ୍କ ଉପରେ ପୋଲିସର ସନ୍ଦେହ ହେବାରୁ ୨ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଦୋଷ ସ୍ୱୀକାର କରିଥିଲେ। ଡାଲିଗୁଡା ଗ୍ରାମରୁ ମହତପୁଟଖୁରି ଗାଁକୁ ଯାଉଥିବା ରାସ୍ତାରେ ବାରହା ଶିକାର ପାଇଁ ବିଦ୍ୟୁତ ତାର ବିଛାଇଥିବା ଓ ସେହି ରାସ୍ତାରେ ବିଶେଶ୍ୱର ଆସୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା କହିଥିଲେ। ସେମାନେ ପ୍ରମାଣ ନଷ୍ଟ କରିବାକୁ ଘଟଣାସ୍ଥଳରୁ ପ୍ରାୟ ୨କିମି ଦୂରରେ ଥିବା ଜନୀକୁଡିଠାରେ ମାଟି ଖୋଳି ମୃତଦେହ ପୋତି ଦେଇଥିବା କହିଥିଲେ। ଅଭିଯୁକ୍ତଙ୍କ କହିବା ଅନୁସାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାଇତ୍ୱରେ ଥିବା କାଶୀପୁର ଅତିରିକ୍ତ ତହସିଲଦାର ବାରିଏଲ ମୁର୍ମୁଙ୍କ ଉପସ୍ଥିତିରେ ଏସଡିପିଓ ରଶ୍ମି ରଞ୍ଜନ ସେନାପତି, ଟିଙ୍କିରି ଥାନା ଅଧିକାରୀ ବିଶ୍ୱ ବନ୍ଦନୀ ବାଘ, କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକଙ୍କ ନେତୃତ୍ୱରେ କର୍ମଚାରୀମାନେ ମାଟି ଖୋଳି ମୃତଦେହ ଜବତ କରିଥିଲେ। ପ୍ର ଘଟଣାକୁ ନେଇ କାଶୀପୁର ଥାନାରେ ୧୫୯/୨୩ ଏକ ମାମଲା ରୁଜୁ କରାଯାଇଛି।

# ଜିଲା ଆଦିବାସୀ ମହାସଂଘ ପକ୍ଷରୁ ବିକ୍ଷୋଭ

**ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି**

ରାୟଗଡ଼ା, ୩।୧୧ (ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବିକରି ଜିଲା ଆଦିବାସୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପ୍ରଦାନ କରାଯାଇଛି। ଯଦି ତୁରନ୍ତ ସିବିଆଇ ତଦନ୍ତ ପାଇଁ ସୁପାରିସ କରା ନ ଯାଏ ତେବେ ସମଗ୍ର ଜିଲାରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଆଦିବାସୀ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଆଦିବାସୀ ମହାସଂଘର ଅଭିଯୋଗ ଅନୁଯାୟୀ, ଭାଗୀରଥି ମାଣ୍ଡାଙ୍ଗିଙ୍କୁ ୨୦୧୦ ଡିସେମ୍ବର ୧୫ରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ମାମଲାର ତଦନ୍ତ ପ୍ରଥମେ ରାୟଗଡ଼ା ଥାନା ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ତରଫରୁ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ହତ୍ୟା ରହସ୍ୟ ଉନ୍ମୋଚନ କରିବାରେ ରାଜ୍ୟ ତଦନ୍ତ ଏଜେନ୍ସି ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଏହି ହତ୍ୟାକାଣ୍ଡରେ ଶାସକ ଦଳର ନେତା ସାମିଲ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ଏହାର ତଦନ୍ତଭାର ସିବିଆଇକୁ ପ୍ରଦାନ କରିବାକୁ ଦାବି ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବରୁ କପିଳାସ ଛକରୁ ଏକ ବିଶାଳ ରାଲି ବାହାରିଥିଲା । ସହରର ତିନିକୋଣରୁ ଆଦିବାସୀମାନେ ଆସି ଏକାଠି ହୋଇ କପିଳାସ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ। ଶୋଭାଯାତ୍ରା ସମୟରେ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଦିବାସୀ ମହାସଂଘ ସଭାପତି ଆପଲସ୍ୱାମୀ କାଡ୍ରାକା, ଆବାହକ ବସନ୍ତ ଉଲାକା, ସାଧାରଣ ସମ୍ପାଦକ ଜଗନ୍ନାଥ ମାଣ୍ଡାଙ୍ଗିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ ହୋଇଛି।



ଆଦିବାସୀ ମହାସଂଘର ସଦସ୍ୟମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଉଛନ୍ତି।

# ସନ୍ଦେହ ଘେରରେ ଯୁବକଙ୍କ ମୃତ୍ୟୁ

**ପ୍ରେମଜନିତ ହତ୍ୟା ଅଭିଯୋଗ**

ଅମ୍ବାଦଳା,୩।୧୧ (ରବୀନ୍ଦ୍ର ପଣ୍ଡା)

ରାୟଗଡା ଜିଲା ଅମ୍ବାଦଳା ଥାନା ଇଚ୍ଛାପୁର ପଞ୍ଚାୟତର ପୋଖରୀ ଗାଁ ପାହାଡ଼ ଉପରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକ ଜଣକ ପଡୋଶୀ କଳାହାଣ୍ଡି ଜିଲା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଡୁମେରମୁଣ୍ଡା ଗ୍ରାମର ତରୁଣ ନାଗ ବୋଲି ଜଣାପଡିଛି। ଘଟଣା ସମ୍ପର୍କରେ ଡୁମେରମୁଣ୍ଡା ଗ୍ରାମର ଉପେନ୍ଦ୍ର ସାହୁ ଏବଂ ପରମାନନ୍ଦ ସାହୁ ମୃତକଙ୍କ ପରିବାରକୁ ଖବର ଦେଇଥିଲେ। ମୃତକଙ୍କ ଭାଇ ସିଦ୍ଧାର୍ଥ ନାଗ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅମ୍ବାଦଳା ଥାନାରେ ଅଭିଯୋଗ କରିଛନ୍ତି। ଅମ୍ବାଦଳା ଆଇଆଇସି କାର୍ତ୍ତିକ ନାୟକ ସଦଳବଳ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିବା ପରେ ଏସଡିପିଓ ସନ୍ତୋଷିନୀ ଓରାମ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି। ମୃତଦେହ ସେମିତି ଝୁଲି ରହିଥିବା ବେଳେ ପୋଲିସ କର୍ମଚାରୀମାନେ ଜଗି ରହିଛନ୍ତି। ଶନିବାର ରାୟଗଡାରୁ ସାଇଣ୍ଟିଫିକ୍ ଟିମ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯିବ ବୋଲି ଏସଡିପିଓ ଓରାମ କହିଛନ୍ତି।

ସୂଚନା ଅନୁଯାୟୀ, ଡୁମେରମୁଣ୍ଡା ଗ୍ରାମର ଜଣେ ଯୁବତୀଙ୍କ ସହିତ ମୃତ ତରୁଣଙ୍କ ପ୍ରେମ ସମ୍ପର୍କ ଥିଲା । ଉଭୟ ପ୍ରେମ ବିବାହ କରିବାକୁ ଘରୁ ବାହାରି ଯାଇଥିଲେ। ସାଙ୍ଗରେ ୯୫ ହଜାର ଟଙ୍କା ଏବଂ ୩ ଭରି ସୁନା ନେଇଯାଇଥିଲେ ବୋଲି ତରୁଣଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି। ଦୁହିଁଙ୍କ ପ୍ରେମ ସମ୍ପର୍କରେ କ୍ଷୁବ୍ଧ ହୋଇ ଯୁବତୀଙ୍କ ପରିବାର ଲୋକେ ତରୁଣଙ୍କୁ ହତ୍ୟା କରିଥିବା ମୃତକଙ୍କ ଭାଇ ଅଭିଯୋଗ କରିଛନ୍ତି। ଏହି ସନ୍ଦେହଜନକ ଘଟଣାରେ ଡୁମେରମୁଣ୍ଡା ଗ୍ରାମବାସୀ ଅମ୍ବାଦଳା ଥାନାରେ ପହଞ୍ଚି ଏହା ଏକ ପ୍ରେମଜନିତ ସୁପରିକଳ୍ପିତ ହତ୍ୟାକାଣ୍ଡ ଏବଂ ଏହାର ଉପଯୁକ୍ତ ତଦନ୍ତ କରି ମୃତକଙ୍କ ପରିବାରକୁ ନ୍ୟାୟ ଦିଆଯାଉ ବୋଲି ଦାବି କରିଛନ୍ତି।

# ଆଜି ମାଲକାନଗିରିରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


ମାଲକାନଗିରି ଜିଲା ବିଜେଡି ସଭାପତି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ପ୍ରସ୍ତୁତି ସମୀକ୍ଷା କଲେ ଅଧିକାରୀ, ବିଜେଡି ନେତା**

ମାଲକାନଗିରି, ୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲାକନଗିରି ଜିଲାରେ ଶନିବାର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସରେ ଏହାର ଶୁଭ ଉଦ୍‌ଘଶଟନ କରିବେ। ଏହାକୁ ନେଇ ଜିଲା ପ୍ରଶାସନିକ ଓ ଦଳୀୟ ସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରେ ହଜାର ହଜାର ସଂଖ୍ୟାରେ ଲୋକେ ଯୋଗଦେବେ। ମାଲକାନଗିରି ସଦରସ୍ଥିତ ଡିଏନ୍‌କେ ଖେଳ ପଡିଆରେବିଜେଡି ସଭାପତି ମାନସ ମାଡକାମୀ ପହଞ୍ଚି କାର୍ଯ୍ୟକ୍ରମ ପାଇଁ ହୋଇଥିବା ପ୍ରସ୍ତୁତି ଯାଞ୍ଚ କରିଥିଲେ। ମାଲକାନଗିରି ବିଡିଓ ପ୍ରଭାତି ଝଡିଆ ଓ ଅନ୍ୟ ଅଧିକାରୀମାନେ ମଧ୍ୟ ପ୍ରଶାସନିକସ୍ତରରେ ଯାଞ୍ଚ କରିଥିଲେ। ମାଡକାମି ଉପସ୍ଥିତ ଅଧିକାରୀଙ୍କ ସମସ୍ତ ବିଷୟକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମାଲାକନଗିରି ବ୍ଲକ ଅଧକ୍ଷା ଗୌରୀ ପଡିଆମି ସହ ଅନ୍ୟ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ।

# ବିଡିଓଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କ ଦାବିପତ୍ର

**ଘନଉଛି ଜାଲ୍ ଦସ୍ତଖତ କରି ପ୍ରକଳ୍ପ ତାଲିକା ପ୍ରସ୍ତୁତି ବିବାଦ**

ବିଷମକଟକ, ୩।୧୧ (ବିଭୂତି ଭୂଷଣ ନାୟକ)

ଦିନକୁ ଦିନ ନୂଆ ମୋଡ଼ ନେଉଛି ବିଷମକଟକ ସରପଞ୍ଚ ଏବଂ ଆମ ଓଡିଶା ନବୀନ ଓଡିଶାକୁ ନେଇ ହୋଇଥିବା ବିବାଦ। ଗୋଟିଏ ପଟେ ସଦର ବ୍ଲକର ଅନ୍ୟ ସରପଞ୍ଚମାନେ ଶାସକ ଦଳ ଆଗରେ ମୁଣ୍ଡ ନୁଆଁଇ ଥିବା ବେଳେ ବିଷମକଟକ ସରପଞ୍ଚ ନମିତା କୁଲୁସିକା ଏହାକୁ ନିଜର ସମ୍ମାନ, ସ୍ୱାଭିମାନର ଲଢେଇ ବୋଲି କହି ନିଜର ପ୍ରତିବାଦ ଜାରି ରଖିଛନ୍ତି । ଆମ ଓଡିଶା ନବୀନ ଓଡିଶା ଯୋଜନାରେ ସରପଞ୍ଚଙ୍କୁ ଉପେକ୍ଷା ଘଟଣାରେ ସରପଞ୍ଚ କୁଲୁସିକା ଶୁକ୍ରବାର ବିଷମକଟକ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ଅନୁସୂଚିତ ଜନଜାତି ବର୍ଗର ମହିଳା ପ୍ରତିନିଧି ଭାବେ ଏହା ମୋର ଆତ୍ମସମ୍ମାନ ଓ ମର୍ଯ୍ୟାଦାର ବିଷୟ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସରପଞ୍ଚଙ୍କ ବିନା ଅନୁମୋଦନ ଓ ଜାଲ୍ ଦସ୍ତଖତ କରାଯାଇ ବିଷମକଟକ ପଞ୍ଚାୟତ ସମିତି ତରଫରୁ ପ୍ରକଳ୍ପ ତାଲିକା ପ୍ରସ୍ତୁତି କରାଯିବା ଘଟଣାକୁ ସେ ଦୃଢ଼ ବିରୋଧ କରିଛନ୍ତି । ଏହି ସମସ୍ୟାର ସମାଧାନ ନ ହେଲେ ବୁଧବାରଠାରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବାକୁ ସରପଞ୍ଚ କୁଲୁସିକା ଚେତାବନୀ ଦେଇଛନ୍ତ। ବିଷମକଟକ ସରପଞ୍ଚଙ୍କ ଆଲୋଚନା କରି ରହିଥିବା ମତଭେଦକୁ ଶୀଘ୍ର ଦୂର କରାଯିବ ବୋଲି ବିଷମକଟକ ବିଡିଓ ସଦାଶିବ ନାୟକ ସୂଚନା ଦେଇଛନ୍ତି । ଅନ୍ୟପଟେ ବିଷମକଟକ ବିଧାୟକ ପ୍ରାର୍ଥୀ ନୀଳ ମାଧବ ହିକ୍‌କା, ଏହାକୁ ଆଦିବାସୀ ମହିଳା ପ୍ରତି ଅସମ୍ମାନ ବୋଲି କହି ବ୍ଲକ ପ୍ରଶାସନର କାର୍ଯ୍ୟକୁ ନିନ୍ଦା କରିଛନ୍ତି।


ବିଷମକଟକ ସରପଞ୍ଚ ନମିତା କୁଲୁସିକା ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଛାତ୍ରାବାସ, ଛାତ୍ରୀନିବାସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ରାୟଗଡ଼ା,୩।୧୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପିଏମ୍‌ଜି ଛାତ୍ରାବାସଠାରେ ଏକ ନୂତନ ୩ ଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଏବଂ ରାୟଗଡ଼ା ମହାବିଦ୍ୟାଳୟ ପରିସରରେ ୨ ଶହ ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀନିବାସ ନିର୍ମାଣ ନିମନ୍ତେ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ବବିଲତା ସରାଫ, ବରିଷ୍ଠ ଅଧ୍ୟାପିକା ସରସ୍ୱତୀ ରାୟ,ଏ. ଶ୍ରୀନିବାସ, ୱାଇ.ଭି.ସାଇ ମାଧବ, ଲ୍ୟୁଟ୍‌ନାଣ୍ଟ ଉଦୟ ନାୟକ, ମହା ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅନ୍ୟ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଜନଜାତି ବିଭାଗ ତରଫରୁ ଏହି ପ୍ରକଳ୍ପକୁ ଅନୁମୋଦନ ମିଳିଥିବାରୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ହଷ୍ଟେଲ ନିର୍ମାଣ ଯୋଗୁ ଦୂର ଦୂରାନ୍ତରୁ ଗ୍ରାମାଞ୍ଚଳ ଏବଂ ବିଭିନ୍ନ ବ୍ଲକରୁ ଆସି ପାଠ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି ।

# ରେଜିଙ୍ଗ ରାୟଗଡ଼ା, ନ୍ୟୁ ଲାଇନ ଗୁଡ଼ାରି ବିଜୟୀ

**ଗୁଣପୁର ପ୍ରିମିୟର୍ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ**

ଗୁଣପୁର, ୩।୧୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ପ୍ରିମିୟମ ଲିଗ୍‌ର ଶୁକ୍ରବାର ଦ୍ୱିତୀୟ ଦିନରେ ୨ଟିମ୍ୟାଚ୍ ଖେଳା ଯାଇଥିବାବେଳେ ପ୍ରଥମ ମ୍ୟାଚରେ ରେଜିଙ୍ଗ ରାୟଗଡା ଏବଂ ଦ୍ୱିତୀୟ ମ୍ୟାଚରେ ନ୍ୟୁ ଲାଇନ ଗୁଡାରୀ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ରେଜିଙ୍ଗ ରାୟଗଡା ଓ ଗୁଣପୁର ଟାଇଟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଜିଙ୍ଗ ରାୟଗଡା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେବା ସହ ୨୦ ଓଭରରେ ୧୭୩ ରନ ସଂଗ୍ରହ କରି ୮ଟି ୱିକେଟ ହରାଇଥିଲେ। ଅପରପକ୍ଷେ ଗୁଣପୁର ଟାଇଟନ ୧୩୪ ରନରେ ୯ଟି ୱିକେଟ ହରାଇଥିଲେ। ଫଳରେ ୪୪ ରନରେ ରେଜିଙ୍ଗ ରାୟଗଡା ବିଜୟ ହାସଲ କରିଥିଲେ । ଏହି ମ୍ୟାଚରେ ସନ୍ଦୀପ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ପାଇଥିଲେ।

ସେହିପରି ଦିତୀୟ ମ୍ୟାଚ ନ୍ୟୁ ଲାଇନ ଗୁଡାରୀ ଓ ବିଏନଆଇଆଇଏଫଏଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନ୍ୟୁଲାଇନ ଗୁଡାରୀ ୨୦ ଓଭରରେ ୧୪୮ ରନ ସଂଗ୍ରହ କରି ୬ଟି ୱିକେଟ ହରାଇଥିଲେ । ଦ୍ୱିତୀୟ ଇନିଂସରେ ବିଏନଆଇଆଇଏଫଏଲ ୧୨୭ ରନରେ ୯ଟି ୱିକେଟ ହରାଇ ସମ୍ପୂର୍ଣ୍ଣ ୨୦ ଓଭର୍ ଖେଳିଥିଲେ। ଫଳରେ ୨୧ ରନରେ ନ୍ୟୁ ଲାଇନ ଗୁଡାରୀ ବିଜୟ ହାସଲ କରିଥିଲେ । ଏହି ମ୍ୟାଚରେ ନରେଶ ପେରିସିକା ମ୍ୟାନ ଅଫ ଦି ମ୍ୟାଚ ପାଇଥିଲେ। ଆଜିର ମ୍ୟାଚରେ ସାରଦା ପ୍ରସନ୍ନ ମହାପାତ୍ର ଓ ବୈକୁଣ୍ଠ ଶବର ଅମ୍ପାୟାର ଦାୟିତ୍ୱ ତୁଲାଇ ଥିଲେ। ସେହିପରି ରାଜ କିଶୋର ଗୌଡ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଟୁର୍ନାମେଣ୍ଟର ପରିଚାଳନା ଦାୟିତ୍ୱରେ କିରଣ ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, ସନ୍ଦିପ ପାଣିଗ୍ରାହୀ, ଚିନ୍ମୟ ରାଇକା, ରାଜ କିଶୋର ଗୌଡ, ଉମା ବାଉରୀ, ସରୋଜ ମିଶ୍ର, ଶଙ୍କର ବାଉରୀ, ବଳିଆ ମହାନ୍ତି, ତେନାଲି ରାଜା, ଏ. ଉପେନ୍ଦ୍ର, ରଞ୍ଜନ ଜେନା ଓ ସନ୍ତୋଷ ଗମାଙ୍ଗ ପ୍ରମୁଖ ରହିଥିଲେ।

# ଗୋଟିଏ ରେଜିଷ୍ଟ୍ରେଶନ ନମ୍ବରରେ ୨ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ

**ଜିଲା ନିଯୋଜନ ଅଧିକାରୀଙ୍କୁ ଭେଟିଲେ ଯୁବକ**

ରାୟଗଡା,୩।୧୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଜିଲା ନିଯୋଜନ ଅଧିକାରୀ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗୋଟିଏ ରେଜିଷ୍ଟ୍ରେଶନ ନମ୍ବରେ ୨ ଜଣଙ୍କ ନାମ ଦେଖିବାକୁ ମିଳିଛି । ରାୟଗଡା ଜିଲା ନିଯୋଜନ ଅଧିକାରୀଙ୍କ ତ୍ରୁଟି ଯୋଗୁ ଆଜି ମୁଁ ପୋଲିସ ଚାକିରି ନ ପାଇ ବେକାର ଅଛି ବୋଲି ଗୁଣୁପୁରର ଜଣେ ଯୁବକ ବୁଦାନ ହରିପ୍ରସାଦ ଅଭିଯୋଗ କରିଛନ୍ତି। ବୁଦାନ ହରିପ୍ରସାଦ ନ୍ୟାୟ ପାଇଁ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଲିଖିତ ଅଭିଯୋଗ କରିବା ପରେ ଶୁକ୍ରବାର ଜିଲା ନିଯୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ରଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଛନ୍ତି।

ସୂଚନା ଯୋଗ୍ୟ, ଜିଲା ନିଯୋଜନ କାର୍ଯ୍ୟାଳୟରେ ୨୦୨୨ ଅକ୍ଟୋବର ୨୮ରେ ବୁଦାନ ହରିପ୍ରସାଦ ନିଜ ନାମ ପଞ୍ଜିକରଣ କରିଥିଲେ । ଜିଲା ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ରେଜିଷ୍ଟ୍ରେସନ ନମ୍ବର (ଓଡ଼ି୨୭୧୨୦୨୨୧୪୦୩) ଦିଆଯାଇଥିଲା। ଯାହାର ସମୟସୀମା ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଥିଲା । ଏହି ରେଜିଷ୍ଟ୍ରେଶନ ନମ୍ବରରେ ବୁଦାନ ଓଡିଶା ପୋଲିସରେ ଚାକିରୀ ପାଇଁ ଆବେଦନ କରିଥିଲେ। ତେବେ ଏହି ସମାନ ରେଜିଷ୍ଟ୍ରେଶନ ନମ୍ବର ରାୟଗଡା ହାଉସିଂ ବୋର୍ଡ କଲୋନୀର ସାଇ କିରନଙ୍କର ମଧ୍ୟ ରହିଥିଲା । ଆଉ ସେ ମଧ୍ୟ ଓଡିଶା ପୋଲିସ ପାଇଁ ଆବେଦନ କରି ଚାକିରୀ ପାଇବାରେ ସଫଳ ହୋଇଥିଲେ। ଏହାପରେ ବୁଦାନା ହରିପ୍ରସାଦ ଅଫିସକୁ ଯାଇ ତାଙ୍କ ନାମ ଯାଞ୍ଚ କରିବା ପରେ କାର୍ଯ୍ୟାଳୟ କମ୍ପ୍ୟୁଟରରୁ ତାଙ୍କ ନାମ ଡିଲିଟ ହୋଇଯାଇଛି । ଏହି ଘଟଣା ପରେ ସେ ଏନଆଇସି ସହ ମଧ୍ୟ ଯୋଗାଯୋଗ କରିଥିଲେ। ରାୟଗଡା ନିୟୋଜନ କାର୍ଯ୍ୟାଳୟରେ ତଥ୍ୟ ଏଣ୍ଟ୍ରି ଅପରେଟରଙ୍କ ଦ୍ୱାରା ଜାଲିଆତି କରାଯାଇଥିବା ଏନଆଇସି କହିଥିବା ବୁଦାନା ହରିପ୍ରସାଦ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିଯୋଜନ ଅଧିକାରୀ ମହାପାତ୍ରଙ୍କୁ ପଚାରିବାରୁ ଏ ନେଇ ଆମେ ଏନ୍‌ଆଇସି ନିର୍ଦ୍ଦେଶକ ଏବଂ ରାୟଗଡ଼ା ଏସପିଙ୍କୁ ଏନେଇ ଅବଗତ କରିଛୁ । ଏହି ଆଇଡିର ହକଦାର କିଏ ପୋଲିସ ତଦନ୍ତ ପରେ ଜଣାପଡିବ। ଆଇନ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।



# ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

ଗୁଣପୁର,୩।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗତ ବର୍ଷର ୯ମ ଶ୍ରେଣୀର ୬ ଛାତ୍ରୀଛାତ୍ର ରାଜ୍ୟ ସରକାରଙ୍କ ଏନଆରଟିଏସରେ ଚୟନ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଗୁଣପୁର ସହର ଓ ବ୍ଲକରେ ଯଥାକ୍ରମେ ଦେବୀ ପ୍ରସାଦ ମିଶ୍ର, ଓଁ ସାଇ ଶରଣ ମିଶ୍ର ୧ମ, ସୁଇଟି ରାଣୀ ପୃଷ୍ଟି ୨ୟ, ସାଇ ଶୁଭଶ୍ରୀ ବାଉରୀ ୩ୟ, ପଙ୍କଜିନୀ ଶବର ୪ର୍ଥ ଏବଂ ମଦନ ମୋହନ ଶବର ୫ମ ସ୍ଥାନ ଅଧିକାର କରି ଅନୁଷ୍ଠାନର ନାମକୁ ଉଜ୍ଜଳ କରିଛନ୍ତି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ, କୁମାର ଶତପଥୀ, ସଭାପତି ବି. ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ ଏବଂ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା ଓ ସମସ୍ତ ଗୁରୁଜୀ ଗୁରୁମା କୃତଜ୍ଞତା ଏବଂ ଏବଂ ଶୁଭ କାମନା ଜଣାଇଛନ୍ତି ।

# ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକଲେ ନିର୍ଦ୍ଦେଶକ

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ**

ମାଲକାନଗିରି,୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ୨ ଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସି ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସେ ଆକାଂକ୍ଷୀ ଜିଲା ଏବଂ ବ୍ଲକ ପ୍ରକଳ୍ପର ସମୀକ୍ଷା କରିଥିଲେ। ଉପସ୍ଥିତ ଅଧିକାରୀମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିମାନବନ୍ଦର, ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଷଡ଼ଙ୍ଗୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମାଲକାନଗିରି ଜିଲାର ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଏଠାରେ ଆମ ବ୍ୟାଙ୍କ, ଲକ୍ଷ୍ମୀ, ବିକ୍ୟୁଏସ୍, ବିମାନବନ୍ଦର, ରେଳପଥ ଜମି ଅଧିଗ୍ରହଣ, ୫–ଟି ବିଦ୍ୟାଳୟ, ଆମ ହସ୍ପିଟାଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନୀତି ଆୟୋଗ ଦ୍ୱାରା ଆକାଂକ୍ଷା ଜିଲା ପାଇଁ ଆସୁଥିବା ଅର୍ଥରାଶି ଉପରେ ଷଡ଼ଙ୍ଗୀ ଆଲୋଚନା ବେଳେ ଗୁରୁତ୍ୱ ଦେଇଥିଲେ। ସେ ଗୋବିନ୍ଦପାଲି, ଉଦୁଲିବେଡା, ପାଣ୍ଡ୍ରିପାଣି, କାଲିମେଳା, କାଙ୍ଗୁରୁକୋଣ୍ଡା, ଗନ୍ଧିପାଲି, ଚିତ୍ରକୋଣ୍ଡା ଓ ବଡପଡା ଗସ୍ତକରି ୫–ଟି ବିଦ୍ୟାଳୟ, ମନ୍ଦିର, ଆମ ବ୍ୟାଙ୍କ ଏବଂ ବିଭିନ୍ନ ଜୀବିକା ମିଶନ ପ୍ରକଳ୍ପର ସମୀକ୍ଷା କରିଥିଲେ। ବୈଠକରେ ମାଲକାନଗିରି ଜିଲାପାଳ ବିଶାଳ ସିଂ ବିଭିନ୍ନ ଆକାଂକ୍ଷା ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଉପଜିଲାପାଳ ଡ.ଅକ୍ଷୟ ଖେମୁଣ୍ଡୁ ଉପସ୍ଥିତ ଥିଲେ। ଏହି ଅବସରରେ ଷଡଙ୍ଗୀ ପାଠାଗାରରେ ପ୍ରତିଷ୍ଠା ହୋଇଥିବା ଲକ୍ଷ୍ୟ କୋଚିଂ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ଏହି କୋଚିଂ ସେଣ୍ଟର ନୀତି ଆୟୋଗ ଦ୍ୱାରା ଆକାଂକ୍ଷା ଜିଲାକୁ ମିଳିଥିବା ଅର୍ଥରେ ଆରମ୍ଭ କରାଯାଇଛି। ଏଠାରେ ଯୁବଗୋଷ୍ଠୀଙ୍କୁ ଓପିଏସ୍‌ସି, ରେଲୱେ, ବ୍ୟାଙ୍କିଙ୍ଗ୍, ଡାକସେବା, ସିଜିଏଲ୍ ଆଦି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଉଛି। କେନ୍ଦ୍ରରେ କମ୍ପ୍ୟୁଟର ଶିକ୍ଷା, ବୃତ୍ତି ଚୟନ, ବ୍ୟକ୍ତିତ୍ୱ ବିକାଶ ଲାଗି ପ୍ରଶିକ୍ଷଣ ଓ ପାଠାଗାରର ସୁବିଧା ରହିଛି।


ପ୍ରକଳ୍ପ ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ମରୁଡ଼ି ଘୋଷଣା ଦାବିରେ ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

କାଲିମେଳା, ୩।୧୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲାରେ ଚଳିତ ବର୍ଷ କମ୍ ବର୍ଷା ଯୋଗୁ କେନାଲ ପାଣି ସଠିକ୍ ଭାବେ ଜମିରେ ପହଞ୍ଚି ନ ପାରିବାରୁ ଅଞ୍ଚଳରେ ମରୁଡି ପରିସ୍ଥିତି ଉତ୍କଟତର ହୋଇଛି। ପାଣି ନ ପାଇ ଚାଷ ଜମିଗୁଡିକ ଫାଟି ଆଁ କଲାଣି। ଋଣ କରି ଚାଷ କରୁଥିବା ହଜାର ହଜାର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେଣୁ କାଲିମେଳା ବ୍ଲକ୍‌କୁ ମରୁଡ଼ି ଘୋଷଣା କରାଯିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ଏଥିସହିତ ଟାଟା ପାୱାରର ମନମୁଖୀ ଶାସନ ଏବଂ ବ୍ଲକରେ ପିସି କାରବାର ବନ୍ଦ କରିବାକୁ ନେଇ ଶୁକ୍ରବାର ମାଲକାନଗିରି ଜିଲା ଭାଜପା ନେତୃତ୍ୱରେ କାଲିମେଳା ଭାଜପା ପକ୍ଷରୁ ବ୍ଲକ ଘେରାଉ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା, କର୍ମୀ ସାଧାରଣ ଜନତା ଓ ଚାଷୀଙ୍କ ସହ ମିଶି କାଲିମେଳା ହାଟପଦାଠାରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ବିଜେଡି ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ଧାରଣା ଦେଇଥିଲେ। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କରଙ୍କ ଜରିଆରେ ରାଜ୍ୟପାଳ ଉଦ୍ଦେଶ୍ୟରେ ୪ ଦଫା ଦାବିପ୍ରଦାନ ପ୍ରଦାନ କରିଥିଲେ।

ଉକ୍ତ ଦାବି ମଧ୍ୟରେ କାଲିମେଳା ବ୍ଲକର ୨୩ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବା, ଚାଷୀମାନେ ନେଇଥିବା ଋଣ ଛାଡ଼, ଆମ ଅଞ୍ଚଳକୁ ସମ୍ପୂର୍ଣ୍ଣ ରୂପେ ଜଳସେଚନର ବ୍ୟବସ୍ଥା କରିବା ସହ ଫସଲ ବୀମା ଚାଷୀଙ୍କୁ ପ୍ରଦାନ କରାଯାଉ ବୁଲି ଚାଷୀମାନେ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଚାଷୀ ଆନ୍ଦଳନ ତୀବ୍ର ରୂପ ନେବ ବୋଲି ଭାଜପା ନେତାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କାଲିମେଳା ବ୍ଲକ ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀଙ୍କ ନେତୃତ୍ୱରେ ଭାଜପା ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ଏସ୍. ସି. ମୋର୍ଚ୍ଚାର ସଭାପତି ଉତ୍ତମ ରାୟ, ଏସ୍. ଟି. ମୋର୍ଚ୍ଚାର ସାଧାରଣ ସମ୍ପାଦକ ନରସିଂହ ମାଡକାମୀ, ମାଲକାନଗିରି ନିର୍ବାଚନ ମଣ୍ଡଳୀର ସଂଯୋଜକ ନିହାର ରଞ୍ଜନ ରାୟ, ପୂର୍ବତନ ଜିଲା ପରିଷଦ ପ୍ରମିଳା ଦାସ, ପୂର୍ବତନ ଜଲା ପରିଷଦ ସଭ୍ୟ ସମୀର ମିସ୍ତ୍ରୀ, ସାଧାରଣ ସମ୍ପାଦକ ଗଙ୍ଗାଧର ସୋଡ଼ୀ, ବିଧାୟକ ପ୍ରତିନିଧି ରାଜକିଶୋର ମଣ୍ଡଳ, ପୂର୍ବତନ ସରପଞ୍ଚ ବଜା ମାଡକାମିଙ୍କ ସମେତ ଶତାଧିକ ମହିଳା, ପୁରୁଷ ଶୁଖିଲା ଧାନ ଗଛ ନେଇ ବିଡ଼ିଓଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଥିଲେ । ପୋଲିସର ବାରଣ ସତ୍ତ୍ୱେ ଆନ୍ଦୋଳନକାରୀ ବ୍ଲକ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ।



ଭାଜପା କର୍ମୀ ଓ ଚାଷୀମାନେ ଶୁଖିଲା ଧାନ ଗଛ ଧରି ପ୍ରତିବାଦ କରୁଛନ୍ତି।

# ହେମଲେଟ୍



ଡେନ୍ମାର୍କଠାରୁ କିଛି ଦୂରରେ ଏକ ସୁନ୍ଦର ରାଜ୍ୟ ଥିଲା। ସେଠାରେ ହେମଲେଟ୍ ନାମକ ଜଣେ ରାଜା ଥିଲେ। ସେ ଜଣେ ସୁନ୍ଦରୀ ରାଜକୁମାରୀଙ୍କୁ ବିବାହ କରିଥିଲେ। ଦୁହେଁ ପରସ୍ପରକୁ ବହୁତ ଭଲପାଉଥିଲେ। ପରସ୍ପର ନିଜ ଜୀବନକୁ ତ୍ୟାଗ କରିବାକୁ ପ୍ରସ୍ତୁତ। ବିବାହ ପରେ ରାଣୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତା'ର ନାମ ରାଜକୁମାର ହେମଲେଟ୍। ପିଲାଟିଦିନରୁ ହେମଲେଟ୍ ତାଙ୍କ ବାପା ମା'ଙ୍କୁ ବହୁତ ଭଲପାଉଥିଲେ। ରାଜା ହେମଲେଟ୍ଙ୍କର ସାନ ଭାଇ ହେଉଛନ୍ତି କ୍ଲାଉଡିୟସ୍।

## ଅନୁବାଦ ଗଳ୍ପ

ମୂଳ ଇଂରାଜୀ : ୱିଲିୟମ୍ ସେକ୍ସପିୟର
ଅନୁସୃଜନ– ଲଳିତ ମୋହନ ମିଶ୍ର

ସେ ରାଜପରିବାର ସହିତ ରହୁଥିଲେ। ପରିବାରର ସମସ୍ତ ସଦସ୍ୟ ଖୁସିରେ ଜୀବନ ବିତାଉଥିଲେ। ମହାରାଜ ହେମଲେଟ୍ଙ୍କ ରାଜ୍ୟରେ ସୁଖ ସମୃଦ୍ଧି ବୃଦ୍ଧି ଘଟୁଥିଲା। ପ୍ରଜାମାନଙ୍କ ବିକାଶ ପାଇଁ ରାଜା ଅନେକ ଉନ୍ନତିମୂଳକ କାର୍ଯ୍ୟ କରୁଥିଲେ। ଏହି କାରଣରୁ ପ୍ରଜାମାନେ ଏଭଳି ରାଜାଙ୍କୁ ପାଇ ନିଜକୁ ଧନ୍ୟ ମନେକରୁଥିଲେ।

ହଠାତ୍ ଦିନେ ଏକ ଭୟଙ୍କର ବିପତ୍ତି ଆସିଲା। ରାଜା ହେମଲେଟ୍ଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେବାରୁ ରାଜା ସ୍ୱର୍ଗାରୋହଣ କଲେ। ଏହି କଥା ରାଜାଙ୍କ ସାନ ଭାଇ କ୍ଲାଉଡିୟସ୍ଙ୍କ ବ୍ୟତୀତ ଆଉ କେହି ସେ ମୃତ୍ୟୁ ବିଷୟରେ ଜାଣି ନ ଥିଲେ। ସମସ୍ତଙ୍କ ଆଖିରେ ଲୁହ ଭରି ଯାଇଥିଲା। ରାଜ୍ୟରେ ଘୋଷଣା ହେଲା, ଏକ ବିଷାକ୍ତ ସାପ ମହାରାଜ ହେମଲେଟ୍ଙ୍କୁ କାମୁଡ଼ି ଦେବା ଫଳରେ ରାଜା ସେଠାରେ ଟଳିପଡ଼ିଲେ। ମହାରାଜଙ୍କ ମୃତ୍ୟୁ ଖବର ପ୍ରଜାମାନଙ୍କ ଉପରେ ଗଭୀର ରେଖାପାତ କଲା। ଏହାକୁ ନେଇ ସମଗ୍ର ରାଜ୍ୟରେ ଶୋକର ଲହରି ଖେଳିଗଲା। ଏହି ବିପତ୍ତିରେ ସବୁଠାରୁ ବେଶୀ ପ୍ରଭାବିତ ହେଲେ ରାଜକୁମାର ହେମଲେଟ୍। ସେ ତାଙ୍କ ବାପାଙ୍କୁ ବହୁତ ଭଲ ପାଉଥିଲେ। ତାଙ୍କର ଅଧିକାଂଶ ସମୟ ବାପାଙ୍କ ସହିତ କଟୁଥିଲା। ବାପାଙ୍କ ବିୟୋଗରେ ତାଙ୍କ ଛୋଟ ହୃଦୟଟି ସମ୍ପୂର୍ଣ୍ଣ ଭାଙ୍ଗିଗଲା। ତାଙ୍କ ଆଖିରୁ ସଦା ଲୋତକ ଝରୁଥିଲା। ଏମିତି ଲାଗୁଥିଲା ଭୋକ ଶୋଷ ଓ ନିଦ ତାଙ୍କର ସଦାସର୍ବଦା ହଜିଗଲା ପରି। ବାପାଙ୍କ ମୃତ୍ୟୁ ଅଚାନକ ଘଟିବା କୌଣସି ପ୍ରକାରେ ତାଙ୍କୁ ବୁଝିବା କଷ୍ଟକର ହୋଇ ପଡୁଥିଲା। କିନ୍ତୁ ମଧ୍ୟରାତ୍ରିରେ ସେ ବିଛଣାରୁ ଉଠି ବାପାଙ୍କୁ ଡାକିଥିଲେ। ସେହିଭଳି ଦୁଇ ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ହୃଦୟ, ମନରେ ବାପାଙ୍କ ଛାପ ସତେଜ ରହିଥିଲା। ବାପାଙ୍କୁ ସେ ଗୋଟିଏ ମୁହୂର୍ତ୍ତ ବି ଭୁଲି ପାରୁ ନ ଥିଲେ। ସେ ନିଜ କକ୍ଷକୁ ଯାଇ ବାପାଙ୍କୁ ମନେପକାଇ ଘଣ୍ଟାଘଣ୍ଟା କାନ୍ଦୁଥିଲେ। ବେଳେବେଳେ ସେ ନିଜକୁ ନିୟନ୍ତ୍ରଣ କରିପାରୁ ନ ଥିଲେ। ଦିନେ ଏକ ଖବର ଶୁଣି ସେ ଆଶ୍ଚର୍ଯ୍ୟ ହୋଇଗଲେ। ମହାରାଜ ହେମଲେଟ୍ଙ୍କୁ ଏତେ ଭଲ ପାଉଥିବା, ତାଙ୍କ ପାଇଁ ସବୁକିଛି ତ୍ୟାଗ କରୁଥିବା ମା' କାକା କ୍ଲାଉଡିୟସଙ୍କୁ ବିବାହ କରିଥିଲେ। ମା' ତାଙ୍କୁ ଏ ବିଷୟରେ କିଛି କହିବା ଉଚିତ୍ ମନେକରି ନଥିଲେ। ସବୁ କାମ ଅତ୍ୟନ୍ତ ଗୁପ୍ତ ଢଙ୍ଗରେ ସମ୍ପନ୍ନ ହୋଇଥିଲା। ଏହି ବିବାହ ଅସଙ୍ଗତ। ରାଣୀ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି ଥିବା ବେଳେ କ୍ଲାଉଡିୟସ୍ ଜଣେ ଅସୁନ୍ଦର ବ୍ୟକ୍ତି। ତାଙ୍କ ଭିତରେ ସେମିତି ବିଶେଷ ଗୁଣ କିଛି ନ ଥିଲା। ସରଳ ଭାଷାରେ କହିବାକୁ ଗଲେ ସେ କୌଣସି ପ୍ରକାରେ ରାଣୀ ଓ ସିଂହାସନ ପାଇଁ ଯୋଗ୍ୟ ନଥିଲେ। ଏହା କିନ୍ତୁ କେବଳ ରାଜକୁମାର ହେମଲେଟ୍ ହିଁ ବୁଝିପାରିଥିଲେ। ରାଣୀ ଏଥିପ୍ରତି ଆଖି ବୁଜି ଦେଇଥିଲେ। ରାଣୀ ଖୁବ୍ ଶୀଘ୍ର ଏହି ବିବାହ ପାଇଁ ଅନୁମତି ଦେଇଥିଲେ, ଯାହା ରାଜକୁମାର ହେମଲେଟ୍ଙ୍କୁ ସବୁଠାରୁ ଅଧିକ ବ୍ୟଥିତ କରିଥିଲା। ଦୁଇ ମାସ ତଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା ଏବଂ ତାଙ୍କ ମା' ପୁନର୍ବିବାହ କରିଥିଲେ। ବାପାଙ୍କ ପ୍ରତି ମା'ଙ୍କର ଭଲପାଇବା ଏବଂ ତାଙ୍କର ସମର୍ପଣ କିପରି ଏତେ ଶୀଘ୍ର ଲୋପ ପାଇଗଲା ତାହା ହେମଲେଟ୍ଙ୍କୁ ଚିନ୍ତାରେ ପକାଇଥିଲା।

ଦିନେ ରାଜକୁମାର ହେମଲେଟ୍ ନିଜ କୋଠରିରେ ବସି କିଛି ଚିନ୍ତା କରୁଥିଲେ। ହଠାତ୍ ତାଙ୍କ ମନରେ ଆସିଲା 'ଏହି ବିବାହ ପଛରେ କିଛି ଷଡ଼ଯନ୍ତ୍ର ଅଛି?' ସେ ସମସ୍ତ ବିଷୟରେ ଚିନ୍ତା କରିବାକୁ ଲାଗିଲେ। ସାପ କାମୁଡ଼ା ବିଷୟରେ କେବଳ କ୍ଲାଉଡିୟସ୍ ଜାଣିଥିଲେ। କିଛି ଦିନ ପରେ ସେ ମା'ଙ୍କୁ ବିବାହ କଲେ। ମହାରାଜଙ୍କ ମୃତ୍ୟୁ ପଛରେ ଏହି ଦୁଇ ଜଣଙ୍କ ହାତ ଅଛି ବୋଲି ସେ ଅନୁମାନ କଲେ। ସିଂହାସନ ଲୋଭ ହିଁ ଭଲକୁ ଖରାପ କରିବାକୁ ବାଧ୍ୟ କରେ। ରାଜକୁମାର ହେମଲେଟ୍ ଯେତେ ଅଧିକ ଚିନ୍ତା କଲେ, ସେତିକି ସେତିକି ରହସ୍ୟରେ ଫସିଗଲେ। ଦିନେ ରାଜକୁମାର ହେମଲେଟ୍ ବଗିଚାରେ ବୁଲୁଥିବା ବେଳେ ଜଣେ ଜଗୁଆଳ ଆସି ଭୟରେ କହିଲେ– ରାଜକୁମାର ହେମଲେଟ୍! କିଛିଦିନ ହେବ ମୁଁ ମହାରାଜଙ୍କୁ ମହଲରେ ଦେଖୁଛି। ଅବଶ୍ୟ ଏହା ତାଙ୍କର ଆତ୍ମା କି ପ୍ରେତାତ୍ମା କହିପାରିବି ନାହିଁ। ମୁଁ କିନ୍ତୁ ତିନିଦିନ ଧରି ଦେଖୁଛି। ତାଙ୍କର ଗତିବିଧିରୁ ଅନୁମାନ କରୁଛି, ସେ କାହାକୁ ଖୋଜୁଛନ୍ତି। ରାଜକୁମାର ହେମଲେଟ୍ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ସେ ଜାଣି ଖୁସି ହେଲେ ଯେ ତାଙ୍କ ପିତାଙ୍କ ଆତ୍ମା ଏବେ ବି ରାଜପ୍ରାସାଦରେ ଅଛି। ରାଜକୁମାର ସେହିଦିନ ରାତିରେ ତାଙ୍କ ପିତାଙ୍କୁ ଭେଟିବାକୁ ସ୍ଥିର କଲେ। ମଧ୍ୟରାତ୍ରି ହୋଇଗଲାଣି, ରାଜକୁମାରଙ୍କ ଆଖିରୁ ନିଦ ଦୂରେଇ ଯାଇଛି। ଠିକ୍ ସେତିକିବେଳେ ରାଜପୋଷାକ ପିନ୍ଧିଥିବା ଛାୟା ଧୀରେ ଧୀରେ ତାଙ୍କ ଆଡ଼କୁ ଆସୁଥିବାର ଦେଖିଲେ। ରାଜକୁମାର ହେମଲେଟ୍ ସଙ୍ଗେ ସଙ୍ଗେ ତାଙ୍କ ବାପାଙ୍କୁ ତାଙ୍କ ଗତିବିଧି ଓ ପୋଷାକକୁ ଚିହ୍ନିପାରିଲେ। ଚନ୍ଦ୍ରର ଆଲୋକରେ ସେଗୁଡ଼ିକ ତାଙ୍କୁ ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ପିତୃଦେବ... କହି ସେ ତାଙ୍କ ଆଡ଼କୁ ଗଲାବେଳେ ଛାୟାମୂର୍ତ୍ତି ତାଙ୍କୁ ଏକ ନିଛାଟିଆ କୋଣ ଆଡ଼କୁ ନେଇଗଲେ। ମୁହୂର୍ତ୍ତକ ପାଇଁ ରାଜକୁମାର ହେମଲେଟ୍ଙ୍କ ମୁହଁରୁ ଝାଳ ବୋହିଗଲାଣି। ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ବାପା... ଆପଣ ଏମିତି ବେଶରେ ଭୂତ ହୋଇ ବୁଲୁଛନ୍ତି?' ସେ କହିଲେ– ତୁମେ ଭୟ କର ନାହିଁ, ମୁଁ ତୁମର ପିତା। ରାଜକୁମାରଙ୍କ ମନରୁ ଭୟ ଦୂର ହୋଇଗଲା। ଛାୟା ଏକ କୋଣରେ ପହଞ୍ଚି ଆଖି ଉଠାଇ ଚାରିଆଡ଼େ ଚାହିଁଲା। ପ୍ରଥମ ଶବ୍ଦ କହିଲେ– ମୋର ପ୍ରିୟ ପୁତ୍ର... ମୁଁ ସିଏ...। ଦୀର୍ଘ ସମୟ ପରେ ବାପାଙ୍କ ସ୍ନେହଭରା କଣ୍ଠସ୍ୱର ଶୁଣି ରାଜକୁମାରଙ୍କ ଆଖିରେ ଲୁହ ଆସିଯାଇଥିଲା। ନିଜକୁ ନିୟନ୍ତ୍ରଣ କରି କହିଲେ, ''ବାପା, ଆପଣ କାହିଁକି ଏମିତି ବୁଲୁଛନ୍ତି? ମୋତେ କୁହନ୍ତୁ, ଆପଣ କ'ଣ ପାଇଁ ଏତେ ଚିନ୍ତିତ? ଏହା କ'ଣ, ଯାହା ଆପଣଙ୍କ ମୁକ୍ତିରେ ବାଧା ସୃଷ୍ଟି କରୁଛି?'' ଛାୟା ଧୀରେ ଧୀରେ କହିଲା– ପୁତ୍ର... ଏ ସବୁର କେବଳ ଗୋଟିଏ କାରଣ ଅଛି ଏବଂ ତାହା ହେଉଛି ମୋର ରହସ୍ୟମୟ ହତ୍ୟାକାଣ୍ଡ। ଏ ବିଷୟରେ ତୁମକୁ କହିବା ପାଇଁ ଏତେଦିନ ଧରି ବୁଲୁଥିଲି। ଏହାର ରହସ୍ୟ ଉନ୍ମୋଚନ ହେଲେ ହିଁ ମୁଁ ଶାନ୍ତି ପାଇବି।

ମୋ: ୯୪୩୭୯୮୫୮୬୬

## କବିତା

### ହୃଦପଦ

ସନ୍ନ୍ୟାସୀ ନାୟକ

ନିଜ ପାଇଁ
ମୁଁ ନିଜେ ଲେଖୁଅଛି
ଜୀବନର ଦୁଃଖ ଗୀତ,
ଲେଖୁଥାଏ ବୋଲି
ଆଜି ବି ବଞ୍ଚିଛି
ଶୁଣିଯା'ରେ ମିତ!

ଲେଖିଦେଲି ସବୁ
ଯନ୍ତ୍ରଣାର ଗାଥା
ହାଲୁକା ଲାଗୁଛି ମନ,
ଅନ୍ଧାର ରାତିରେ
କେତେ ଲୁହ ବହେ
ହିସାବ ରଖିଛି ଜହ୍ନ।

ଅହରହ ଭାବେ
ଜଳୁଛି ଜଳିବି
ତୁମ ପାଇଁ କାଳେକାଳେ,
ପାଉଁଶ ଗଦାରେ
ଆଜି ବି ହୃଦୟ
ଦିକିଦିକି ହୋଇ ଜଳେ।

ଅପେକ୍ଷା କରିଛି
ଦିନେ ନା ଦିନେ
ଫେରି ଆସିଯିବ କାଳେ,
ଉପଶମ ହେବ
ଯନ୍ତ୍ରଣାର ଜ୍ୱାଳା
ଏ ଦେହ ଦେଉଳ ତଳେ।

ମୋ: ୯୪୩୭୩୫୨୫୬୦

### ଅବ୍ୟକ୍ତ ବ୍ୟଥା

ବର୍ଷାରାଣୀ ମହାମଲ୍ଲିକ

ଏବେ ଯେବେ ପଡ଼ିଯାଏ ଏକା
ନିର୍ବିକାର ରୁହେ ମୁଁ
ସବୁ ଲାଗେ ମିଛ,
ଧୀରେ ଧୀରେ ଅଭ୍ୟାସ ପଡ଼ିଯାଏ
ସମୟ ସହିତ
ବଞ୍ଚିବାଟା ବି ଖୁବ୍ ବଡ଼ କଳା
ତାଳ ଦେଇ ସ୍ଥିତିର ସହିତ।

ନା ସହିହୁଏ ନା କରିହୁଏ
ନା ବଦଳେଇ ହୁଏ ନିଜକୁ,
ଅସହାୟ ଅର୍ଦ୍ଧଗିଳା ବେଙ୍ଗ
ମୁକ୍ତି ପାଇଁ ବୃଥା ପ୍ରୟାସ କରେ
ନିର୍ଦ୍ଦୟ ଅହିର ଭୋକିଲା ପାଟିରେ
ଆର୍ତ୍ତ ଚିତ୍କାର, ଯାହା ତାକୁ ଖାଲି ଶୁଭେ।

ଜୀବନଟା ଦ୍ରୁତ ରେଳଗାଡ଼ି
ଧରି ରଖି ହୁଏ ନାହିଁ,
ଜୀବନଟା ଦୂବଘାସ
କିଏ କେତେ ଆସି ଛିଣ୍ଡାଇ ଦିଅନ୍ତି
ଅବସୋସ କିନ୍ତୁ ନ ଥାଏ ତା'ର
ବଢ଼େ ପୁଣି ଛିଣ୍ଡେ
ପ୍ରକୃତି ତା'ର ସାକ୍ଷୀ।

କାଳିମାର ବହଳ ବେଳାରେ
ଯେବେ ଆସେ ସିଏ ଅବେଳାରେ ପଶି,
ହସ ଝରେ, ଦିଶେ ସିନା
ଲୁହ ଝରେ ଅନ୍ତରରେ ଲୁଚିଲୁଚି ବସି।
ବ୍ୟଥା ଯେତେ ହୁଏ ନାହିଁ କହି
ବ୍ୟାପିଥାଏ ଦେହସାରା
ପାରେ ନାହିଁ ଖସି।

ମୋ: ୮୨୬୦୬୫୯୩୩୨

ଗୀତି–କବିତା

### ପରମ ଅତିଥି

ଜୟନ୍ତୀ ସାହୁ

ଅଗୁରୁ ଚନ୍ଦନ ତୁଳସୀ ମହକ
ନିରୀଜନ ନିଶୀଥରେ
ତମ ଦିବ୍ୟ ରୂପ ଦେଖିଥିଲି କ୍ଷଣେ
ତନ୍ଦ୍ରାଭିଜା ନୟନରେ।

ସକାଳରୁ ସଞ୍ଜ ସଞ୍ଜରୁ ସକାଳ
ଖୋଜୁଛି ମୁଁ ସଦା ବସି
ଅସରା ଲୁହକୁ ସାଇତି ରଖିଛି
ପାଦ ଧୋଇଦେବି ହସି।

ନିର୍ମଳ ରଖିଛି ହୃଦୟର ବେଦୀ
ଅମ୍ଳାନ ପୁଷ୍ପ ମୋ' ମନ
ପ୍ରୀତିର ପରାଗ ଝରାଇ କରୁଛି
ଅନ୍ତରେ ମୋ' ନିବେଦନ।

ସତେ କି ଆସିବ ପରମ ଅତିଥି
ବ୍ୟଥା ବେଦନାକୁ ଭେଦି
କି ଦେବି ତୁମକୁ ପାପ ପୁଣ୍ୟ ମୋର
ଏକାନ୍ତରେ ସଅଁପିବି।

ମୋ: ୮୦୯୩୪୮୬୬୭୪

## କାଳକାଳକୁ



**''ଜଣେ ଲେଖକର ଉଦ୍ଦେଶ୍ୟ ହେଉଛି ଆତ୍ମଘାତୀ ସଭ୍ୟତାକୁ ରକ୍ଷାକରିବା।''**
**– ଆଲ୍‌ବର୍ଟ କାମ୍ୟୁ**

**ଆଲ୍‌ବର୍ଟ କାମ୍ୟୁଙ୍କ** ଜନ୍ମ ୭ ନଭେମ୍ବର ୧୯୧୩ରେ ଓ ମୃତ୍ୟୁ ୪ ଜାନୁୟାରୀ ୧୯୬୦ରେ, ଫ୍ରାନ୍ସରେ। ଏକାଧାରରେ ଲେଖକ, ସାମ୍ବାଦିକ, ଦାର୍ଶନିକ ଓ ରାଜନୈତିକ କର୍ମୀ ଏହି ଲେଖକଙ୍କର ପ୍ରବନ୍ଧ ପୁସ୍ତକ ମଧ୍ୟରୁ କେତୋଟି ହେଲା– ଦ' ଷ୍ଟ୍ରେଞ୍ଜର୍, ଦ' ପ୍ଲେଗ୍, ଦ' ମିଥ୍ ଅଫ୍ ସିସିଫସ୍, ଦ' ଫଲ୍ ଓ ଦ' ରିବେଲ୍। ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମାତ୍ର ୪୬ ବର୍ଷ ବୟସରେ ମୃତ୍ୟୁବରଣ କରିବା ପରେ ତାଙ୍କର ଆଉ ଦୁଇଟି ଗ୍ରନ୍ଥ 'ଏ ହ୍ୟାପି ଡେଥ୍' ଓ 'ଦ ଫାଷ୍ଟ୍ ମ୍ୟାନ୍' ପ୍ରକାଶ ପାଇଥିଲା। କାମ୍ୟୁ ହେଉଛନ୍ତି ଦ୍ୱିତୀୟ କନିଷ୍ଠ ସାହିତ୍ୟିକ, ଯେ କି ୧୯୫୭ରେ ମାତ୍ର ୪୪ ବର୍ଷ ବୟସରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିଲେ। ସେ କହନ୍ତି: ''ମୋ' ଆଗରେ କେହି ଚାଲ ନାହିଁ, ମୁଁ କାହାକୁ ଅନୁସରଣ କରି ନପାରେ; ମୋ' ପଛରେ କେହି ଚାଲ ନାହିଁ, ମୁଁ କାହାକୁ ନେତୃତ୍ୱ ଦେଇ ନପାରେ; ମୋ' ପାଖେ ପାଖେ ଚାଲ, ମୋର ବନ୍ଧୁ ହୁଅ!'' ଆହୁରି କହନ୍ତି: ''କାହାଣୀ ହେଉଛି ମିଛ, ଯାହା ମାଧ୍ୟମରେ ଆମେ ସତ କହୁଁ।'' କହନ୍ତି ବି– ''ମୋ' ହାତରେ ସମୟ ଖୁବ୍ କମ୍, ସେତକ ମୁଁ ଈଶ୍ୱରଙ୍କ ପିଛା ନଷ୍ଟ କରିପାରିବି ନାହିଁ।''

## କାନ୍ଥ

ନରେନ୍ଦ୍ର ସେଠୀ

ମିନି ଗଳ୍ପ

ଏବେ ମାଟି ବଦଳରେ ବାଲି ସିମେଣ୍ଟର ପଲସ୍ତରା କାନ୍ଥ। ଆମେ ଗଢ଼ିସାରିଲୁ ଇଟା ତିଆରି କାନ୍ଥ ଆମ ଭିତରେ। ସେଠି ଲେଖିବା ମନା। କିନ୍ତୁ ଏଇଠି ମାଟି କାନ୍ଥଟିଏ ଥିଲା। ସେ କାନ୍ଥରେ ଆମେ ଲେଖିଥିଲୁ କେତେ କଥା, ଯାହା ଆସୁଥିଲା ମନକୁ। ଗୋଲେଇ, ତ୍ରିଭୁଜ, ଆମ୍ବ ଓ ଆଦିମ ମାନବ। ଗଛ, ମେଣ୍ଢା, ଗାଈ ଓ ପାହାଡ଼ ଭିତରେ ବୁଡ଼ିଯିବାର ସୂର୍ଯ୍ୟ। ଅ...ଆ...ଇ, କ...ଖ, ଏ...ବି...ସି...ଡି...। ପ୍ରଥମ ସିଲଟ ଥିଲା ସେ କାନ୍ଥ। ଛବି ବହିର ଚିତ୍ର ଛପୁଥିଲା କାନ୍ଥ ଦେହରେ। ମାଣବସାରେ ଅରୁଆ ଚାଉଳ ବାଟି ବୋଉ ଆଙ୍କୁଥିଲା କାନ୍ଥରେ ଧାନକେଣ୍ଡା, କଳସ, ପଇଡ଼, ପଦ୍ମଫୁଲ। ବଡ଼ ଭଉଣୀର ବାହାଚିତା, ଶାରୀ କାନ୍ଧେଇ ବୋହି ନେଇ ଯାଉଥିବା ଟିକିଟିକି ମଣିଷ, ଆମ୍ବପତ୍ର, କଦଳୀ ଗଛ, ହାତଗଣ୍ଠି ସବୁ ଥିଲା ଏଇ କାନ୍ଥରେ। ଆଉ ସେ କାନ୍ଥ ନାହିଁ।

ମୋ: ୭୦୦୪୦୬୮୧୧୦



## ପୁସ୍ତକ ପରିଚୟ

### କାବ୍ୟଲୋକ



**ସମୟର ଶଙ୍ଖନାଦ**
**ସମ୍ପାଦକ: ଭିକାରୀ ଧଳ**
**୧/୮ ଡିମାଇ ସାଇଜ୍, ପୃ: ୩୨୮, ମୂଲ୍ୟ: ଟ.୧୬୦/–**

ଆଧୁନିକ କବିତା/ ସାହିତ୍ୟ ପ୍ରତି ସଂଶୟାଚ୍ଛନ୍ନ ସମ୍ପାଦକ ତାଙ୍କ ସମ୍ପାଦକୀୟରେ, କିନ୍ତୁ ଏହାର ନିରାକରଣର ଉପାୟ ସେ ବତାଇ ନାହାନ୍ତି। ତେବେ ସମସ୍ୟାଟି ପ୍ରଣିଧାନର ବିଷୟ। ଆଦ୍ୟପୃଷ୍ଠା, କାବ୍ୟାନୁଭବ, କାବ୍ୟ ଆଲୋଚନା, ବିମୁଗ୍ଧ ବାଙ୍ମୟତା, କାବ୍ୟ ବ୍ୟକ୍ତିତ୍ୱ, ଗୀତି କବି ଓ କବିତା ଆଦି ବିଭାଗରେ ବହୁ ପ୍ରବୀଣ ଓ ନବୀନ ଲେଖକଙ୍କୁ ନେଇ ପତ୍ରିକାଟି ସମୃଦ୍ଧ। ପ୍ରଚ୍ଛଦରେ ଅଛି ନୂତନତା।

### ବିଶ୍ୱମୁକ୍ତି



**ସମ୍ପାଦକ: ଶଶାଙ୍କ ଚୂଡ଼ାମଣି**
**୧/୪ ସାଇଜ୍, ପୃ: ୨୦୦, ମୂଲ୍ୟ: ଟ.୧୨୦/–**

ସ୍ମୃତିର ଶୀର୍ଷକ, ପ୍ରବନ୍ଧ, ସାମ୍ପ୍ରତିକ, ବ୍ୟକ୍ତିତ୍ୱ, ଜୀବନୀ, ଗଳ୍ପ, କଥାବାର୍ତ୍ତା, କର୍ପୋରେଟ୍ ସାକ୍ଷାତ୍କାର, କବିତା, ଗୀତି–କବିତା, ଅନୁବାଦ କବିତା ଓ ପୁସ୍ତକ ସମୀକ୍ଷାରେ ଏଇ ସମୟର ବହୁ କବି, ଲେଖକ ଓ ପ୍ରାବନ୍ଧିକଙ୍କୁ ସ୍ଥାନିତ କରିଛି 'ବିଶ୍ୱମୁକ୍ତି'। ସମ୍ପାଦକୀୟ ଓଡ଼ିଆ ସଂସ୍କୃତିକୁ ନେଇ। ଜନ୍ମକୁ ଶହେ ବର୍ଷ ପୂରୁଥିବା କଣ୍ଠଶିଳ୍ପୀ, ସଙ୍ଗୀତ ବିଶାରଦ ବାଳକୃଷ୍ଣ ଦାଶ ଓ ଅକ୍ଷୟ ମହାନ୍ତିଙ୍କ ସମ୍ପର୍କରେ 'ସ୍ମୃତିର ଶୀର୍ଷକ' ଲେଖାଟି ମନକୁ ଛୁଏଁ। ଆଉ ସବୁ ଯାହା ଯେମିତି, ଲେଖକଙ୍କ ଶକ୍ତିକୁ ନେଇ।

### ମନୀଷା



**ସମ୍ପାଦକ: ବୈକୁଣ୍ଠନାଥ ସାହୁ**
**୧/୪ ସାଇଜ୍, ପୃ: ୧୭୬, ମୂଲ୍ୟ: ଟ.୧୦୦/–**

ଏକ ଆଶାବାଦୀ ସମ୍ପାଦକୀୟ ସାଙ୍ଗକୁ ରହିଛି ସ୍ମୃତିରେ, ମୋ' ଜୀବନ ମୋ' ସାହିତ୍ୟ, ଗଳ୍ପ, ଅନୁବାଦ ସାହିତ୍ୟ, କବିତା; ଯେଉଁ କବିତା ମହକ ବୁଣେ, ନୂଆ କବିତାର ନକ୍ସା ଆଦି ବିଭାଗ। ପ୍ରଦୀପ ବିଶ୍ୱାଳଙ୍କ 'ଜୀବନର ଏକ ଭିନ୍ନ ବଳୟ: ଜୟନ୍ତ ମହାପାତ୍ର' ଓ ହୃଷୀକେଶ ମଲ୍ଲିକଙ୍କ ନୋବେଲ ବିଜେତା ଜନ୍‌ଫୋସେଙ୍କ ଉପରେ ଲେଖା 'ଯେଉଁ ଲେଖାରେ ଅନ୍ଧାର ପ୍ରଭାମୟ, ତା'ରି ଲେଖକ ଜନ୍‌ଫୋସେ' ଅନନ୍ୟ। ଅଜୟ ସ୍ୱାଇଁଙ୍କ କବିତା 'ଦୁଃଖ ଦୋହା'କୁ 'ନୂଆ କବିତାର ନକ୍ସା' କୁହାଯାଇଛି। ପରୀକ୍ଷା ନେବେ ପାଠକ।

### ମୌସୁମୀ



**ସମ୍ପାଦକ: ଶ୍ରୀଧର ସାମଲ**
**ଏ/୪ ସାଇଜ୍, ପୃ:୧୪୪, ମୂଲ୍ୟ: ଟ.୧୪୦/–**

ପ୍ରବନ୍ଧ, କବିତା, ଗୀତି–କବିତାର ସୋପାନ ସାଙ୍ଗକୁ ଅଛି ପୁସ୍ତକ ସମୀକ୍ଷା, ଭ୍ରମଣ କାହାଣୀ ଓ ଅନ୍ତରଙ୍ଗ ଆଳାପ। ବିଶିଷ୍ଟ ଲେଖକଙ୍କ ମଧ୍ୟରେ ଅଛନ୍ତି ବୈଷ୍ଣବ ଚରଣ ସାମଲ, ତ୍ରିନାଥ ପଟ୍ଟନାୟକ (ପ୍ରବନ୍ଧ), ହୃଷୀକେଶ ମଲ୍ଲିକ, ପୀତାମ୍ବର ତରାଇ, ଆଶୁତୋଷ ପରିଡ଼ା (କବିତା), ତରୁଣ କୁମାର ସାହୁ, ନନ୍ଦ କିଶୋର ପରିଡ଼ା (ଗଳ୍ପ)। ଶେଷରେ ରହିଛି ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ସହ ଏକ ସାକ୍ଷାତ୍କାର।

### ଯୁଗଶ୍ରୀ ଯୁଗନାରୀ



**ସମ୍ପାଦିକା: ମମତା ମହାପାତ୍ର**
**ଏ/୪ ସାଇଜ୍, ପୃ: ୨୫୮, ମୂଲ୍ୟ: ଟ.୮୦/–**

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସମ୍ପର୍କରେ ସମ୍ପାଦକୀୟ, ଯାହାର ମୁଣ୍ଡି ମରିଛି ମନୋଜ ଦାସଙ୍କ ମନ୍ତବ୍ୟ 'ତୁମ କରୁଣା ଭାଗବତ/ ସହସ୍ର ହୃଦେ ଉଜ୍ଜୀବିତ'ରେ। ପ୍ରବନ୍ଧ, ଗଳ୍ପ, ଅନୁବାଦ ଗଳ୍ପ, କବିତା, ଧାରାବାହିକ ଅନୁବାଦ, ଧାରାବାହିକ କବିତା, ଶିଶୁଗଳ୍ପ ଓ ନାଟକରେ ସମୃଦ୍ଧ ପତ୍ରିକାଟି। କଳେବର ତୁଳନାରେ ମୂଲ୍ୟ ଅନ୍ୟ ପତ୍ରିକା ଅପେକ୍ଷା କମ୍ ହେବା ପାଠକଙ୍କ କ୍ରୟଶକ୍ତି ଅନୁରୂପୀ ମନେହୁଏ।

### ସୃଜନ ସ୍ୱପ୍ନ



**ସମ୍ପାଦିକା: ଦେବଶ୍ରୀ ଧଳ (ଜେନା)**
**ଏ/୪ ସାଇଜ୍, ପୃ:୨୨୦, ମୂଲ୍ୟ: ଟ.୧୫୦/–**

ପତ୍ରିକାର ପ୍ରଚ୍ଛଦ ବ୍ୟତିକ୍ରମୀ ଓ ଆରମ୍ଭରୁ ପାଠକର ଆଖିରେ ପଡ଼େ। ପ୍ରଚ୍ଛଦରୁ ଖବରଟିଏ ମିଳେ ଯେ କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର କୋଶଲୀ ଅନୁବାଦ (ଅନୁବାଦକ ଶ୍ରୀଧର ବାଗ) ପ୍ରକାଶ ପାଇବାକୁ ଯାଉଛି। ସୃଜନ ସଂସ୍କୃତି, ସୃଜନ ସ୍ମୃତି ଅନୁଭୂତି, କାବ୍ୟ ସୃଜନ, ସୃଜନ ସମ୍ଭାର, କଥା ସୃଜନ, ଗୀତି ସୃଜନ, ଅନୁସୃଜନ, ସୃଜନ ସମୀକ୍ଷା ଆଦି ନାନା ବିଭାଗରେ ପତ୍ରକାଟି ସୁସମ୍ପନ୍ନ।

### ପଲକ



**ସମ୍ପାଦକ: ଶଶିକାନ୍ତ ଦାସ**
**ଏ/୪ ସାଇଜ୍, ପୃ: ୩୨୪, ମୂଲ୍ୟ: ଟ.୨୦୦/–**

ପତ୍ରିକାରେ ଅନେକ ପଲକ–ଯଥା: ପ୍ରବନ୍ଧ ପଲକ, କାହାଣୀ ପଲକ, ଗୀତି ପଲକ, କାବ୍ୟ ପଲକ, ଭ୍ରମଣ ପଲକ, ପ୍ରତିବେଶୀ ପଲକ, ସ୍ମୃତି ପଲକ, ସମୀକ୍ଷା ପଲକ ଓ ଶିଶୁ ପଲକ ଇତ୍ୟାଦି। ହରପ୍ରସାଦ, ହରିହର, ଫନୀ, ବଂଶୀଧର, ଆଶୁତୋଷ ଓ ହୃଷୀକେଶଙ୍କୁ ପତ୍ରିକାରେ ଭେଟିହୁଏ। କାହାଣୀରେ ବିଷ୍ଣୁ ସାହୁ, ଦୀପ୍ତି ରଞ୍ଜନ, ତରୁଣ କୁମାର ଓ କାଶୀନାଥ ନନ୍ଦୀ। ପ୍ରବନ୍ଧରେ ଅଛନ୍ତି ନିଖିଳାନନ୍ଦ ପାଣିଗ୍ରାହୀ ଓ ରାଧାଶ୍ୟାମ ରାଉଳ। ପ୍ରଚ୍ଛଦରେ ଅଛି ନୂଆ ଭାବନା।

### ବନଫୁଲ



**ସମ୍ପାଦକ: ରତ୍ନାକର ନାୟକ**
**୧/୮ ଡିମାଇ ସାଇଜ୍, ପୃ:୨୩୮, ମୂଲ୍ୟ: ଟ.୧୫୦/–**

ଅଲଗା କରି ପ୍ରଚ୍ଛଦକୁ ରୂପଦେବା ଓ ରୁଚି ଖଟାଇ ଲେଖା ଛପାଇବା ପତ୍ରିକାଟିର ସକାରାତ୍ମକ ଆଭିମୁଖ୍ୟକୁ ସୂଚାଏ। କାଳଜୟୀ କଥାରେ ରହନ୍ତି ଅଚ୍ୟୁତାନନ୍ଦ ପତି। କଥା, କବିତା, ଫିଚର୍, ପ୍ରବନ୍ଧ, ଗୀତି–କବିତା ଓ ପ୍ରତିବେଶୀ କଥାରେ ରହନ୍ତି ଜଣାଶୁଣା ବହୁ ଲେଖକ। ବହି କଥାରେ ରବି ସ୍ୱାଇଁ।

### ଆକଳନ



**ସମ୍ପାଦକ: ଡ. ଶଶଧର ଦାସ**
**୧/୪ କ୍ରାଉନ୍ ସାଇଜ୍, ପୃ:୧୬୦, ମୂଲ୍ୟ: ଟ.୧୨୦/–**

ଏହି ଆଲୋଚନାଧର୍ମୀ ପତ୍ରିକାଟିରେ ସମକାଳୀନ କେତେକ ପୁସ୍ତକର ଆକଳନ ସ୍ଥାନିତ। ଆକଳିତ ଲେଖକମାନେ ହେଲେ ମନୋଜ ଦାସ, ଜଗଦୀଶ ମହାନ୍ତି, ଶଶଧର ଦାସ, ରମେଶ ଦାସ, ଦୁର୍ଯ୍ୟୋଧନ ଦାସ, ନିତ୍ୟାନନ୍ଦ ମହାପାତ୍ର ଓ କମଳାକାନ୍ତ ଲେଙ୍କା; ଆକଳକମାନେ ହେଲେ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ବ୍ରହ୍ମାନନ୍ଦ ଖୁଣ୍ଟିଆ, ପ୍ରୀତିଲତା ପଣ୍ଡା, କୌଶିକ ନାୟକ, ବେଣୁଧର ପାଢ଼ୀ, ନନ୍ଦ ମହାନ୍ତି ଓ କାନନ ମହାନ୍ତି। ଏଥିସହ ରହିଛି ପୁସ୍ତକ ଆକଳନ।

### ଭାଗୀରଥୀ

**କବିତାର ଗଙ୍ଗା**
**ସମ୍ପାଦକ: ଭାଗୀରଥି ବେହେରା**
**ଏ/୪ ସାଇଜ୍, ପୃ:୧୫୦, ମୂଲ୍ୟ: ଟ.୨୦୦/–**



ଗଞ୍ଜାମ କବିତାଘର ଟ୍ରଷ୍ଟ ପକ୍ଷରୁ ପ୍ରକାଶ ପାଇଛି ଟ୍ରଷ୍ଟର ବାର୍ଷିକ ମୁଖପତ୍ର ଶାରଦୀୟ–୨୦୨୩। କାଳଜୟୀ ପୁରାତନ କବିତାରେ ଜଗନ୍ନାଥ ଦାସ, ମାର୍କଣ୍ଡ ଦାସ ଓ ସାଲବେଗଙ୍କ କବିତା ସହ ସମସମୟର ବହୁ ପାଚିଲା, କଞ୍ଚା ଲେଖିକାଲେଖକଙ୍କ ଲେଖାରେ ଭରପୂର ପତ୍ରିକାଟି।

# ମହିଳା ଫୁଟ୍‌ବଲ ଫାଇନାଲରେ ଓଡ଼ିଶା



ଓଡ଼ିଶା ଦଳର ଖେଳାଳିଙ୍କ ସହ ମେଣ୍ଟର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଅନ୍ୟମାନେ।

## ଜାତୀୟ କ୍ରୀଡ଼ା

### ଟାଇଟଲ ମୁକାବିଲାରେ ରବିବାର ମଣିପୁରକୁ ଭେଟିବ

ଭୁବନେଶ୍ୱର, ୩।୧୧

(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲରେ ଓଡ଼ିଶା ପେନାଲ୍ଟି ଶୁଟ୍ ଆଉଟ ୫-୪ ଗୋଲରେ ବେଙ୍ଗଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଓ ମଣିପୁର ମଧ୍ୟରେ ଫାଇନାଲ ୫ ତାରିଖରେ ଅନୁଷ୍ଠିତ ହେବ। ମ୍ୟାଚ ଆରମ୍ଭରୁ କଡ଼ା ଟକ୍କର ହୋଇଥିଲା। ଗୋଲ ଦେଇ ଅଗ୍ରଣୀ ନେବାକୁ ଉଭୟ ଦଳ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣକୁ ଜୋରଦାର କରାଯାଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧ ମ୍ୟାଚ ସ୍ୱାଭାବିକ ଭାବେ ରୋମାଞ୍ଚକ ହୋଇଥିଲା। ମାତ୍ର ନିର୍ଦ୍ଧାରତ ସମୟରେ ମ୍ୟାଚ ଗୋଲଶୂନ୍ୟ ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଓଡ଼ିଶାକୁ ଭାଗ୍ୟଦେବୀ ସହାୟ ହୋଇଥିଲେ ଏବଂ ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଓଡ଼ିଶା ପକ୍ଷରୁ ଜବାମଣି ଟୁଡୁ, ଅଧିନାୟିକା ସୁପ୍ରିୟା ରାଉତରାୟ, ପ୍ୟାରୀ ଖାଖା, ଗ୍ରେସ୍ ଲାଲରାମପରି ହୌହନର ଓ ଏସ୍. ଲିଣ୍ଡା କୋମ୍ ଗୋଲ ସ୍କୋର କରିଥିଲେ। ବେଙ୍ଗଲ ପକ୍ଷରୁ ସୁମିତ୍ରା ମାରାଣ୍ଡି, ଅଧିନାୟିକା ରତ୍ନା ହାଲଦାର, ଏନ୍‌ଗଙ୍ଗୋମ୍ ଆନିବାଲା ଦେବୀ ଓ ସୁଲଞ୍ଜନା ରାଉଳ ଗୋଲ ଦେବାରେ ସକ୍ଷମ ହୋଇଥିଲେ। କ୍ରିସ୍‌ପିନ୍ ଛେତ୍ରୀ ଓଡ଼ିଶା ଦଳର କୋଚ୍ ଓ ଗୋମତି ବାରା ମ୍ୟାନେଜର ଅଛନ୍ତି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟବଲ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ସେମିଫାଇନାଲର ଗୋଟିଏ ଦିନ ପୂର୍ବରୁ ମେଣ୍ଟର ଏବଂ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଗୋଆରେ ପହଞ୍ଚିବା ପରେ ଖେଳାଳିଙ୍କୁ ତାଙ୍କ ପରାମର୍ଶ ଦଳ ପାଇଁ ବେଶ୍ ଉପାଦେୟ ହୋଇଥିବା ଜଣାପଡ଼ିଛି।



ମିନି ଗଲ୍ଫରେ ସ୍ୱର୍ଣ୍ଣ ପଦକ ବିଜୟୀ ଅଭିପ୍ସା ପଣ୍ଡା ଓ ବିକାଶ ଚନ୍ଦ୍ର ପଟ୍ଟନାୟକ।

## ମିନି ଗଲ୍ଫରେ ଓଡ଼ିଶାକୁ ସ୍ୱର୍ଣ୍ଣ

### ସିପକ୍‌ଟାକ୍ରରେ ୨ ବ୍ରୋଞ୍ଜ

ଭୁବନେଶ୍ୱର, ୩।୧୧(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଶୁକ୍ରବାର ମିନି ଗଲ୍ଫରେ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ସିପକ୍‌ଟାକ୍ର ଇଭେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ହାସଲ ହୋଇଛି। ୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୭ ବ୍ରୋଞ୍ଜ ସହ ଓଡ଼ିଶାର ପଦକ ସଂଖ୍ୟା ୩୪ରେ ପହଞ୍ଚିଛି। ଅଭିପ୍ସା ପଣ୍ଡା ଓ ବିକାଶ ଚନ୍ଦ୍ର ପଟ୍ଟନାୟକ ମିନି ଗଲ୍ଫ ମିକ୍ସଡ ଡବଲ୍ସରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରତିଯୋଗିତାରେ ମିନି ଗଲ୍ଫରେ ଓଡ଼ିଶାର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ସେହିପରି ସିପକଟାକ୍ରର ଡବଲ୍ସ ଓ କ୍ୱାଡ୍ ଇଭେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ମିଳିଛି। ମହିଳା ଟାଏକୋଣ୍ଡୋର ୭୩ କେଜି ବର୍ଗରେ ଜାହ୍ନବି ମଜୁମଦାର ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ହକି ଦଳ କିନ୍ତୁ ହରିୟାଣା ନିକଟରୁ ୨-୭ ଗୋଲରେ ହାରି ଯାଇଛି। ଓଡ଼ିଶା ପକ୍ଷରୁ ଲିଲିମା ମିଞ୍ଜ୍ ଓ ନେହା ଲାକ୍ରା ଗୋଲ ଦେବାକୁ ସକ୍ଷମ ହୋଇଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ